

ଏଥର ଟାର୍ଗେଟ ମିସ୍ ହେବନି

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776




# ପ୍ରତି ମାସ ୧୬ରେ ପ୍ରକଳ୍ପ ସମୀକ୍ଷା



- ତୃତୀୟ ମଙ୍ଗଳବାର ଶିଳ୍ପ ଅଗ୍ରଗତି ନେଇ ଆଲୋଚନା
- ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରିତାକୁ ଗୁରୁତ୍ୱ
- ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ
- ଫୋକସରେ ଖର୍ଚ୍ଚ ସମୀକ୍ଷା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ପ୍ରତି ମାସ ଜିଲ୍ଲା ସ୍ତରରେ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବେ ବିଭାଗୀୟ ସଚିବ। ଏଥିପାଇଁ ପ୍ରତି ମାସର ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ସେହିଭଳି ପ୍ରତି ମାସର ତୃତୀୟ ମଙ୍ଗଳବାର ସିଙ୍ଗିଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହେବ। ଆଜି ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିକଶିତ ଓଡ଼ିଶା ଗଠନ ନେଇ ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବ ସବୁ ବିଭାଗୀୟ ସଚିବଙ୍କ ସହ ଆଲୋଚନା ବେଳେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି।

ଶ୍ରୀମତୀ ଗର୍ଗଙ୍କ ଅଧକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ବିଭାଗୀୟ ସଚିବମାନଙ୍କର ମାସିକ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସଚିବମାନେ ଯେତେବେଳେ ଜିଲ୍ଲା ଗସ୍ତରେ ଯାଉଛନ୍ତି, ସେମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଧ୍ୟାନ କରିବା ସହ ବିଶେଷକରି ଯେଉଁଠି ପାନୀୟଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି ସେସବୁର ସ୍ଥିତି ସମୀକ୍ଷା କରନ୍ତୁ। ପ୍ରକଳ୍ପ ବିଳମ୍ବ ହେଉଥିଲେ ତା'ର କାରଣ ସମ୍ପର୍କରେ ଜାଣିବା ସହ ତୁରନ୍ତ ସମାଧାନ ପାଇଁ ପରାମର୍ଶ ଦିଅନ୍ତୁ। ପାନୀୟ ଜଳ ଏକ ପ୍ରମୁଖ ଆବଶ୍ୟକତା ଓ ବିଭିନ୍ନ ଜିଲ୍ଲାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ଶେଷ ହେଲେ ସମ୍ପୃକ୍ତ ଗ୍ରାମବାସୀ ଉପକୃତ ହୋଇପାରିବେ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ଟି ଗୁରୁତ୍ୱପୂର୍ଣ୍ଣ ➪ପୃଷ୍ଠା-୬

# ହାଇଦ୍ରାବାଦ ପରେ ମୋହନଙ୍କ ଟାର୍ଗେଟରେ ବଙ୍ଗ



- ଶନିବାର କୋଲକାତାରେ ନିବେଶକ ସମ୍ମିଳନୀ
- ୪ କ୍ଷେତ୍ରର ଶିଳ୍ପପତିଙ୍କ ସହ ରାଉଣ୍ଡ ଟେବୁଲ ବୈଠକ
- ୧୭ରେ ନିବେଶକଙ୍କୁ ସମ୍ବୋଧନ କରିବେ
- ଫୋକସରେ ଟେକ୍ସଟାଇଲ, ଧାତବ୍ୟ, ପ୍ଲାଷ୍ଟିକ ଓ ଔଷଧ ଶିଳ୍ପ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରୁ ଓଡିଶାକୁ ଆସିବ ପୁଞ୍ଜି। ହାଇଦ୍ରାବାଦ ପରେ କୋଲକାତାରେ ପୁଞ୍ଜିନିବେଶ ସମ୍ମିଳନୀ ହେବ। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଶକଙ୍କ ସହ ଆଲୋଚନା କରିବେ। ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ସ୍ୱପ୍ନ ସାକାର କରିବାକୁ ରାଜ୍ୟରେ ବ୍ୟାପକ ଶିଳ୍ପାୟନକୁ ପ୍ରୋତ୍ସାହନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ। ଯେଉଁଥିପାଇଁ ସେ ନିଜେ ନିବେଶକଙ୍କ ସହ ଆଲୋଚନା କରୁଛନ୍ତି।

କୋଲକାତାରେ ହେବାକୁ ଥିବା ନିବେଶକ ସମ୍ମିଳନୀ ପାଇଁ ଆଜି ମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସେଠାକୁ ଗସ୍ତ କରିଛନ୍ତି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ବୟନ, ଧାତବ୍ୟ ଶିଳ୍ପ ଏବଂ ପ୍ଲାଷ୍ଟିକ ଓ ରସାୟନ ଏହି ତିନୋଟି କ୍ଷେତ୍ରର ନିବେଶକଙ୍କ ସହ ରାଉଣ୍ଡ ଟେବୁଲ ଆଲୋଚନା କରିବେ। ଶନିବାର ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଓଡିଶାରେ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ପ୍ରଦାନ କରୁଥିବା ପ୍ରୋତ୍ସାହ ବାବଦରେ ବିସ୍ତୃତ ଭାବେ ସୂଚନା ଦେବେ। ଏଥିସହିତ ଶିଳ୍ପାୟନ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା, ନୂଆ ଶିଳ୍ପ ନୀତି, ନୂଆ ଟେକ୍ସଟାଇଲ ନୀତି, ବାୟୋଟେକ ନୀତି, ପର୍ଯ୍ୟଟନ ନୀତି ଆଦି ସମ୍ପର୍କରେ ନିବେଶକଙ୍କୁ ଅବଗତ କରିବେ ମୁଖ୍ୟମନ୍ତ୍ରୀ। ସେହିଦିନ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଔଷଧ ଶିଳ୍ପ ସହ ଜଡିତ କିଛି ନିବେଶକଙ୍କ ସହ ମଧ ରାଉଣ୍ଡ ଟେବୁଲ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସାମଗ୍ରୀକ ଭାବେ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗରୁ ୪ଟି କ୍ଷେତ୍ରର ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆହ୍ୱାନ ଦେବେ।

ରାଜ୍ୟ ସରକାରଙ୍କ କ୍ରମାଗତ ଉଦ୍ୟମ ଯୋଗୁ ପୁଞ୍ଜିନିବେଶରେ ଓଡିଶା ଦେଶର ଅନ୍ୟତମ ପ୍ରମୁଖ ଆକର୍ଷଣର ରାଜ୍ୟ ପାଲଟିଛି। ୨୦୨୬ ଆର୍ଥିକ ବର୍ଷରେ ଦେଶକୁ ଆସିଥିବା ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରୁ ୧୩.୧ ପ୍ରତିଶତ ପ୍ରସ୍ତାବ ଓଡିଶାକୁ ଆସିଛି। ଏହାଦ୍ୱାରା ଓଡିଶା ନିବେଶକଙ୍କ ପାଇଁ ଦେଶର ଦ୍ୱିତୀୟ ଡେଷ୍ଟିନେସନ ହୋଇଛି। ନିବେଶକଙ୍କ ପାଇଁ ଆକର୍ଷଣୀୟ ଶିଳ୍ପ ନୀତି ସହ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ବିଜେପି ସରକାର ଗଠନ ➪ପୃଷ୍ଠା-୬

# ବିଦାହେଲେ 'ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତକ'





- ନବୀନଙ୍କ ଆତ୍ମାକୁ ବାଧିବାରୁ କାର୍ଯ୍ୟାନୁଷ୍ଠାନ
- ଦଳରୁ ବିରୋଧୀ କାର୍ଯ୍ୟ ହେଲା କାଳ
- ଚକମା ଦେଲେ ମିଷ୍ଟର ଅନପ୍ରେଡିକ୍ଟେବୁଲ

**୪ ଆସନ ପାଇଁ ଚାଲିଥିଲା ଡିଲ**

ଆସନ୍ତା ଏପ୍ରିଲରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଚାରୋଟି ଯାକ ଆସନ କିଭଳି ବିଜେପି ଜିତିବ ସେନେଇ ଚାଲିଥିଲା ଡିଲ। ଏହି ଡିଲ ମୁଖ୍ୟ ସୂତ୍ରଧର ସାଜିଥିଲେ ବିଜୟ ମହାପାତ୍ର। ଏଥିପାଇଁ ନିଜେ ବିଜୟ କିଛି ବିଜେଡି ବିଧାୟକଙ୍କ ସହ ଡିଲ କରୁଥିଲେ। ଆଉ ଏଥିପାଇଁ ଫଣ୍ଡିଂ କରୁଥିଲେ ସନା ମହାକୁଡ। ଏନେଇ ଅରବିନ୍ଦ ମହାପାତ୍ର ନିଜେ ବିଜେଡିର କିଛି ଯୁବ ବିଧାୟକଙ୍କ ସହ ମଧ ଆଲୋଚନା କରିଥିଲେ। ଯାହାର ପ୍ରମାଣ ନବୀନ ପଟ୍ଟନାୟକଙ୍କ ପାଖରେ ପହଞ୍ଚିବା ପରେ ଦଳ ପ୍ରତି ହେଉଥିବା ଏଭଳି ବିଶ୍ୱାସଘକତା ତାଙ୍କୁ ଭୀଷଣ ଆଘାତ ଦେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଗୁରୁବାର ସନ୍ଧ୍ୟାରେ ରାଜ୍ୟ ରାଜନୀତିର ମିଷ୍ଟର ଅନପ୍ରେଡିକ୍ଟେବୁଲ ସମସ୍ତଙ୍କୁ ଦେଲେ ଚକମା। ବିଜେଡି ବିରୋଧରେ ବାରମ୍ବାର ଗଣମାଧମରେ ବିବୃତି ଦେଉଥିବା ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ସହ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କଲେ ନବୀନ ପଟ୍ଟନାୟକ। ସନା ମହାକୁଡଙ୍କ ରାଜନୈତିକ କାର୍ଯ୍ୟ ସନ୍ଦେହରେ ଥିବା ବେଳେ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରିଛି ଅରବିନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ। ତେବେ ଦଳ ତରଫରୁ ଏହି କାର୍ଯ୍ୟାନୁଷ୍ଠାନର ଯେଉଁ କାରଣ ଦର୍ଶାଯାଇଛି ତାହା ଆହୁରି ସାଂଘାତିକ। ନିଲମ୍ବିତ ଏହି ଦୁଇ ନେତାଙ୍କୁ ବିଜେଡି ସଭାପତି 'ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତକ'ର ଆଖ୍ୟା ଦେଇଛନ୍ତି।

ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଗତ ୨୦୨୪ ନିର୍ବାଚନର କିଛି ମାସ ପୂର୍ବରୁ ବିଜେଡିରେ ଯୋଗ ଦେଇ ପାଟକୁରା ଆସନରୁ ପ୍ରତିଦ୍ୱନ୍ଦିତା କରି ଜତିଥିଲେ। ନବୀନଙ୍କ ପାରମ୍ପରିକ ରାଜନୈତିକ ଶତ୍ରୁ ବିଜୟ ମହାପାତ୍ରଙ୍କ ପୁଅ ବିଜେଡିରେ ମିଶିବା ସେ ସମୟରେ ଯେତିକ ଚର୍ଚ୍ଚା ସୃଷ୍ଟି କରିଥିଲା, ଏବେ ତାଙ୍କୁ ଦଳରୁ ନିଲମ୍ବିତ ➪ପୃଷ୍ଠା-୬

## ଭାରତ ସୀମାରେ ପଶିଲା ପାକିସ୍ତାନୀ ଡଙ୍ଗା
# ୯ ମତ୍ସ୍ୟଜୀବୀ ଗିରଫ



**ନୂଆଦିଲ୍ଲୀ,୧୫।୧:** ସମ୍ପ୍ରତି ପଡ଼ୋଶୀ ଦେଶ ପକ୍ଷରୁ ଅନୁପ୍ରବେଶ ଆଶଙ୍କା କରି ଭାରତୀୟ ତଟରକ୍ଷୀ ବାହିନୀ ଆରବ ସାଗରରେ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଜାରି ରଖିଛି। ଏହି କ୍ରମରେ ଆଜି ତଟରକ୍ଷୀ ବାହିନୀ ଏକ ପାକିସ୍ତାନୀ ମାଛଧରା ଡଙ୍ଗାକୁ ଧରିବା ସହ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏହି ଡଙ୍ଗା ଭାରତୀୟ ଜଳସୀମାରେ ବେଆଇନ ଭାବରେ ପ୍ରବେଶ କରିଥିଲା। ଡଙ୍ଗାରେ ମୋଟ ୯ ଜଣ ମତ୍ସ୍ୟଜୀବୀ ଥିଲେ। ତଟରକ୍ଷୀ ବାହିନୀ ଡଙ୍ଗାକୁ ➪ପୃଷ୍ଠା-୬

## ରାଷ୍ଟ୍ରମଣ୍ଡଳ ଦେଶର ବାଚସ୍ପତିଙ୍କ ସମ୍ମିଳନୀରେ ମୋଦି
# ବିବିଧତାକୁ ଶକ୍ତିରେ ପରିଣତ କରିଛି ଭାରତ



**ନୂଆଦିଲ୍ଲୀ,୧୫।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ସଂସଦ ପରିସରରେ ଥିବା ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ରାଷ୍ଟ୍ରମଣ୍ଡଳ ବାଚସ୍ପତି ଓ ପୀଠାସୀନ ଅଧିକାରୀଙ୍କ ୨୮ତମ ସମ୍ମିଳନୀ (ସିଏସପିଓସି)କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏକ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିଙ୍କ ଭୂମିକା ଅନନ୍ୟ। ବାଚସ୍ପତିଙ୍କୁ କହିବାକୁ ଅଧିକ ସୁଯୋଗ ମିଳେ ନାହିଁ, କିନ୍ତୁ ତାଙ୍କର ଦାୟିତ୍ୱ ହେଉଛି ଅନ୍ୟମାନଙ୍କ କଥା ଶୁଣିବା ଓ ସମସ୍ତଙ୍କୁ କହିବାର ସୁଯୋଗ ଦେବା। ଧୈର୍ଯ୍ୟ ହେଉଛି ସେମାନଙ୍କର ସବୁଠାରୁ ସାଧାରଣ ଗୁଣ, ଯେଉଁମାନେ ହସ ହସରେ କୋଳାହଳପୂର୍ଣ୍ଣ ଓ ଅତ୍ୟଧିକ ଉତ୍ସାହିତ ସଦସ୍ୟମାନଙ୍କୁ ମଧ ନିୟନ୍ତ୍ରଣରେ ରଖିଥାନ୍ତି। ଶ୍ରୀ ମୋଦି ଆହୁରି କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ଯେଉଁ ସ୍ଥାନରେ ବସିଛନ୍ତି ତାହା ଭାରତର ଗଣତାନ୍ତ୍ରିକ ଯାତ୍ରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଉପନିବେଶବାଦୀ ଶାସନର ଶେଷ ବର୍ଷଗୁଡ଼ିକରେ ଯେତେବେଳେ ଭାରତର ସ୍ୱାଧୀନତା ପାଖେଇ ଆସୁଥିଲା, ➪ପୃଷ୍ଠା-୬

# ଓଡ଼ିଶାକୁ ନାହିଁ ନିପା ଭୟ

**ସ୍ପଷ୍ଟ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ**




**ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ବଢ଼ିନି ସଂକ୍ରମିତଙ୍କ ସଂଖ୍ୟା। ତେଣୁ ଓଡ଼ିଶାକୁ ଏହି ଭୂତାଣୁ ସଂକ୍ରମିତ ହେବା ନେଇ କୌଣସି ପ୍ରକାର ବିପଦ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି ନ କରିବା ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ସମସ୍ୟା ହେବାର ନାହିଁ।

ନିକଟରେ ପଶ୍ଚିମବଙ୍ଗରେ ନିପା ଭାଇରସରେ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ହୋଇଥିବା ନେଇ ଖବର ମିଳିଥିଲା। କିନ୍ତୁ ଏନେଇ କେନ୍ଦ୍ର ସରକାର କୌଣସି ପ୍ରକାର ନିର୍ଦ୍ଦେଶନାମା ଜାରି କରିନାହାନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ୨୦୨୩ ମାର୍ଗଦର୍ଶିକାକୁ ପାଳନ କରାଯାଉଛି। ସେହିପରି ଓଡ଼ିଶାର କୌଣସି ସ୍ଥାନରେ ଅଦ୍ୟାବଧି ନିପା ଭାଇରସ ରୋଗୀ ଚିହ୍ନଟ ହୋଇନାହାନ୍ତି। ଭାରତ ସରକାରଙ୍କ ଏକ ଟିମ୍ ପଶ୍ଚିମବଙ୍ଗ ଯାଇ ଏହି ଭୂତାଣୁ ସଂକ୍ରମଣ ଉପରେ କାମ କରୁଛନ୍ତି। ଓଡ଼ିଶା ସରକାର ବି କେନ୍ଦ୍ର ସହ ନିୟମିତ ➪ପୃଷ୍ଠା-୬

## 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ
# ନୂଆ ଆର୍ଥିକ ଅଧ୍ୟାୟ ତିଆରି କରିବ ଓଡ଼ିଶା



- ଓଡ଼ିଶାକୁ ମ୍ୟାନୁଫ୍ୟାକ୍ଚରିଂ ହବ୍ ଭାବେ ଗଢ଼ିବାକୁ ଆହ୍ୱାନ
- 'ପୂର୍ବୋଦୟ' ପରିକଳ୍ପନାରେ କେନ୍ଦ୍ରରେ ରହିଛି ଓଡ଼ିଶା

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଓଡ଼ିଶାର ଅପାର ସମ୍ଭାବନା ଯଥା ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି, ସୁଦୀର୍ଘ ବେଳାଭୂମିର ବନ୍ଦର ଓ ନୂତନ ଯୁଗର ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ଏକ ସମୃଦ୍ଧ ଅର୍ଥନୈତିକ ଅଧ୍ୟାୟ ସୃଷ୍ଟି କରିବା ଆଜି ସମୟର ଆହ୍ୱାନ। ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆଜି ଅନୁଷ୍ଠିତ 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ➪ପୃଷ୍ଠା-୬



**କାନ ଡେରିଥା**

ସାରଥୀ ଭକତ ଏକାଠି ହେଲେଣି
ନାମ ସଂକୀର୍ତ୍ତନ କରି
ଲକେଟ ତାଙ୍କର ବେକରେ ଝୁଲାଇ
ଭକତି ଦେଲେଣି ଭରି
ତାଙ୍କୁ ମନେ ଝୁରି ଝୁରି...
ଜନ୍ମାଷ୍ଟମୀରେ ସିଏ ସାଜୁଥିଲେ
ଶ୍ରୀକୃଷ୍ଣଙ୍କ ବେଶ ଧାରୀ ।

ଦେବାଶିଷ

# ପୁଣି ଶ୍ରୀମନ୍ଦିରରେ ମୋବାଇଲ୍ ଠାବ

- କଥା ହେବା ବେଳର ଫଟୋ ଭାଇରାଲ୍
- ସିଂହଦ୍ୱାର ଥାନାରେ ମାମଲା



**ପୁରୀ,୧୫।୧(ସଂଚାର ବ୍ୟୁରୋ):** ନିୟମିତ ଭାବେ ଶ୍ରୀମନ୍ଦିର ଭିତରେ ପଶୁଛି ମୋବାଇଲ୍। ସାଧାରଣ ଭକ୍ତ ପାଇଁ ପୁଲିସ୍ ଶ୍ରୀମନ୍ଦିର ଦୁଆରେ ଯାଞ୍ଚ୍ କରି ମୋବାଇଲ୍‌ର ପ୍ରବେଶକୁ ରୋକୁଥିଲେ ହେଁ ଅନେକ ସମୟରେ ମୋବାଇଲ୍ ମନ୍ଦିର ବେଢ଼ାରେ ଠାବ ହେଉଛି। ତେଣୁ ବିଭିନ୍ନ ସମୟରେ ସୋସିଆଲ୍ ମିଡିଆରେ ଶ୍ରୀମନ୍ଦିର ଭିତରର ଦୃଶ୍ୟ ଭାଇରାଲ୍ ହେଉଛି। ଏହି କ୍ରମରେ ଆଜି ପୁଣିଥରେ ମନ୍ଦିରରେ ମୋବାଇଲ୍ ପ୍ରବେଶ ଉପରେ ଥିବା କଟକଣାକୁ ଫୁ' କରିଦିଆଯାଇଛି। ଜଣେ ବ୍ୟକ୍ତି ବେଶ୍ ଆରାମରେ ଖୁଲମଖୁଲା ମୋବାଇଲ ଫୋନ୍‌ରେ କଥା ହେବା ସମୟର ଭିଡିଓ ଓ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏହି ଘଟଣାରେ ସିଂହଦ୍ୱାର ଥାନାରେ ମାମଲା ମଧ ରୁଜୁ ହୋଇଛି। ➪ପୃଷ୍ଠା-୬

# ବିଜେପି-ବିଜେଡି ସହମତିରେ ୪ର୍ଥ ପ୍ରାର୍ଥୀ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଆସନ୍ତା ଏପ୍ରିଲରେ ରାଜ୍ୟସଭାର ୪ଟି ଆସନ ପାଇଁ ହେବାକୁ ଯାଉଥିବା ନିର୍ବାଚନରେ ବିଜେପି ତିନିଟି ଆସନ ହାତେଇ ନେବ। ବିଜେଡି ଦୁଇ ବିଧାୟକ ଦଳର ନିଲମ୍ବନ ହେବା ଓ ନିର୍ବାଚନରେ ବ୍ୟାପକ କ୍ରସ ଭୋଟିଂ ହେବାର ଆଲୋଚନା ଭିତରେ ଏଭଳି ଆକଳନ କରାଯାଉଛି।



- ବିଜେଡି ହଲଚଲରୁ ଆକଳନ
- ବଡ଼ ଧରଣର କ୍ରସ ଭୋଟିଂ ଆଶଙ୍କା

ଉଲ୍ଲେଖନୀୟ ଯେ ଏପ୍ରିଲ୍ ମାସରେ ୪ଟି ରାଜ୍ୟସଭା ଆସନ ପାଇଁ ଭୋଟ ହେବାକୁ ଯାଉଥିବାବେଳେ ବିଧାନସଭାରେ ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେପି ନିଜ ବଳରେ ୨ଟି ଓ ବିଜେଡି ଗୋଟିଏ ଆସନରେ ସୁରୁଖୁରୁରେ ବିଜୟୀ କରିବେ। ଚତୁର୍ଥ ଆସନ ପାଇଁ ଯେକୌଣସି ଦୁଇଟି ଦଳ ହାତ ମିଳାଇବା ନିହାତି ଆବଶ୍ୟକ ବୋଲି କୁହାଯାଉଥିଲା। କାରଣ ଦୁଇଜଣ ପ୍ରାର୍ଥୀଙ୍କୁ ଜିତାଇଲା ପରେ ବିଜେପି ଓ ଏହାର ସହଯୋଗୀ ସଦସ୍ୟଙ୍କର ୨୨ଟି ପ୍ରଥମ ପସନ୍ଦ ଭୋଟ ରହିଥିବାବେଳେ ବଜେଡିର ୨୦ ଏବଂ କଂଗ୍ରେସର ୧୪ଟି ରହିବ। ତେଣୁ ଯେକୌଣସି ଦୁଇଦଳ ହାତ ମିଳାଇ ଚତୁର୍ଥ ପ୍ରାର୍ଥୀଙ୍କୁ ପ୍ରଥମ ପସନ୍ଦର ଭୋଟ ଦେବା ସହିତ ସମ୍ପୃକ୍ତ ପ୍ରାର୍ଥୀଙ୍କର ୩୭ରୁ କମ୍ ଭୋଟ ହେଲେ ଅଧିକ ସଂଖ୍ୟକ ଦ୍ୱିତୀୟ ପସନ୍ଦ ଭୋଟ ଆବଶ୍ୟକ ପଡିବ।

ଏଭଳି ସ୍ଥିତିରେ ବିଜେଡି ତାହାର ଦୁଇ ବିଧାୟକଙ୍କୁ ନିଲମ୍ବନ କରିବା ସହିତ ବାଚସ୍ପତିଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଥିବାରୁ ସେମାନଙ୍କ ଭୋଟ ଆଉ ବିଜେଡିକୁ ଯିବାର ସମ୍ଭାବନା ପ୍ରାୟତଃ ନାହିଁ। ତେଣୁ ବିଜେଡି ହାତରେ ପ୍ରଥମ ପସନ୍ଦର ଭୋଟ ସଂଖ୍ୟା ୧୮କୁ ହ୍ରାସ ପାଇବ। ଯଦି ବିଜେଡି ତାହାର ପ୍ରାର୍ଥୀଙ୍କୁ ୩୭ଟି ପ୍ରଥମ ପସନ୍ଦ ଭୋଟ ଦେଇ ବିଜୟ ନିଶ୍ଚିତ କରିବ ତେବେ ହାତରେ ମାତ୍ର ୧୧ଟି ➪ପୃଷ୍ଠା-୬

**ଦୁଇଜଣଙ୍କୁ ଦଳକୁ ଆଣିଥିଲେ କ୍ରୀତଦାସ**

ଆଜି ବିଜେଡି ନିଲମ୍ବନ କରିଥିବା ଦୁଇ ବିଧାୟକ ଅରବିନ୍ଦ ଓ ସନାତନଙ୍କୁ ଦଳରେ ମିଶାଇବାରେ କ୍ରୀତଦାସ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ହେଲେ ନିଲମ୍ବନ ସମୟରେ କ୍ରୀତଦାସଙ୍କର ଦେଖାଦର୍ଶନ ନଥିବାରୁ କର୍ମୀଙ୍କର ସନ୍ଦେହ ବଢ଼ିବାରେ ଲାଗିଛି। ସନାତନ ପ୍ରଥମେ ସ୍ୱାଧୀନ ବିଧାୟକ ଥିବାବେଳେ ପରେ ବିଜେଡିର ସହଯୋଗୀ ସଦସ୍ୟ ହୋଇଥିଲେ। ହେଲେ ତାଙ୍କୁ ବିଜେଡିରେ ମିଶାଇଥିଲେ କ୍ରୀତଦାସ। ସେହିଭଳି ନବୀନଙ୍କ ଏକ ନମ୍ବର ଶତ୍ରୁ କୁହାଯାଉଥିବା ବିଜୟ ମହାପାତ୍ରଙ୍କ ପୁତ୍ର ଅରବିନ୍ଦଙ୍କୁ ମଧ କ୍ରୀତଦାସ ➪ପୃଷ୍ଠା-୬


**SIKSHA 'O' ANUSANDHAN**

SIKSHA 'O' ANUSANDHAN (DEEMED TO BE UNIVERSITY)

# SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ ଶାରଦା



**ନିଶ୍ଚିନ୍ତକୋଇଲି, ୧୫।୧ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଝାଡ଼େଶ୍ୱରପୁର ପଞ୍ଚାୟତରେ ତିନି ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ ମାହାଙ୍ଗା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କୁ ତାଙ୍କ ସମର୍ଥକମାନେ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ନରୁଆ ମଙ୍ଗଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ମଙ୍ଗଳପୁର ଠାରେ କଲ୍ୟାଣମଣ୍ଡପର ଶୁଭ ଶିଳାନ୍ୟାସ ଏବଂ ମଙ୍ଗଳପୁରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର (ଉପସ୍ୱାସ୍ଥ୍ୟ କେନ୍ଦ୍ର) ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରିଥିଲେ। ନରୁଆ ମଙ୍ଗଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ଅନ୍ୟ ଦୁଇଟି ପ୍ରକଳ୍ପ ପର୍ଯ୍ୟନ୍ତ ବିଧାୟକ ଶ୍ରୀ ପ୍ରଧାନ ସମର୍ଥକ ମାନଙ୍କ ସହ ଚାଲି ଚାଲି ଯିବା ସହିତ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ପାନୀୟଜଳ ଆଦି ସମସ୍ୟାର ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ କୁମାର ଦାସ, ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ସରପଞ୍ଚ ଅନିଲ କୁମାର ଦଳାଇ, ସମିତିସଭ୍ୟ ଆଶିଷ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜିତକିଶୋର ଦାସ, ମଥୁରୀ ପଲେଇ, ଅନୁସୟା ମହାନ୍ତି, ପ୍ରଧାନଶିକ୍ଷକ ଦୀପକ କୁମାର ବାରିକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଜନପ୍ରତିନିଧି, ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଉଦ୍‌ଘାଟିତ



**କେନ୍ଦ୍ରାପଡା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ତିନିମୁହାଣୀ ସ୍ଥିତ ମାରୁତି ସୋଲାର ସିଷ୍ଟମ କାର୍ଯ୍ୟାଳୟରେ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ନଗରପାଳ ସରିତା ସାହୁଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରି କହିଲେ ଏହି ଯୋଜନାରେ ସୌରଶକ୍ତି ମାଧ୍ୟମରେ ପ୍ରତି ମାସରେ ବିନା ଦେୟରେ ବିଦ୍ୟୁତ ଉପଭୋକ୍ତାମାନେ ବିଜୁଳି ଶକ୍ତି ପାଇ ପାରିବେ । ଏହାଦ୍ୱାରା ଜଳଶକ୍ତି ଓ ତାପଜ ଶକ୍ତି ଉପରେ ନିର୍ଭରଶୀଳତା କମିବା ସହିତ ଶକ୍ତି ସଂରକ୍ଷଣ କରାଯାଇ ପାରିବ । ୨ ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟର ଏହି ସୌରଶକ୍ତି ପ୍ୟାନେଲ ୬୨ ହଜାର ଟଙ୍କାରେ ଲୋକେ ପାଇ ପାରିବେ । ଲୋକଙ୍କୁ ବ୍ୟାଙ୍କ ଜରିଆରେ କ୍ଷୁଦ୍ର ସୁଧ ହାରରେ ଏହା ଯୋଗାଇ ଦେବା ପାଇଁ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଲୋକେ ୧୦ ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବାର ବ୍ୟବସ୍ଥା ମଧ ରହିଛି । ଏହି ଉଦଘାଟନୀ ଉତ୍ସବରେ ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ପୌର ସଭ୍ୟ ପ୍ରଦୀପ୍ତ ଜେନା, ଉମେଶ ନାୟକ, ପ୍ରଭାଶିଶ ପଣ୍ଡା, କାଳି ପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିବଜୁର ରହେମାନ, , ଶିକ୍ଷାବିତ ଡ. ଚୈତନ୍ୟ ଚରଣ ପରିଡା, ମାରୁତି ସୋଲାରର ନିର୍ଦ୍ଦେଶକ ଉମାଶଙ୍କର ଜେନା, ପରିଚାଳକ ବିଶ୍ୱଜିତ ବାରିକ, ଲିଙ୍କି ଲେଙ୍କା, ଈତିଶ୍ରୀ ଦାସ, ଚିନ୍ମୟୀ ଦଳାଇ, ମମତା ଥାପା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାରେ ଡିଜିଟାଲ ଫସଲ ସର୍ଭେ ଓ ରବି ଋତୁ ନିମନ୍ତେ ବୈଠକ



**କେନ୍ଦ୍ରାପଡା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା ଜିଲ୍ଲାରେ ଡିଜିଟାଲ ଫସଲ ସର୍ଭେ ଓ ରବି ଋତୁ ୨୦୨୫-୨୬ ନିମନ୍ତେ ପ୍ରସ୍ତୁତିକରଣ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ ସଂଯୋଜନା ରେ ସମସ୍ତ କୃଷି ଆନୁସଙ୍ଗୀକ ବିଷୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଜଳସେଚନ, ବିହନ ଯୋଗାଣ, ଚାଷୀ ମାନଙ୍କ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରା ଯାଇଥିଲା । ଡିଜିଟାଲ ଫସଲ ଅନୁଧାନ ସଂପର୍କରେ ଆଲୋଚନା କରାଯାଇ କିପରି ଅଧିକ ଭାବରେ ଜମିକୁ ଅନୁଧାନ କରାଯାଇ କେତେ ପରିମାଣରେ କେଉଁ କେଉଁ ଫସଲ ଚାଷ ହେଉଛି ସେ ବାବଦରେ ଉପସ୍ଥିତ ଥିବା ୯ଟି ବ୍ଲକର ମଣ୍ଡଳ କୃଷି ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସ୍କୁଲ ଘରେ ଚାଲିଛି ଡାକ୍ତରଖାନା

- ନିଜସ୍ୱ ଗୃହ ନିର୍ମାଣ ସତ୍ତ୍ୱେ ୪୬ବର୍ଷ ହେବ ସ୍କୁଲଘରେ ରୋଗୀସେବା
- ଭୂତକୋଠି ପାଲଟିଛି ନୂଆକୋଠା
- ଉଦ୍‌ଘାଟନ ଆଉ ହେବ ତ !

**ରାଜକନିକା, ୧୫।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅଧିନସ୍ଥ ହାଟସାହିଠାରେ ୧୯୮୦ମସିହାରେ ଆରମ୍ଭ ହୋଇଥିଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଏଠାରେ ହୋମିଓପାଥିକ୍ ରୋଗର ଚିକିତ୍ସା ନିମନ୍ତେ ହାଟସାହି ବିଦ୍ୟାଳୟର ଏକ କୋଠରୀକୁ ବ୍ୟବହାର କରା ଯାଇଥିଲା। ବିଡମ୍ବନାର ବିଷୟ ଇତି ମଧ୍ୟରେ ୪୬ ବର୍ଷ ପରେ ବି ସେଇ ସ୍କୁଲ ଘରେ ରୋଗୀସେବା ଚାଲିଛି। ଅଥଚ ଡାକ୍ତରଖାନାର ନିଜସ୍ୱ ଗୃହ ୧୧ବର୍ଷ ତଳେ ନିର୍ମାଣ ସରିଥିଲେ ବି ଏଯାବତ୍ ତାହା ହସ୍ତାନ୍ତର ହୋଇନାହିଁ କି ଡାକ୍ତରଖାନା ଗୃହ ପ୍ରବେଶ କରିନାହିଁ । ଯାହାକି ଏବେ ବିଭାଗୀୟ ପାରିଲାପଣିଆ ଉପରେ ପ୍ରଶ୍ନ ଛିଡା କରାଇଛି ।

ଅଞ୍ଚଳବାସୀଙ୍କ ଅଭିଯୋଗ ଆଧାରରେ ପଶ୍ଚିମାଞ୍ଚଳର ଏହି ଉପାନ୍ତଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତର ହଜାର ହଜାର ଲୋକ ଏହି ମେଡିକାଲ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ । ହେଲେ ବିଭାଗୀୟ ଉଦାସିନତା ପାଇଁ କିନ୍ତୁ ନିଜସ୍ୱ ଘର ଥାଇ ବେଘର ହୋଇ ପଡି ରହିଛି ମେଡିକାଲ। ପ୍ରତ୍ୟହ ୪୦ରୁ ୫୦ରୋଗୀ ଆସିଥାଆନ୍ତି। ସ୍କୁଲ ଘରେ କଳାପଟା ପାଖରେ ରୋଗୀ ସେବା ସହିତ ପେଟି ପେଟି ମେଡିସିନ୍ ଏଣେତେଣେ ଥାଇ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଚକିତ କଲା ଭଳି କଥା ହେଉଛି ଯେ ଏହି ମେଡିକାଲ ନିମନ୍ତେ ଏକ ନୂତନ ଗୃହ ୨୦୧୫ରେ ନିର୍ମାଣ ସରିଛି। ଏଥିରେ ସର୍ବମୋଟ ୧୫ଲକ୍ଷ ଟଙ୍କା ସେତେବେଳେ ବ୍ୟୟ ବରାଦ ହୋଇଥିଲା। ଏହା ଭିତରେ ୧୧ବର୍ଷ ବି ବିତିଲାଣି। ଅଥଚ ଗୃହଟି ମେଡିକାଲକୁ ହସ୍ତାନ୍ତର ହୋଇ ପାରିନାହିଁ କି ଉଦ୍‌ଘାଟନ ହେଲା ନାହିଁ ।

ନୂଆ ଗୃହଟି ଏବେ ଉଦ୍‌ଘାଟନ ଆଗରୁ ସତ୍ତା ହରେଇ ଜରାଜୀର୍ଣ୍ଣ ହୋଇ ପଡିଲାଣି। କାନ୍ଥ ଫାଟିଛି।ଗଛ ଉଠିଲାଣି। ପାଣି ବି ଟପ୍ ଟପ୍ ଖସୁଛି। ଘରର କବାଟ ଝରକା ଆପେ ଆପେ ଭାଙ୍ଗିତୁଟି ଗଲାଣି। ଭଙ୍ଗା କବାଟ ବାଟେ ବିଷଧର ସର୍ପ ବି ଘର ଭିତରେ ଆସ୍ଥାନ ଜମାଇ ଘରଟି ଏବେ ଭୂତକୋଠି ପାଲଟି ଯାଇଛି । ଏମିତିକି ନୂତନ ଗୃହକୁ ଯିବା ପାଇଁ ରାସ୍ତା ନ ଥିବାରୁ ମେଡିକାଲ ଘର ଅପାନ୍ତେୟ ଭାବେ ନିର୍ମାଣ ହୋଇ ସତ୍ତା ହରାଇଛି । ଦୀର୍ଘବର୍ଷ ହେବ ମେଡିକାଲଟିର ଏଭଳି ବିକଳ ସ୍ଥିତି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।



### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ ଧମକ ମହଙ୍ଗା ପଡିଲା

# ଅଭିଯୁକ୍ତକୁ ଗିରଫ କଲା ମହାକାଳପଡ଼ା ପୁଲିସ

**ମହାକାଳପଡା, ୧୫।୧ (ସଂଚାର ବ୍ୟୁରୋ):** ଜଣେ ବିବାହିତା ମହିଳାଙ୍କୁ ଜଣେ ବ୍ୟକ୍ତି ବଳାତ୍କାର ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ କରିବା ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୀଡିତା ମହିଳା। ମହିଳାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଗିରଫ କରିଛି ମହାକାଳପଡ଼ା ପୁଲିସ।



ଲିଖିତ ଏତଲା ଅନୁଯାୟୀ ମହାକାଳପଡ଼ା ଥାନା ଅଧୀନ ଜହଁରା ଗ୍ରାମର ପ୍ରଭାତୀ ସାହୁ ନିଜ ସ୍ୱାମୀ, ୫ ବର୍ଷର କନ୍ୟା ଓ ଶାଶୁଙ୍କ ସହ ରହିଆସୁଥିଲେ। ପ୍ରଭାତୀଙ୍କ ସ୍ୱାମୀ କାମ ସୂତ୍ରରେ ବାହାରେ ଥିବା ସୁଯୋଗକୁ ନେଇ ସେହି ଗ୍ରାମର ଅଶୋକ ସେଠୀ ବାରମ୍ବାର ତାଙ୍କ ଘରକୁ ଆସୁଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ ଶାଶୁମାଆ ଘରେ ନଥିବା ବେଳେ ମହିଳାଙ୍କୁ ଏକାକୀ ପାଇ ବଳପୂର୍ବକ ଅଶୋକ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ଚେଷ୍ଟା କରିଥିଲେ। ହେଲେ ଏହାକୁ ବିରୋଧ କରିଥିଲେ ମହିଳା ଜଣଙ୍କ। ମହିଳାଙ୍କ ଘରକୁ ଯିବା ଏବଂ ତାଙ୍କ ସହିତ କଥା ହେବାରେ ସେ ଅଶୋକଙ୍କୁ ବିରୋଧ କରିବାରୁ ସେ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ ସହିତ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ସାର୍ବଜନୀନ ସ୍ଥାନରେ ମହିଳାଙ୍କୁ ଅଶ୍ଳୀଳ ମନ୍ତବ୍ୟ ଏବଂ ଇଙ୍ଗିତ ଦେଇ ଚାଲିଥିଲେ ବ୍ୟକ୍ତି ଜଣକ। ତାଙ୍କ କଥାରେ ରାଜି ନହେଲେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବାକୁ ଧମକ ଦେଇଥିଲେ ଅଶୋକ। ଏ ସମ୍ପର୍କରେ ପ୍ରଭାତୀ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ–୨୬ ଅନୁଯାୟୀ ବିଏନ୍‌ଏସ୍ ଧାରା ଅଧିନିୟମ ୧୨୬(୨)/ ୭୪/ ୭୫/ ୭୬/ ୭୮/ ୧୧୫(୨)/ ୩୫୧(୨) ଆଧାରରେ ଅଭିଯୁକ୍ତକୁ ଗିରଫ କରିଥିବା ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣ ମଦ ଜବତ



**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତୋବଧନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ପାଟକୁରା, ପଟ୍ଟାମୁଣ୍ଡାଇ ଟାଉନ ଓ ପଟ୍ଟାମୁଣ୍ଡାଇ ରୁରାଲ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ଚଢାଉ କରାଯାଇ ଶାନମୂଳବସନ୍ତ ଗ୍ରାମର ଚନ୍ଦ୍ରଶେଖର ସେଠୀଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ଲୋକନାଥପୁର ଗ୍ରାମର ରାଜେନ୍ଦ୍ର ମଳିକଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ସିଂହନାଥପୁର ଗ୍ରାମର ଦିପୁ ନାୟକଙ୍କ ଠାରୁ ୨୪ ଲିଟର ଦେଶୀ ମଦ, ତିଖିରୀ ଗ୍ରାମର କଙ୍କଳି ବେହେରାଙ୍କ ଠାରୁ ୯୧୫ ଲିଟରଦେଶୀ ରନ୍ଧା ଗୁଡ ପୋଚ, ନାଳଦିଅପାଳଦ ଗ୍ରାମର ଅରୁଣ କୁମାର ବେହେରାଙ୍କ ଠାରୁ ୧୪ ବିଦେଶୀ ମଦ, ସିନ୍ଧା ଗ୍ରାମର ରଞ୍ଜନ ନାୟକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ବନ୍ଧକଟା ଗ୍ରାମର ଗଣେଶ ବେହେରାଙ୍କ ଠାରୁ ୨୨ ଲିଟର ଦେଶୀ ମଦ, ସମୁଦାୟ ୧୦୩୦ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧାଗୁଡ ପୋଚା ମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

## ଭାଟପଡ଼ା ଧାନମଣ୍ଡି ଉଦ୍‌ଘାଟିତ

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଆଜି ଉଦ୍ଘାଟିତ ହୋଇଛି। ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି କଳ୍ପତରୁ ଜେନା ଧାନମଣ୍ଡିକୁ ଉଦ୍ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନୀଳମଣି ପ୍ରଧାନ, ସମାଜସେବୀ ଧର୍ମେନ୍ଦ୍ର କୁଣ୍ଡ, ଧର୍ମାନନ୍ଦ ପରିଡା, କ୍ଷୀରୋଦ କୁମାର ରାଉତ , ଅକ୍ଷୟ କୁମାର ସ୍ୱାଇଁ, ବିଶ୍ୱନାଥ ସେଠୀ, ରାଜକିଶୋର ରାଉତ, ମାଧବାନନ୍ଦ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଅମିୟ କୁମାର ମହାନ୍ତି, ସୁଧୀର କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ ରଞ୍ଜିତ କୁମାର ବାରିକ, ଭରତ ମଲ୍ଲିକ, ପ୍ରମୋଦ କୁମାର ମଲ୍ଲିକ, ସୁବ୍ରତ ମଲ୍ଲିକ, ରବୀନ୍ଦ୍ର ସ୍ୱାଇଁ, ମନୋଜ କୁମାର ମହାନ୍ତି, ସଞ୍ଜୟ କୁମାର ରାଉତ, ଅନନ୍ତ ଚରଣ କୁଣ୍ଡ , କ୍ଷେତ୍ରବାସୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେବା ସମବାୟ ସମିତିର ଆଶିଷ କୁମାର ସ୍ୱାଇଁ, ପ୍ରିୟ ରଞ୍ଜନ୍ ରାଉତ, ଅଚ୍ୟୁତାନନ୍ଦ ସ୍ୱାଇଁ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାହିତ୍ୟ ପରିବେଶ ଓ ପର୍ଯ୍ୟଟନକୁ ନେଇ 'ପ୍ରକୃତି' ପତ୍ରିକା ଉନ୍ମୋଚନ

**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତିନିମୁହାଣୀ ସ୍ଥିତ ରାମମନ୍ଦିର ଗୃହରେ ଆଜି ସାହିତ୍ୟ, ପରିବେଶ ଏବଂ ପର୍ଯ୍ୟଟନ ଆନ୍ଦୋଳନ କୁ ନେଇ ଲେଖକ ଶ୍ରୀ ପ୍ରମୋଦ କୁମାର ଦାସଙ୍କ ପ୍ରକୃତି ନାମକ ପତ୍ରିକା ର ସୁଭ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମବାୟ ବିତ୍ତ ତଥା କେନ୍ଦ୍ରାପଡ଼ା କୋଅପରେଟିବ ବ୍ୟାଙ୍କ ସଭାପତି ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ । ବିଶିଷ୍ଟ ବକ୍ତା ସମୀର କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ଅକ୍ଷୟ କୁମାର ଦାସ, ସଂମ୍ମାନନୀୟ ଅତିଥି ପବିତ୍ର ବ୍ରହ୍ମପୁତ୍ର ନାୟକ, ସଂମ୍ମାନିୟ ବକ୍ତା ଶରତ କୁମାର ରାଉତ, ବିଶିଷ୍ଟ ଅତିଥି ଶ୍ରୀ ଶ୍ରୀଧର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଥମେ ପ୍ରଭୁ ବଳଦେବଜୀଉଙ୍କ ବିଗ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ପରେ ପତ୍ରିକା ଉନ୍ମୋଚନ କାର୍ଯ୍ୟ ହୋଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ରାଜନଗର ଚିତ୍ର ଶିଳ୍ପୀ ମହେନ୍ଦ୍ର କୁମାର ରାଉତ ଏବଂ କବି ଶ୍ରୀ ନାରାୟଣ କୁମାର ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକୃତି ପତ୍ରିକା ଉନ୍ମୋଚନ ଉତ୍ସବ ର ମୁଖ୍ୟ ଅତିଥି ଶ୍ରୀ ପ୍ରମୋଦ କୁମାର ସାହୁ କେନ୍ଦ୍ରାପଡ଼ାର ସମ୍ପଦ କୁହାଯାଉଥିବା ଭିତରକନିକା ରହିଥିବାରେ ଥିବା ଗଛିତ ପ୍ରକୃତିର ମାଧୁର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହିଭଳି ହୃଦୟ ପର୍ଶି ଘଟଣା ଗୁଡିକ ଏହି ପ୍ରକୃତି ନାମକ ପତ୍ରିକାରେ ସ୍ଥାନ ପାଇଥିବା ବେଳେ ଏହାକୁ ନିଶ୍ଚିନ୍ତ ଭାବେ ଜିଲ୍ଲାବାସି ପଢିକି ହୃଦବୁଦ୍ଧ କରିବା ସଙ୍ଗେ ସଙ୍ଗେ ପତ୍ରିକା ମଧ ଆହୁରି ଆଗକୁ ଯାଇପାରିବ । ପତ୍ରିକା ର ସମ୍ପାଦକ ପ୍ରମୋଦ କୁମାର ଦାସ ଙ୍କୁ ଶ୍ରୀ ସାହୁ ପତ୍ରିକାର ଉନ୍ମୋଚନ ନିମନ୍ତେ ଧନ୍ୟବାଦ ମଧ ଦେଇଥିଲେ । କାର୍ଯ୍ୟକ୍ରମ ବିଭିନ୍ନ ବକ୍ତା ମାନେ ନିଜ ନିଜର ମତ ବ୍ୟକ୍ତ କରିଥିଲେ ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ତଥା ଡେରାବିଶ ମାଟିର ସୁଯୋଗ୍ୟ ସନ୍ତାନ କୁଳମଣି ରାଉତଙ୍କ ୭୮ବର୍ଷ ବୟସରେ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ସେ ଚିକିତ୍ସାଧିନ ଥିଲେ । ଏହି ଖବର ପ୍ରସାରଣ ହେବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର ବ୍ଲକ ଅଧିନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ପହିବା ପରେ ବହୁ ଅପେକ୍ଷାରତ ଜନସାଧାରଣ ତାଙ୍କ ପ୍ରୀୟ ନେତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳକୁ ନିଆଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରାତିରେ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁର ସ୍ଥିତ ତାଙ୍କ ପୈତୃକ ବାସ ଭବନରେ ପହଞ୍ଚିବାପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସୂଚନାଯୋଗ୍ୟ ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଅମାୟିକ ବ୍ୟକ୍ତିତ୍ୱ ଭାବେ ସାଧାରଣରେ ପରିଚିତ ଥିଲେ । ବିଗତ ୧୯୯୦ରୁ ୯୫ ମସିହା ପର୍ଯ୍ୟନ୍ତ ସେ ତତ୍କାଳିନ ବରି-ଡେରାବିଶ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୂଖି କାର୍ଯ୍ୟ କରିଥିଲେ। ତେବେ ଆଜି ତାଙ୍କ ବିୟୋଗ ଖବର ପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ଦେବାଶିଷ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## ଦାମୋଦର ମହାପୁରୁଷଙ୍କ ବାର୍ଷିକ ଉତ୍ସବ ପାଳିତ

**ନିଶ୍ଚିନ୍ତକୋଇଲି, ୧୫।୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ ପିଠାପଡ଼ା ସ୍ୱାଇଁ ସାହି ସ୍ଥିତ ଦିଅଁପୋଖରୀ ହୁଡ଼ାରେ ଅବସ୍ଥିତ ଦାମୋଦର ମହାପୁରୁଷଙ୍କ ବାର୍ଷିକ ଉତ୍ସବ ପବିତ୍ର ଷଠିଳା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁଯାୟୀ ଏହି ଦିଅଁପୋଖରୀରେ ଦଧିବାମନ ଜୀଉ ବିରାଜମାନ ଥିଲେ। ଦଧିବାମନଜୀଉଙ୍କ ମୂର୍ତ୍ତିଙ୍କୁ କେହି ଜଣେ ଚୋରି କରି ନେଇଯାଉଥିବା ବେଳେ ଚୋରକୁ ଐଶ୍ୱରୀୟ ବାଣୀ ହୋଇଥିଲା କି ଯେଉଁଠାରେ କୋଇଲି ରାବ ଦେବ ମୁଁ ସେହିଠାରେ ଉଭାନ ହୋଇଯିବି। ଯାହା ଏବେ କୋଇଲୋ ଦଧିବାମନଜୀଉ ଭାବେ ପ୍ରତିଷ୍ଠିତ। ଏହି ଦିଅଁ ପୋଖରୀ ଉପରେ ଦୀର୍ଘ ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଦାମୋଦର ମହାପୁରୁଷଙ୍କ ବାର୍ଷିକ ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷ ପୂଜକ ପଣ୍ଡିତ ବଳରାମ ପଣ୍ଡା ପୂଜା କାର୍ଯ୍ୟ ସମାପନ କରିଥିବା ବେଳେ କର୍ତ୍ତା ଭାବେ ତୃପ୍ତିରଞ୍ଜନ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହି ଉତ୍ସବକୁ ସ୍ଥାନୀୟ ବାସିନ୍ଦାମାନେ ସହଯୋଗ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

## ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ବୈଠକ

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କବି ହେମନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ, କବି ଏବଂ ପରିଷଦର ସହ ସମ୍ପାଦକ ସ୍ୱର୍ଗତ ପ୍ରମୋଦ କୁମାର ସେଠୀ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କବି ଶତୃଘନ ତରାଇ ସମସ୍ତଙ୍କୁ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ସମାଜସେବୀ ବାବାଜୀ ଧଳ, କବି ଶରତ କୁମାର ନାୟକ, ମଞ୍ଚ ଅଭିନେ ପ୍ରଫୁଲ୍ଲ କୁମାର ଦାସ, କବି ଭବାନୀ ପ୍ରସାଦ ମହାପାତ୍ର, ସାମ୍ବାଦିକ ଜଗନ୍ନାଥ ଦାସ, ଅଭିରାମ ଦାସ, ଅଧାପିକା ତନୁଶ୍ରୀ ମିଶ୍ର , ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଶିକ୍ଷକ ହେମନ କୁମାର ବାରିକ, କଳାକାର ଅରୁଣ କୁମାର ପାତ୍ର, ଦେବରତୀ ରାଉତ , ପବିତ୍ର ମୋହନ ମଲ୍ଲିକ ପ୍ରମୁଖ ସାହିତ୍ୟ ସଂସ୍କୃତି ପରିଷଦର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜନଗରରେ ପୁସ୍ତକ ମେଳା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଦୁର୍ଗାପୁରରେ ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶ ଉଦ୍‌ଘାଟିତ

**ନୀଳଗିରି, ୧୫।୧ (ସଂଚାର ବ୍ୟୁରୋ):** ନୀଳଗିରି ଆଞ୍ଚଳିକ ଶ୍ରୀଜଗନ୍ନାଥ ଚେତନା ପରିଷଦର "ଭାବ ନୈବେଦ୍ୟ "୨୦୨୬ ରେ ଶ୍ରୀଜଗନ୍ନାଥ ଙ୍କ ବତ୍ରିଶ ବେଶ, ଦଶାବତାର, ବିଶ୍ୱ ଶାନ୍ତି ମହାଯଜ୍ଞ, ବାଣିଜ୍ୟ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଭାବଗମ୍ଭୀର ପରିବେଶରେ ଶାନ୍ତନୁ ଦାସ ଙ୍କ ସଭାପତିତ୍ୱ ରେ ଉଦଘାଟିତ ହୋଇଛି।ପୂର୍ବାହ୍ନ ରେ ଗଙ୍ଗାଧର ବିଶ୍ୱାଳ, ସୁଭାଶିଷ ଆଚାର୍ଯ୍ୟ, ଗୋପଲକ୍ଷ୍ମୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱରେ ୫ଶହ ରୁ ଅଧିକ ମହିଳା ମାନେ ନଗର ପରିକ୍ରମାକରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ।



ସନ୍ଧ୍ୟାରେ ବରିଷ୍ଠ ଆଇନଜିବୀ ହରେକୃଷ୍ଣ ଦାସ,ପୂର୍ବତତନ ଏବିଓ ବିକର୍ତ୍ତନ ନାୟକ, ପଣ୍ଡିତ ମନ୍ମଥ ବିଶ୍ୱାଳ ସମ୍ବର୍ଦ୍ଧିତ ପ୍ରତିଭା ଓ ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ଓ ବେଶ ଉପରେ ଆଲୋକ ପାତକରିଥିଲେ। ଅଭ୍ୟର୍ଥନା କମିଟିର ଅଧକ୍ଷ ମୁରଲୀ ଧର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ଆଗାମୀ ଚାରି ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନାଦେଇଥିଲେ। ମାନସ ରଞ୍ଜନ ଦାସ ଅତିଥି ପରିଚୟ ଦେଉଥିବା ବେଳେ ନିରଞ୍ଜନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ରାଜେନ୍ଦ୍ର ପ୍ରଧାନ, ଅଶୋକ ସାହୁ,ହରିହର ଖଟୁଆ,କରୁଣା କର ମହାନ୍ତି, ମଞ୍ଜୁଶ୍ରୀ ପଣ୍ଡା, ଶାନ୍ତିଲତା ମହାନ୍ତି, ନୟନା ପୃଷ୍ଟି, ରମାକାନ୍ତ ନାୟକ,ଲକ୍ଷ୍ମୀ ଧର ବିଶ୍ୱାଳ, ଶଶଧର ସାହୁ, ମହେନ୍ଦ୍ର ସାହୁ, ହରିମୋହନ ଦାସ, ଚନ୍ଦନ ପୃଷ୍ଟି, ପୂର୍ଣ୍ଣ ଚନ୍ଦ୍ର ପୃଷ୍ଟି,ଭରତ ମହାଳିକ,ବିନାୟକ ଦାଶ, ଦାମୋଦର ପଣ୍ଡା, ରବୀନ୍ଦ୍ର ନାୟକ, ସନାତନ ପୃଷ୍ଟି, ହେମନ୍ତ ସାହୁ, ଗୋବିନ୍ଦ ମହାଳିକ ସରୋଜ ସେଠୀ ପ୍ରମୁଖସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମା ଅନ୍ଧାରୀ ମଂଗଳା ଭଜନ ଦଳ, ଅମ୍ବିକା ବାଳିକା ଉଚ୍ଚଇଂରାଜୀ ବିଦ୍ୟାଳୟ, ଦୀକ୍ଷିତା, ଶୁଭମ, ମାଳବିକା ଅଂଶ ଗ୍ରହଣ କରିଥିଲେ।

### ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ଚତୁର୍ଥ କ୍ୱାର୍ଟରରେ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟୀ

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଶେଷ କ୍ୱାଟର ଫାଇନାଲ ମ୍ୟାଚରେ ହିନ୍ଦୁସ୍ଥାନ ସ୍ପୋର୍ଟ୍ସ କ୍ଲବ, ଜଗସିଂହପୁରକୁ ୫ ଉଇକେଟରେ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦିତୀୟ ସେମିଫାଇନାଲରେ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ସହିତ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁର ମଧ୍ୟରେ ମୁକାବିଲା ହେବ। ଆଜି ଟସ ଜିତ୍ୟ ଜଗସିଂହପୁର ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ କରିବାକୁ ସକ୍ଷମ ହୋଇଥିଲେ। ଦଳର ଶୋଭାଗ୍ୟ ମିଶ୍ର ୩୨ ବଲରୁ ୭୬ ରଣ ଓ ସତ୍ୟଜିତ ମଲ୍ଲିକ ୩୧ ବଲରୁ ୬୨ ରନ କରିଥିଲେ। ୨୦୫ ରନର ବିଜୟ ଲକ୍ଷକୁ ବ୍ରହ୍ମପୁର ୨୧.୨ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳର ସରୋଜ ପଣ୍ଡା ୩୯ ରନ , ଇଲୁ ଗୋଛାଯତ ୨୭ ରନ ଓ ଚକ୍ରଧର ଦିବେଦୀ ୪୧ ରନ କରିଥିଲେ। ୟୁନାଇଟେଡ ଇଲେଭେନ ବ୍ରହ୍ମପୁରର ଇଲୁ ଗୋଛାଯତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରଯାଇଥିଲା।

## ଗନ୍ଧର୍ବ ସ୍ୱାଇଁ ମୋମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

- ମୁଖ୍ୟ ଅତିଥି ଭାବେ ଯୋଗଦେଲେ ଡଃ ସୌଭାଗ୍ୟ ପରିଡ଼ା

**ମହାକାଳପଡା, ୧୫।୧ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ବାରଡାଙ୍ଗ ଠାରେ ଆୟୋଜିତ ଗନ୍ଧର୍ବ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ମ୍ୟାଚ ମାର୍ଶାଘାଇ ଓ ମହାକାଳପଡା ମଧ୍ୟରେ ଖେଳାଯାଇଥିବା ବେଳେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ ତଥା ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ହୋଇଥିବା ମାର୍ଶାଘାଇ କ୍ରିକେଟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରୀ ପରିଡାଙ୍କୁ ପାରେଶ୍ୱରପୁର ବାଲିଗୋଡା ଠାରୁ ଏକ ବିଶାଳ ପଟୁଆରରେ ପାଛୋଟି ଆଣି ପଡ଼ିଆରେ ପହଞ୍ଚାଇବା ପରେ ଶ୍ରୀ ପରିଡା କ୍ରିକେଟ୍ ଖେଳାଳୀ ଓ ଉପସ୍ଥିତ ଦର୍ଶକମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଗ୍ରାମର ମୁରବୀ ବିଜୟ ଜେନା,ସରପଞ୍ଚ ଅରବିନ୍ଦ ଜେନା, ଗୋବିନ୍ଦ ଦାସ, ସୁଧିର ସ୍ୱାଇଁ, ରଞ୍ଜନ ଦାସ, ଅଜିତ ସ୍ୱାଇଁ, ଜ୍ୟୋତି ରଞ୍ଜନ ବେହେରା, ସରୋଜକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ଡିଜିପି ପଦକ ସମ୍ମାନ ପାଇଲେ ଝାରସୁଗୁଡ଼ା ଏସ୍‌ପି

## ମାଓ ମୁକାବିଲା ଓ ଆଇନଶୃଙ୍ଖଳାରେ ଦକ୍ଷତା ପାଇଁ ପୁରସ୍କୃତ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଆଇନଶୃଙ୍ଖଳା ରକ୍ଷାରେ ଉଲ୍ଲେଖନୀୟ ପ୍ରଦର୍ଶନ ସାଙ୍ଗକୁ ମାଓ କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ସଫଳତା ପାଇଁ ଝାରସୁଗୁଡା ଏସପି ଜିଆର ରାଘବେନ୍ଦ୍ରଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦବୀରେ ସମ୍ମାନିତ କରାଯାଇଛି। ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ୱାଇବି ଖୁରାନିଆ ଆନୁଷ୍ଠାନିକ ଭାବେ ତାଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି।

ଶ୍ରୀ ରାଘବେନ୍ଦ୍ରଙ୍କୁ ଶ୍ରେଷ୍ଠ ଏସପି ଭାବେ ମାନପତ୍ର ଓ ମେଡାଲ ପ୍ରଦାନ କରିଛନ୍ତି ଡିଜିପି ଶ୍ରୀ ଖୁରାନିଆ। ଡିଜିପି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ପ୍ରଦର୍ଶନକାରୀ ପୁଲିସ ଅଧିକାରୀଙ୍କୁ ପ୍ରଦାନ କରାଯାଏ। ବୃତ୍ତିଗତ ଦକ୍ଷତା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ନେତୃତ୍ୱ ନେବାର ଦକ୍ଷତା ଆଦିକୁ ବିଚାର କରି ଏହି ପୁରସ୍କାର ପ୍ରଦାନ କରାଯାଏ। ଜିଆର ରାଘବେନ୍ଦ୍ରଙ୍କୁ ଆଇନ ଶୃଙ୍ଖଳା ରକ୍ଷା କରିବାରେ ସଫଳତା, ଜିଲ୍ଲା ପୁଲିସକୁ ନେତୃତ୍ୱ ଦେବା ଓ ପ୍ରଶାସନିକ କାର୍ଯ୍ୟ ଦକ୍ଷତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅତି ସମ୍ବେଦନଶୀଳ ଘଟଣାକୁ ସେ ଅତି ଚତୁରତାର ସହ ପରିଚାଳନା କରିଆସିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ମାଓ କାର୍ଯ୍ୟକଳାପକୁ ସେ ବେଶ ଦୃଢ଼ତାର ସହ ସମାଧାନ କରିପାରିଛନ୍ତି। ଏଥିପାଇଁ ପୁଲିସ ପ୍ରଶାସନରେ ସବୁ ମହଲରୁ ତାଙ୍କୁ ପ୍ରଶଂସା ବି କରାଯାଉଛି। ଝାରସୁଗୁଡା ପୂର୍ବରୁ ସେ ନୂଆପଡା ଏସପି ଭାବେ କାର୍ଯ୍ୟ କରୁଥିଲେ। ନୂଆପଡାରେ ସାଧାରଣ ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ସେ ବେଶ ପ୍ରଶଂସା ସାଉଁଟିଥିଲେ। ପୁରସ୍କାର ପାଇଁ ସେ ଡିଜିପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଭଳି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ଦୃଢ଼ତାର ସହ କାର୍ଯ୍ୟ କରିବାକୁ ମନୋବଳ ଦେବ ବୋଲି ଶ୍ରୀ ରାଘବେନ୍ଦ୍ର କହିଛନ୍ତି।

## ବିମାନ ଚଳାଚଳ ସୁରକ୍ଷା ଚିନ୍ତା

# ବିଏମ୍‌ସିର ଆମିଷ ବର୍ଜ୍ୟ ପରିଚାଳନା ନିୟମ କଡ଼ାକଡ଼ି



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଜନସ୍ୱାସ୍ଥ୍ୟ, ପରିବେଶ ପରିମଳ ଓ ବିମାନ ଚଳାଚଳ ଆଦି ସୁରକ୍ଷାକୁ ସୁରକ୍ଷିତ ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆମିଷ ବଜାର ଓ ଆମିଷ ବାଣିଜ୍ୟିକ ପ୍ରତିଷ୍ଠାନରେ ଆମିଷ ଯଥା ମାଛ, ମାଂସ ଓ କୁକୁଡା ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିବହନ, ପରିଚାଳନା ଓ ନିଷ୍କାସନ ପାଇଁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି। ଏହାଦ୍ୱାରା ପକ୍ଷୀମାନଙ୍କର ସମାବେଶ ମଧ ହେଉଛି। ଫଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଚଳାଚଳ ସମୟରେ ପକ୍ଷୀଙ୍କ ଦେହରେ ଆଘାତ ଲାଗି ଗୁରୁତର ବିପଦ ସୃଷ୍ଟି କରୁଛି।

ଏପରି ସ୍ଥିତିରେ ପରିମଳ କର୍ମଚାରୀଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟକର କାର୍ଯ୍ୟ କରିବା ମଧ କ୍ଷତିକାରକ। କଠିନ ବର୍ଜ୍ୟ ପରିଚାଳନା ନିୟମ-୨୦୧୬, ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ-୨୦୦୬, ବିଏମ୍‌ସି ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏଠ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ଙ୍କ ଦ୍ୱାରା ବନ୍ୟଜନ୍ତୁ ବିପଦ ପରିଚାଳନା ଉପରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ବିମାନ ବନ୍ଦର ଆଖପାଖରେ ପକ୍ଷୀମାନଙ୍କୁ ଆକର୍ଷିତ କରୁଥିବା ଜୈବିକ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ନିଷ୍କାସନକୁ କଡାକଡି ଭାବେ ବାରଣ କରାଯାଇଛି।

ଏହି ବୈଧାନିକ ବ୍ୟବସ୍ଥା, ନିଷ୍ପତ୍ତି ଓ ଜନସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ବିମାନ ଚଳାଚଳ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍ ସି ପରିସୀମା ମଧ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ମାଛ, ମାଂସ ଏବଂ କୁକୁଡା ଦୋକାନୀ, ବିକ୍ରେତା, କଂସାଇଖାନା ୟୁନିଟ୍‌ଗୁଡ଼ିକୁ ବିଭିନ୍ନ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ମଧ୍ୟରେ ଦୋକାନଗୁଡ଼ିକରୁ ବାହାରୁ ଥିବା ଆମିଷ ବର୍ଜ୍ୟ କେବଳ ସର୍ବନିମ୍ନ ୧୨୦ ମାଇକ୍ରୋନ ମୋଟା ଜୈବ ବିଘଟନଯୋଗ୍ୟ ଆବର୍ଜନା ବ୍ୟାଗରେ ସଂରକ୍ଷଣ କରାଯିବ। କେବଳ ବଡ଼ ଓ ମଧ୍ୟମ ଧରଣର ବ୍ୟାଗ୍ ବ୍ୟବହାର କରାଯାଇପାରିବ। କିନ୍ତୁ ବର୍ଜ୍ୟବସ୍ତୁ ସଂରକ୍ଷଣ କିମ୍ବା ନିଷ୍କାସନ ପାଇଁ ପତଳା ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ କିମ୍ବା ଜୈବ ବିଘଟନଅଯୋଗ୍ୟ ବ୍ୟାଗ୍ ବ୍ୟବହାରକୁ ନିଷେଧ କରାଯାଇଛି। ଏଥିସହ ସମସ୍ତ ପ୍ରତିଷ୍ଠାନ ଆସନ୍ତା ମାସ ୧୧ ତାରିଖ ସୁଦ୍ଧା ସମସ୍ତ ନିର୍ଦ୍ଦେଶାବଳୀ କଡାକଡି ଅନୁପାଳନ କରିବାକୁ କୁହାଯାଉଛି। ଅମାନ୍ୟ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

● ମଦ ଜବତ ପାଇଁ ଯାଇଥିଲେ

## ମାଫିଆଙ୍କଠୁ ମାଡ଼ଖାଇ ଫେରିଲେ



**ନୟାଗଡ଼,୧୫।୧(ସଂଚାର ବ୍ୟୁରୋ):** ନୟାଗଡ଼ ସଦର ଥାନା ବୋଦାପଡା ଗାଁରେ ମଦ ଜବତ କରିବା ପାଇଁ ଯାଇଥିବା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଉପରେ ମଦ ମାଫିଆମାନେ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଦ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ଅବକାରୀ ବିଭାଗର ୩ ଜଣ କର୍ମଚାରୀ ମଧ ଆହତ ହୋଇଛନ୍ତି। ସେମାନେ ହେଲେ କନଷ୍ଟେବଳ କୈବଲ୍ୟ ସ୍ୱାଇଁ, ଦେବୀ ପ୍ରସାଦ ପାଣି ଓ ନୀଳ ଲୋହିତ ମଲ୍ଲିକ। ବୋଦାପଡ଼ା ଗାଁରେ ଦେଶୀ ଚୋରା ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେବା ପରେ ଜିଲ୍ଲା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ତେବେ ଦେଶୀ ମଦ ଜବତ କରିବା ବେଳେ ସେମାନଙ୍କୁ ମଦ ମାଫିଆମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ସହ ଜଡ଼ିତ ଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣଙ୍କୁ ଅଟକ ପଚରାଉଚରା କରୁଥିବା ଜଣାପଡ଼ିଛି।

## ପ୍ରେମିକା ଘର ଆଗରେ ଆତ୍ମହତ୍ୟା!



**ରାଜଗାଙ୍ଗପୁର,୧୫।୧(ସଂଚାର ବ୍ୟୁରୋ):** ପ୍ରେମିକା ଘର ଆଗରେ ପ୍ରେମିକର ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ତେବେ ପ୍ରେମିକ ଜଣଙ୍କ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ପଦାରେ ଏଭଳି ଏକ ଅଘଟଣ ଘଟିଛି। ମୃତ ଯୁବକ ଜଣଙ୍କ ରାଜଗାଙ୍ଗପୁର ରାଣୀବନ୍ଧ ଅଞ୍ଚଳର ବିକାଶ ମହାନନ୍ଦିଆ (୨୫) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ରାଜଗାଙ୍ଗପୁର ରାଣୀବନ୍ଧ ଅଞ୍ଚଳର ବିକାଶ ଜାମପାଲି ପଦାର ଜନୈକ ଯୁବତୀଙ୍କୁ ପ୍ରେମ କରିଆସୁଥିଲେ। ତେବେ ଆଜି ସନ୍ଦେହଜନକ ଅବସ୍ଥାରେ ଯୁବତୀଙ୍କ ଘର ଆଗରେ ବିକାଶଙ୍କ ଝୁଲନ୍ତା ମୃତଦେହ ଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ସକାଶେ ମେଡିକାଲ୍‌କୁ ପଠାଇଛି। ପ୍ରେମରେ ବିଫଳ ହେବାରୁ ବିକାଶ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। କିନ୍ତୁ ପରିବାର ଲୋକେ ଏହାକୁ ଗ୍ରହଣ କରିବାକୁ ନାରାଜ। ସେମାନେ ଏହା ଏକ ହତ୍ୟାକାଣ୍ଡ ବୋଲି କହିବା ସହ ଏଦିଗରେ ପୁଲିସ୍ ତୁରନ୍ତ ତଦନ୍ତ କରି ଦୋଷୀମାନଙ୍କୁ ଧରିବା ସକାଶେ ଦାବି କରିଛନ୍ତି। କିନ୍ତୁ ରାଜଗାଙ୍ଗପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପୀୟୂଷଙ୍କୁ ମଞ୍ଚ ମନା ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ ଚୁକ୍ତି ଖିଲାପ ମାମଲାର ଆଜି ଶୁଣାଣି ଶେଷ ହୋଇଛି। ଭୁବନେଶ୍ୱର ସିଭିଲ୍ କୋର୍ଟରେ ସୂର୍ଯ୍ୟମନ୍ଦିର ଯାତ୍ରା ପାର୍ଟି ମାଲିକ ପ୍ରମୋଦ ସ୍ୱାଇଁଙ୍କ ଅଭିଯୋଗର ଶୁଣାଣି ଶେଷ ହୋଇଥିଲେ ହେଁ ରାୟକୁ ସଂରକ୍ଷିତ ରଖାଯାଇଛି। ଫଳରେ ପୀୟୂଷଙ୍କ ଭାଗ୍ୟ ଅଦାଲତ ରାୟ ସହ ଝୁଲନ୍ତା ଅବସ୍ଥାରେ ରହିଛି। କୋର୍ଟ ରାୟ ପ୍ରକାଶ ନ କରିବା ପର୍ଯ୍ୟନ୍ତ ପୀୟୂଷ ପେଣ୍ଡାଲ ଚଢ଼ିପାରିବେ ନାହିଁ। ଏନେଇ ସୂଚନା ଦେଇଛନ୍ତି ତାଙ୍କ ଓକିଲ ବିଭୁ ପ୍ରସାଦ ତ୍ରିପାଠୀ। ଆସନ୍ତାକାଲି ରାୟ ପ୍ରକାଶ ପାଇବା ପରେ ପୀୟୂଷଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ମାମଲାର



ଶୁଣାଣି ହେବାକୁ ଥିବାରୁ ପୀୟୂଷଙ୍କୁ ଭୁବନେଶ୍ୱର କୋର୍ଟରେ ଆଜି ହାଜର ହେବାର ଥିଲା। ମାତ୍ର ସେ ଅଦାଲତରେ ପହଞ୍ଚି ପାରି ନ ଥିଲେ। ତାଙ୍କ ପାଇଁ ପକ୍ଷ ରଖିଥିଲେ ଆଇନଜୀବୀ ଶ୍ରୀ ତ୍ରିପାଠୀ। ଶୁଣାଣି ଶେଷ ପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଛନ୍ତି ଓ ଆସନ୍ତାକାଲି ଉଭୟଙ୍କ ଯୁକ୍ତିକୁ ଲିଖିତ ଭାବେ ଅଦାଲତରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୀୟୂଷ କୌଣସି ପ୍ରକାର ଚୁକ୍ତିନାମାର ଖିଲାପ କରିନାହାନ୍ତି। ତେଣୁ କୋର୍ଟ ସମସ୍ତ ତଥ୍ୟକୁ ଆଧାର କରି ପୀୟୂଷଙ୍କୁ ନ୍ୟାୟ ପ୍ରଦାନ କରିବେ। କାରଣ ପୀୟୂଷ ସତ୍ୟ ପଥରେ ଅଛନ୍ତି, ତେଣୁ ବିଜୟ ତାଙ୍କର ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ମଙ୍ଗଳାଯୋଡ଼ି ଇକୋ ଟୁରିଜିମ୍ ବୁଲିଲେ ରାଜ୍ୟପାଳ

## ଗୋଷ୍ଠୀ ପରିଚାଳିତ ମଡେଲ୍‌କୁ ପ୍ରଶଂସା




**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହ ଆଜି ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳାଯୋଡ଼ି ଆର୍ଦ୍ରଭୂମି ପରିଦର୍ଶନ କରିଥିଲେ। ମଙ୍ଗଳାଯୋଡ଼ିରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଚିଲିକା ହ୍ରଦ କୂଳସ୍ଥିତ ମଙ୍ଗଳାଯୋଡ଼ିର ଇକୋ-ପର୍ଯ୍ୟଟନ ସ୍ଥଳ ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଜୈବ ବିବିଧତା ପାଇଁ ବେଶ୍ ପ୍ରସିଦ୍ଧ । ବିଶେଷକରି ଏହାର ବିଶାଳ ଆର୍ଦ୍ରଭୂମି ବିଶ୍ୱର ଦୂରଦୂରାନ୍ତରୁ ପ୍ରତିବର୍ଷ ଆସୁଥିବା ହଜାର ହଜାର ପକ୍ଷୀଙ୍କ ବିହାରସ୍ଥଳ ଭାବେ ଜଣାଶୁଣା।

ପରିଦର୍ଶନ ସମୟରେ ରାଜ୍ୟପାଳ ବିଦେଶୀ ପକ୍ଷୀଙ୍କୁ ଦେଖିବା ସହ ଗୋଷ୍ଠୀ ପରିଚାଳିତ ଇକୋ-ପର୍ଯ୍ୟଟନ କାର୍ଯ୍ୟକଳାପ ବିଷୟରେ ଅଭିଜ୍ଞତା ହାସଲ ପାଇଁ ଆର୍ଦ୍ରଭୂମି ମଧ୍ୟରେ ଡଙ୍ଗାରେ ଯାତ୍ରା କରିଥିଲେ। ରାଜ୍ୟପାଳ ସ୍ଥାନୀୟ ବାସିନ୍ଦା ଏବଂ ସଂରକ୍ଷଣ ତଥା ପରିବେଶ-ପର୍ଯ୍ୟଟନ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଜଡ଼ିତ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଆର୍ଦ୍ରଭୂମି ଇକୋସିଷ୍ଟମକୁ ସୁରକ୍ଷା ଦେବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରିବା ସହ ଜୈବ ବିବିଧତାକୁ ସଂରକ୍ଷଣ କରିବାରେ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି।

ନିଜର ଅଭିଜ୍ଞତା ବାଣ୍ଟି ରାଜ୍ୟପାଳ କହିଥିଲେ ଯେ ମଙ୍ଗଳାଯୋଡ଼ିର ଶାନ୍ତ ସୌନ୍ଦର୍ଯ୍ୟ ଓ ପକ୍ଷୀମାନଙ୍କର ପ୍ରାକୃତିକ ବାସସ୍ଥାନରେ ପ୍ରବାସୀ ପକ୍ଷୀଙ୍କ ଦୃଶ୍ୟ ପ୍ରକୃତରେ ପ୍ରେରଣାଦାୟକ। ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ କିପରି ପ୍ରକୃତିର ରକ୍ଷକ ହୋଇଛନ୍ତି, ତାହା ଦେଖିବା ଉତ୍ସାହଜନକ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ଆହୁରି ମଧ କହିଛନ୍ତି ଯେ ମଙ୍ଗଳାଯୋଡ଼ି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ସହ ଗୋଷ୍ଠୀ ଅଂଶଗ୍ରହଣ କିପରି ସଫଳତାର ସହ ପ୍ରକୃତିକୁ ସୁରକ୍ଷା ଦେଇପାରେ, ତା'ର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଠିଆ ହୋଇଛି। ରାଜ୍ୟର ଅନ୍ୟ ପରିବେଶଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏହିପରି ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ମଡେଲଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।



ପୁରୀ ସିଟି ଡିଏସପି ଭାବେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ରଶ୍ମିରଞ୍ଜନ ମହାପାତ୍ର।

● ମାସେ ପରେ ବି ମଣ୍ଡି ଯନ୍ତ୍ରଣା ଜାରି

## ସିଡିଏସ୍‌ଓଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ



**ବରଗଡ଼,୧୫।୧(ସଂଚାର ବ୍ୟୁରୋ):** ଧାନ କିଣାବିକା ଅବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ। ବରଗଡ଼ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ (ସିଡିଏସ୍‌ଓ)ଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଚାଷୀମାନେ କାର୍ଯ୍ୟାଳୟରେ ତାଲା ମାରିଛନ୍ତି। ବରଗଡ ଜିଲ୍ଲାରେ ଧାନ ବିକ୍ରି ସମସ୍ୟା ଲାଗି ରହିଛି। ଆଉ ୩ଦିନ ପରେ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ପୂରିବ। ହେଲେ ଏବେ ମଧ ଅନେକ ମଣ୍ଡିରେ ଧାନ ବିକ୍ରି ସମସ୍ୟା ଅସମାହିତ ରହିଛି। ମାସ ମାସ ଧରି ମଣ୍ଡିରେ ଧାନ ପଡ଼ି ରହୁଛି। ଅନ୍ୟପଟେ ବେପାରୀଙ୍କ ମାଧ୍ୟମରେ ଧାନ ଅଣାଗଲେ କିମ୍ବା କଟନୀ ଛଟନୀରେ ରାଜି ହେଲେ ଚାଷୀଙ୍କ ଧାନ କିଣାଯାଉଥିବା ଅଭିଯୋଗ ହୋଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସୁଲସୁଲିଆ ମଣ୍ଡିର ଚାଷୀମାନେ ଏଭଳି ଆଭିଯୋଗ କରିଛନ୍ତି। ଏହି କ୍ରମରେ ଗୁରୁବାର ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନ ନେତୃତ୍ୱରେ ଚାଷୀମାନେ ବରଗଡ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟରେ ତାଲା ମାରିଛନ୍ତି। ଏଥିସହ ଚାଷୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଣ୍ଡିରେ ପଡ଼ିଥିବା ଧାନ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଧାରଣାରୁ ଉଠିବେ ନାହିଁ କି ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ତୃତୀୟ ପର୍ଯ୍ୟାୟରେ ୧୦ ବିଧାୟକଙ୍କୁ ଭେଟିଲେ ନବୀନ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୃତୀୟ ପର୍ଯ୍ୟାୟରେ ଦଳର ୧୦ ଜଣ ବିଧାୟକଙ୍କୁ ଭେଟି ସେମାନଙ୍କ ନିର୍ବାଚନମଣ୍ଡଳୀ ର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଶେଷକରି ଚାଷୀଙ୍କ ସମସ୍ୟା, ଧାନ କିଣା ନେଇ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ନବୀନ ପଚାରି ବୁଝିଥିଲେ। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ସେ ସମସ୍ତ ବିଧାୟକଙ୍କୁ ପରାମର୍ଶ ବି ଦେଇଛନ୍ତି। ଆଜିର ବୈଠକରେ ବିଧାୟିକା ବର୍ଷା ସିଂହ ବରିହା, ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



# ରାଷ୍ଟ୍ରପତି ଭବନ ଯିବେ ଝାରସୁଗୁଡ଼ାର ଖୁସବୁ

**ଝାରସୁଗୁଡା,୧୫।୧(ସଂଚାର ବ୍ୟୁରୋ):** ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ପ୍ରତିଷ୍ଠିତ 'ଏଟ ହୋମ' ସମ୍ମିଳନୀ ପାଇଁ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ନିବାସୀ ବୁଧରାମ ଜୟପୁରିଆଙ୍କ ଝିଅ ଖୁସବୁଙ୍କୁ ନିମନ୍ତ୍ରଣ ମିଳିଛି। ଖୁସବୁଙ୍କ ଏହି ଚୟନ ଝାରସୁଗୁଡ଼ା ଜିଲ୍ଲା ତଥା ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଏହାକୁ ନେଇ ଖୁସବୁଙ୍କ ପରିବାର ସହ ବେଲପାହାଡ଼ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଖୁସବୁ ବିପର୍ଯ୍ୟୟ ପରିଚାଳନାରେ ଯୁବ ସ୍ୱେଚ୍ଛାସେବୀ ଭାବେ ସକ୍ରିୟ କାର୍ଯ୍ୟକଳାପ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ରାଷ୍ଟ୍ରପତି ଭବନ ଯିବା ସକାଶେ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ସମ୍ବଲପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଖୁସ୍‌ବୀ ଆଜି ବିଭାଗ ପକ୍ଷରୁ ଏହି ପତ୍ର ପାଇଛନ୍ତି। ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ସହାୟତା କାର୍ଯ୍ୟରେ ଖୁସ୍‌ବୁଙ୍କର ଉଲ୍ଲେଖନୀୟ ସେବା ଓ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି।

## ଚନ୍ଦ୍ରଭାଗା ବୁଡ଼ ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ

# ଦୁଇ ଦିନ ସୂର୍ଯ୍ୟ ମନ୍ଦିରରେ ମାଗଣା ପ୍ରବେଶ




**କୋଣାର୍କ,୧୫।୧(ସଂଚାର ବ୍ୟୁରୋ):** ଆସନ୍ତା ୨୫ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ କାର୍ଯ୍ୟକ୍ରମ। ଏହି ପବିତ୍ର ବୁଡ଼ ପାଇଁ ପୂର୍ବ ରାତିରୁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନରେ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି

### ତିନି ଦିନ ବନ୍ଦ ରହିବ ମଦ ଦୋକାନ

ବେହେରା, ଏସପି ପ୍ରତୀକ ସିଂ, କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇଥିଲେ। ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ସରିବା ପରେ ଆସନ୍ତା ୨୫ ତାରିଖ ସପ୍ତମୀ ତିଥିରେ ମାହେନ୍ଦ୍ରବେଳା ୪ଟା ୪୧ ମିନିଟ୍ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନି ଠାକୁର ସ୍ନାନ କରିବେ।

ସେହିପରି ଭୋର୍ ୪ଟା ୪୧ ମିନିଟ୍‌ରୁ ସାଧୁ ସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ସ୍ନାନ କରିବେ। ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ନଳକୂପ, ୪୦ଟି ଷ୍ଟାଣ୍ଡ ପୋଷ୍ଟ, ଏକ ଶହ ଅସ୍ଥାୟୀ ଶୌଚାଳୟ, ୪ଟି ପାଣି ଟ୍ୟାଙ୍କର, ବୁଡ଼ ୩ ଦିନ ପୂର୍ବରୁ ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠୀ ଓ ସପ୍ତମୀ ଦୁଇ ଦିନ ପରିମଳ, ପାର୍କିଂ, ଆଲୋକ ବ୍ୟବସ୍ଥା, ଚନ୍ଦ୍ରଭାଗା ବେଳାଭୂମି ଓ ତୀର୍ଥ ପୁଷ୍କରିଣୀରେ ୫୦ ଜଣ ଲାଇଫ ଗାର୍ଡ ମୁତୟନ, ଶନିବାର ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ, ସୂଚନା ପ୍ରସାରଣ, ଶାନ୍ତିଶୃଙ୍ଖଳା ନିମନ୍ତେ ୪୨ ସେକ୍ସନ ଫୋର୍ସ ମୁତୟନ, ଯାନବାହନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ବୈଠକରେ ଆଲୋଚନା କରିଛନ୍ତି। ସପ୍ତମୀ ଦୁଇ ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଷଷ୍ଠୀ ଓ ସପ୍ତମୀ ଦୁଇ ଦିନ ସୂର୍ଯ୍ୟ ମନ୍ଦିରରେ ମାଗଣାରେ ପ୍ରବେଶ ସୁଯୋଗ ଦିଆଯିବ। ଅର୍ଥାତ୍ ଉକ୍ତ ଦୁଇ ଦିନ କୌଣସି ପର୍ଯ୍ୟଟକଙ୍କଠାରୁ ଶୁଳ୍କ ଆଦାୟ କରାଯିବନାହିଁ। ଆହୁରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସକାଶେ କୋଣାର୍କରେ ୩ ଦିନ ମଦ ଦୋକାନ ବନ୍ଦ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ୩ ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ନିଷ୍ପତ୍ତିକୁ ବିଜେଡିର ବିରୋଧ

## ଚାଷୀଙ୍କୁ ଅଣଦେଖା; ୩,୬୨୩ କୋଟି ବ୍ୟୟ ନେଇ ପ୍ରଶ୍ନ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଏହାର ଆବଶ୍ୟକତାକୁ ଉପରେ ବିଜେଡି ପ୍ରଶ୍ନ ଉଠାଇଛି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଳିକି ପ୍ରକଳ୍ପ ସାମ୍ନାକୁ ଆଣିଥିବା ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର




ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ମତ ଦେଇଛନ୍ତି। ସରକାର ନିଜ ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ସେମାନେ କହିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର ମନା କରିଥିବା ବେଳେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ଏଭଳି ଭେଳିକି ପ୍ରକଳ୍ପକୁ ରୂପ ଦିଆଯାଇଛି। ରାଜ୍ୟ ସରକାର ଡିଲିମିଟେସନ ପ୍ରସଙ୍ଗ ଉପସ୍ଥାପନ କରି ବିଧାନସଭା ସିଟ୍ ବୃଦ୍ଧି ପାଇବ ବୋଲି କହୁଥିଲେ ହେଁ ସେନେଇ କୌଣସି ସ୍ପଷ୍ଟତା ଆସିନାହିଁ। ଜନଗଣନା ଶେଷ ହେବା ପରେ ଡିଲିମିଟେସନ କାର୍ଯ୍ୟ ଆରମ୍ଭ ହେବ। ତେଣୁ ସରକାର କେବଳ ନିଜର ବିଫଳତାରୁ ନଜର ହଟାଇବା ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଆୟୁଧ କରିଛନ୍ତି।

ସେହିପରି ଡ. ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ, ୧୨ ଲକ୍ଷ ନୂଆ ହିତାଧିକାରୀ ରାସନ କାର୍ଡ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡ଼ିଛନ୍ତି। ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ। କେବଳ ସରକାର ନିଜକୁ ସଂକଟରୁ ଉଦ୍ଧାର କରିବା ପାଇଁ ଏଭଳି ଭେଳିକି କରୁଛନ୍ତି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଯୁଦ୍ଧ ମୁହାଁରେ ମଧ୍ୟପ୍ରାଚ୍ୟ



ମଧ୍ୟପ୍ରାଚ୍ୟ ଆଜି ଏକ ଅସ୍ଥିର ଓ ଯୁଦ୍ଧଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛି। ୨୦୨୬ ଜାନୁଆରୀରେ ଗାଜାରେ ଯୁଦ୍ଧବିରତି କିଛି ମାତ୍ରାରେ ସ୍ଥିର ରହିଛି, କିନ୍ତୁ ଇସ୍ରାଏଲ ସେନା ଗାଜାର ଅଧାରୁ ଅଧିକ ଅଞ୍ଚଳରେ ନିୟନ୍ତ୍ରଣ ବଜାୟ ରଖିଛନ୍ତି ଏବଂ ସମୟେ ସମୟେ ଆକ୍ରମଣ ଜାରି ରଖିଛନ୍ତି। ହମାସ୍ ନିରସ୍ତ୍ରୀକରଣ ପ୍ରତି ଅସମ୍ମତି ଜଣାଇଛି, ଯାହା ଯୁଦ୍ଧବିରତିର ଦ୍ୱିତୀୟ ପର୍ଯ୍ୟାୟକୁ ବାଧା ଦେଉଛି। ଏହି ଅଞ୍ଚଳରେ ଇସ୍ରାଏଲୀ ଆକ୍ରମଣରେ ଯୁଦ୍ଧବିରତି ପରେ ମଧ ଶହ ଶହ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି, ଏବଂ ମାନବୀୟ ସଙ୍କଟ ଗଭୀର ହୋଇଛି।

ଲେବାନନରେ ହିଜବୁଲ୍ଲାହ ସହ ଯୁଦ୍ଧବିରତି ସ୍ଥିର ରହିଛି, କିନ୍ତୁ ଇସ୍ରାଏଲ ସେନା ନିୟମିତ ଆକ୍ରମଣ ଜାରି ରଖିଛନ୍ତି। ଲେବାନନ ସେନା ଲିଟାନି ନଦୀର ଦକ୍ଷିଣରେ ହିଜବୁଲ୍ଲାହର ଅସ୍ତ୍ର ନିରସ୍ତ୍ରୀକରଣର ପ୍ରଥମ ପର୍ଯ୍ୟାୟ ସମ୍ପନ୍ନ କରିଛି ବୋଲି ଘୋଷଣା କରିଛି, କିନ୍ତୁ ହିଜବୁଲ୍ଲାହ ଉତ୍ତରରେ ପୁନର୍ଗଠନ କରୁଛି। ଇସ୍ରାଏଲ ଏହାକୁ ବିପଦ ଭାବେ ଦେଖୁଛି ଏବଂ ଆକ୍ରମଣର ଧମକ ଦେଉଛି। ଏହି ପରିସ୍ଥିତି ଯେକୌଣସି ସମୟରେ ପୁନର୍ବାର ଯୁଦ୍ଧକୁ ନେଇଯାଇପାରେ।

ଇରାନ ଏହି ଅଞ୍ଚଳର ସବୁଠାରୁ ବଡ଼ ଚିନ୍ତାର କାରଣ ହୋଇଛି। ଦେଶରେ ବ୍ୟାପକ ବିକ୍ଷୋଭ ଚାଲିଛି, ଯାହା ଅର୍ଥନୈତିକ ସଙ୍କଟରୁ ଆରମ୍ଭ ହୋଇ ଶାସନ ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଛି। ସରକାରୀ ଦମନ କାର୍ଯ୍ୟରେ ଶହ ଶହ ଲୋକଙ୍କ ମୃତ୍ୟୁ ହୋଇଛି। ଇରାନ ସରକାର ଏହି ବିକ୍ଷୋଭକୁ ଇସ୍ରାଏଲ ଓ ଆମେରିକାର ଷଡ଼ଯନ୍ତ୍ର ବୋଲି ଆଖ୍ୟା ଦେଉଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିକ୍ଷୋଭକାରୀଙ୍କୁ ସମର୍ଥନ ଦେଇ ଇରାନ୍ ବିରୁଦ୍ଧରେ ସମ୍ଭାବ୍ୟ ଆକ୍ରମଣର ଧମକ ଦେଇଛନ୍ତି। ଇରାନ ପ୍ରତିଶୋଧ ନେବ ବୋଲି ସତର୍କ କରିଛି ଏବଂ ଆମେରିକୀୟ ସୈନ୍ୟ ଘାଟିକୁ ଲକ୍ଷ୍ୟ କରିବ ବୋଲି କହିଛି। ଆମେରିକା ମଧ୍ୟପ୍ରାଚ୍ୟର କେତେକ ଘାଟିରୁ ସୈନ୍ୟ ହଟାଇଛି, ଯାହା ସଙ୍କଟର ଗଭୀରତାକୁ ଦର୍ଶାଉଛି।

ଏହି ପରିସ୍ଥିତି କେବଳ ଗାଜା, ଲେବାନନ ଓ ଇରାନକୁ ସୀମିତ ନୁହେଁ। ୟେମେନ୍‌ରେ ହୁଥି ଓ ଅନ୍ୟ ଗୋଷ୍ଠୀମାନଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛି, ଯାହା ରେଡ ସିରେ ବାଣିଜ୍ୟ ପଥକୁ ବାଧା ଦେଉଛି। ସିରିଆରେ ନୂତନ ସରକାର ସହ ଇସ୍ରାଏଲର ସମ୍ପର୍କ ଉନ୍ନତ ହେଉଛି, କିନ୍ତୁ ଅସ୍ଥିରତା ରହିଛି। ଏହି ସମସ୍ତ ଘଟଣା ଏକ ବୃହତ ଯୁଦ୍ଧର ଆଶଙ୍କା ସୃଷ୍ଟି କରୁଛି।

ଆନ୍ତର୍ଜାତିକ ସମ୍ପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକାର ଟ୍ରମ୍ପ୍ ପ୍ରଶାସନ ଗାଜା ଯୁଦ୍ଧବିରତି ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି, କିନ୍ତୁ ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଟକି ରହିଛି। ଇଉଏନ ଓ ଅନ୍ୟ ଦେଶମାନଙ୍କୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। ମାନବୀୟ ସହାୟତା ବଢ଼ାଇବା, ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବା ଓ ଅସ୍ତ୍ରବିରତିକୁ ସ୍ଥାୟୀ କରିବା ଜରୁରୀ। ମଧ୍ୟପ୍ରାଚ୍ୟର ଜନତା ଶାନ୍ତି ଓ ସ୍ଥିରତା ଚାହୁଁଛନ୍ତି। ଏହି ଯୁଦ୍ଧଭଳି ପରିସ୍ଥିତି କେବଳ ସ୍ଥାନୀୟ ନୁହେଁ, ବିଶ୍ୱ ଅର୍ଥନୀତି ଓ ସୁରକ୍ଷାକୁ ପ୍ରଭାବିତ କରୁଛି। ସମସ୍ତ ପକ୍ଷକୁ ବୁଦ୍ଧିଜୀବୀ ଓ ଦାୟିତ୍ୱଶୀଳ ହେବାକୁ ପଡ଼ିବ। ଯଦି ଆଲୋଚନା ଓ ସହଯୋଗ ବଦଳରେ ଆକ୍ରମଣ ଓ ପ୍ରତିଶୋଧର ପଥ ଚୟନ କରାଯାଏ, ତେବେ ଏକ ବୃହତ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡ଼ିବ, ଯାହାର ପରିଣାମ ଭୟଙ୍କର ହେବ। ଶାନ୍ତିର ପଥ କଠିନ, କିନ୍ତୁ ଏହା ଏକମାତ୍ର ବିକଳ୍ପ। ମଧ୍ୟପ୍ରାଚ୍ୟର ଭବିଷ୍ୟତ ଆଜିର ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଆମେ ଆଶା କରୁଛୁ ଯେ ବୁଦ୍ଧିମତା ଓ ମାନବତା ବିଜୟୀ ହେବ।

# ବାଉଁଶ ହେବ ଭାରତର ସବୁଜ ଗେମ୍–ଚେଞ୍ଜର



**ସାରଦା ପ୍ରସାଦ ପଣ୍ଡା**

ଏମିତି ଏକ ସମୟରେ, ଯେତେବେଳେ ସମଗ୍ର ବିଶ୍ୱ ପ୍ଲାଷ୍ଟିକ୍, କାଠ ଓ ଜୀବାଶ୍ମ ଇଂଧନର ବିକଳ୍ପ ଭାବରେ ସୁସ୍ଥିର ସାମଗ୍ରୀ ଖୋଜିବାରେ ଲାଗିଛି, ଭାରତର ବାଉଁଶ ପ୍ୟାରାଡକ୍ସ ଏକାଧାରେ ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ। ବିଶ୍ୱର ସବୁଠାରୁ ବାଉଁଶ-ସମୃଦ୍ଧ ଦେଶମାନଙ୍କ ମଧ୍ୟରେ ଥିବା ସତ୍ତ୍ୱେ, ଭାରତ ପ୍ରତିବର୍ଷ ପ୍ରାୟ ₹୩, ୬୦୦ କୋଟି ଟଙ୍କାର ବାଉଁଶ ଆଧାରିତ ଉତ୍ପାଦ ଆମଦାନି କରୁଛି। ଏହି ବିରୋଧାଭାସ କେବଳ ବାଣିଜ୍ୟ ଘାଟତିର ପ୍ରସଙ୍ଗ ନୁହେଁ; ଏହା ଭାରତର ସବୁଠାରୁ ବହୁମୁଖୀ ପ୍ରାକୃତିକ ସମ୍ପଦକୁ ଚିହ୍ନିବା, ପୋଷଣ କରିବା ଓ ଶିଳ୍ପମୂଳକ ଭାବେ ବ୍ୟବହାର କରିବାରେ ହୋଇଥିବା ଏକ ଗଭୀର ବିଫଳତାକୁ ପ୍ରତିବିମ୍ବିତ କରେ।

'ସବୁଜ ସୁନା' ଭାବେ ପରିଚିତ ବାଉଁଶ ଭାରତର ବିଭିନ୍ନ ଭୌଗୋଳିକ ପରିବେଶରେ ପ୍ରଚୁର ପରିମାଣରେ ବୃଦ୍ଧି ପାଉଛି। ଉତ୍ତର–ପୂର୍ବ ଭାରତର ଆର୍ଦ୍ର ପାହାଡ଼ ଅଞ୍ଚଳରୁ ଆରମ୍ଭ କରି କେନ୍ଦ୍ରୀୟ ଭାରତର ଶୁଷ୍କ ଅଞ୍ଚଳ, ଓଡ଼ିଶାର ଆଦିବାସୀ ହୃଦୟଭୂମିରୁ ଆରମ୍ଭ କରି ହିମାଳୟ ପାଦଦେଶ ପର୍ଯ୍ୟନ୍ତ—ସବୁଠାରେ ବାଉଁଶ ସ୍ୱଳ୍ପ ଜଳରେ ବୃଦ୍ଧି ପାଉଛି, କାଟିବା ପରେ ଦ୍ରୁତ ଭାବେ ପୁନଃଜନ୍ମ ନେଉଛି ଏବଂ ଅବକ୍ଷୟ ହୋଇଥିବା ମାଟିକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରୁଛି। ଏହା ଦ୍ରୁତ ବୃଦ୍ଧିଶୀଳ, ପୁନର୍ନବୀକରଣଯୋଗ୍ୟ ଓ ଅସାଧାରଣ ଭାବରେ ବହୁମୁଖୀ। ପରିବେଶଗତ, ଅର୍ଥନୈତିକ ଓ ସାମାଜିକ ଲାଭର ଏପରି ସମନ୍ୱୟ ଅନ୍ୟ କୌଣସି ପ୍ରାକୃତିକ ସାମଗ୍ରୀରେ ଦୁର୍ଲଭ। ତଥାପି, ଦଶକ ଧରି ବାଉଁଶ ଭାରତର ବିକାଶ କଳ୍ପନାର ପାର୍ଶ୍ୱରେ ରହି ଆସିଛି।

ଆଜି ବିଶ୍ୱସ୍ତରରେ ବାଉଁଶକୁ ଆରମ୍ଭରେ କାଠ କିମ୍ବା ଇସ୍ପାତର ଦୁର୍ବଳ ବିକଳ୍ପ ଭାବରେ ଦେଖାଯାଉନାହିଁ। ଏହା ଏକ ଆଧୁନିକ ଶିଳ୍ପ ସାମଗ୍ରୀ। ବିଶ୍ୱ ବାଉଁଶ ବଜାରର ମୂଲ୍ୟ ପ୍ରାୟ ୭୦ ବିଲିୟନ୍ ଆମେରିକୀୟ ଡଲାର, ଯାହାର ବ୍ୟବହାର ନିର୍ମାଣ, ଫର୍ନିଚର୍, ବସ୍ତ୍ର, ପ୍ୟାକେଜିଂ, ବାୟୋ–ଏନର୍ଜି, ଆକ୍ଟିଭେଟେଡ୍ କାର୍ବନ୍ ଓ ଉଚ୍ଚମାନର କମ୍ପୋଜିଟ୍ ପର୍ଯ୍ୟନ୍ତ ବିସ୍ତୃତ। ଚୀନ ଏକାକି ପ୍ରାୟ ୬୫ ପ୍ରତିଶତ ବିଶ୍ୱ ବାଉଁଶ ରପ୍ତାନିର ନିୟନ୍ତ୍ରଣ ରଖିଛି। ତୁଳନାରେ, ଭାରତର ଅଂଶ କେବଳ ୦.୦୪ ପ୍ରତିଶତ। ଏହି ବିଶାଳ ତାରତମ୍ୟ ସମ୍ପଦ ଅଭାବରୁ ନୁହେଁ, ବରଂ ଦୃଢ଼ ଦୃଷ୍ଟିକୋଣ, ଶିଳ୍ପ ଯୋଜନା ଓ ବଜାର ସଂଯୋଗର ଅଭାବରୁ।

ଭାରତରେ ପ୍ରାୟ ୧୩.୯୬ ମିଲିୟନ୍ ହେକ୍ଟର ଅଞ୍ଚଳରେ ବାଉଁଶ ଅଛି ଏବଂ ୧୩୬ ଠାରୁ ଅଧିକ ସ୍ୱଦେଶୀ ବାଁଶ ପ୍ରଜାତି ଏଠାରେ ମିଳେ। ଉତ୍ତର–ପୂର୍ବ ଭାରତ ଏହି ସମ୍ପଦର ପ୍ରାୟ ଦୁଇ-ତୃତୀୟାଂଶ ଧାରଣ କରିଛି ଏବଂ ଉତ୍ପାଦନ ଓ କ୍ଷେତ୍ରଫଳ ଉଭୟରେ ଲାଗାତାର ବୃଦ୍ଧି ଦେଖାଯାଉଛି। ଓଡ଼ିଶା, ଛତିଶଗଡ଼ ଓ ମଧ ପ୍ରଦେଶ ପରି କେନ୍ଦ୍ରୀୟ ଓ ପୂର୍ବ ରାଜ୍ୟଗୁଡ଼ିକରେ ମଧ ପ୍ରଚୁର ବାଉଁଶ ସମ୍ପଦ ରହିଛି। କିନ୍ତୁ ଏହି ସମୃଦ୍ଧିରୁ ଆହରଣ ହେଉଥିବା ଅର୍ଥନୈତିକ ମୂଲ୍ୟ ଅତ୍ୟନ୍ତ ନିମ୍ନ। ଏହାର କାରଣ ସମସ୍ତଙ୍କୁ ଜଣା, କିନ୍ତୁ ଯଥେଷ୍ଟ ଭାବେ ସମାଧାନ ହୋଇନାହିଁ। ମୂଳ ସମସ୍ୟା ଚାଷରେ ନୁହେଁ, ବରଂ ଚାଷ ପରେ ଯାହା ଘଟେ ସେଠାରେ। ଦେଶର ଅଧିକାଂଶ ଅଞ୍ଚଳରେ ପ୍ରୋସେସିଂ ଢାଞ୍ଚା ଖଣ୍ଡିତ, ଛୋଟ ମାପର ଓ ପ୍ରଯୁକ୍ତିଗତ ଭାବେ ପଛପଡ଼ା। ସପ୍ଲାୟ ଚେନ୍ ଦୁର୍ବଳ ଓ ଅସଂଗଠିତ। କାରିଗର ଓ ଛୋଟ ଉତ୍ପାଦକମାନେ ଆଧୁନିକ ଡିଜାଇନ୍, ଗୁଣମାନ ପ୍ରମାଣପତ୍ର ଓ ସଂଗଠିତ ବଜାରରୁ ବଞ୍ଚିତ। ଫଳସ୍ୱରୂପ, ଭାରତ କଞ୍ଚା କିମ୍ବା ଅର୍ଦ୍ଧ–ପ୍ରସ୍ତୁତ ବାଉଁଶ ରପ୍ତାନି କରି ଉଚ୍ଚମୂଲ୍ୟର ପ୍ରସ୍ତୁତ ଉତ୍ପାଦ ଆମଦାନି କରୁଛି। ଅର୍ଥାତ୍, ଭାରତ ସୁଯୋଗକୁ ରପ୍ତାନି କରୁଛି ଓ ମୂଲ୍ୟକୁ ଆମଦାନି।

ସରକାର ନିକଟ ଅତୀତରେ କିଛି ସଠିକ୍ ପଦକ୍ଷେପ ନେଇଛନ୍ତି। ପୁନର୍ଗଠିତ ଜାତୀୟ ବାଉଁଶ ମିଶନ୍ ବର୍ତ୍ତମାନ ୨୪ଟି ରାଜ୍ୟରେ କାର୍ଯ୍ୟାନ୍ୱିତ, ଯାହା ବାଉଁଶ ରୋପଣ, ପ୍ରୋସେସିଂ ହବ୍ ଓ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ କରିଛି। ୨୦୧୭ ମସିହାରେ ଅଜଙ୍ଗଲି ଜମିରେ ଚାଷ ହୋଇଥିବା ବାଉଁଶ ଗଛ ନୁହେଁ, ଘାସ ଭାବରେ ପୁନର୍ବର୍ଗୀକୃତ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପରିବର୍ତ୍ତନ ଥିଲା।

ମହାରାଷ୍ଟ୍ର, ତ୍ରିପୁରା ଓ ଆସାମ ପରି କିଛି ରାଜ୍ୟ ଦେଖାଇଛନ୍ତି ଯେ ସକ୍ରିୟ ନୀତି ଓ ବେସରକାରୀ ଭାଗୀଦାରୀ ବାଉଁଶ ଅର୍ଥନୈତିକ ସମ୍ଭାବନାକୁ ମୁକ୍ତ କରିପାରେ। ତଥାପି, ଏହି ପ୍ରୟାସଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ। ବାଉଁଶ ପାଇଁ 'ଅପରେସନ୍ ଫ୍ଲଡ୍' ପରି ଏକ ମିଶନ୍–ମୋଡ୍ ଆଭିଗମ ଆବଶ୍ୟକ, ଯାହା ଭାରତର ଦୁଗ୍ଧ କ୍ଷେତ୍ରକୁ ପରିବର୍ତ୍ତନ କରିଥିଲା, କିମ୍ବା ଯେପରି ଆଜି ପୁନର୍ନବୀକରଣ ଶକ୍ତି ଓ ଇଲେକ୍ଟ୍ରିକ୍ ଗତିଶୀଳତାକୁ ଗଢ଼ି ତୋଳାଯାଉଛି। ଏପରି ସମଗ୍ର ଢାଞ୍ଚା ବିନା, ବାଉଁଶ କେବଳ ଏକ ପାର୍ଶ୍ୱ କାର୍ଯ୍ୟ ହୋଇ ରହିଯିବ।

**ଓଡ଼ିଶା: ବାଉଁଶ ଅର୍ଥନୀତିର ଏକ ସୁପ୍ତ ଦାନବ**

ଓଡ଼ିଶା ପାଇଁ ବାଁଶ କେବଳ ଜାତୀୟ ସୁଯୋଗ ନୁହେଁ; ଏହା ଏକ ଜୀବନ୍ତ ବାସ୍ତବତା। ବାଉଁଶ ଓଡ଼ିଶାର ଆଦିବାସୀ ଓ ଜଙ୍ଗଲ–ନିର୍ଭର ଲୋକମାନଙ୍କ ସଂସ୍କୃତି, ଅର୍ଥନୀତି ଓ ପରିବେଶ ସହ ଗଭୀର ଭାବରେ ଜଡ଼ିତ। କନ୍ଧମାଳ, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କଳାହାଣ୍ଡି, କୋରାପୁଟ ଓ ସୁନ୍ଦରଗଡ଼ ପରି ଜିଲ୍ଲାଗୁଡ଼ିକରେ ପ୍ରଚୁର ବାଉଁଶ ସମ୍ପଦ ଓ ପୁରୁଷାନୁକ୍ରମିକ କାରିଗରୀ ଦକ୍ଷତା ରହିଛି।

କିନ୍ତୁ ଏହି ସମୁଦାୟଗୁଡ଼ିକ ଆଜିଯାଏ ସବୁଠାରୁ ନିମ୍ନ ମୂଲ୍ୟ ଶୃଙ୍ଖଳରେ ଅଟକି ରହିଛନ୍ତି। ତାଙ୍କ କାମ ଅଧିକାଂଶ ସମୟରେ ଝୁଡ଼ି, ଚଟାଇ ଓ ସାଧାରଣ ଘରୋଇ ସାମଗ୍ରୀରେ ସୀମିତ, ଯାହା ଆମଦାନି ହୋଇଥିବା ପ୍ଲାଷ୍ଟିକ୍ ଓ ମେସିନ୍–ନିର୍ମିତ ଉତ୍ପାଦ ସହ ପ୍ରତିଯୋଗିତା କରିପାରୁନାହିଁ। ଆଧୁନିକ ପ୍ରୋସେସିଂ ସୁବିଧା, ଡିଜାଇନ୍ ନବୀନତା, ବ୍ରାଣ୍ଡିଂ ଓ ନିଶ୍ଚିତ ବଜାର ଅଭାବ ତାଙ୍କୁ ନିଜ ଦକ୍ଷତାର ସତ୍ୟ ମୂଲ୍ୟରୁ ବଞ୍ଚିତ କରୁଛି।

ଯଦି ଲକ୍ଷ୍ୟଭିତ୍ତିକ ନିବେଶ ମାଧ୍ୟମରେ ବାଉଁଶ ପ୍ରୋସେସିଂ ପାର୍କ, କମନ୍ ଫ୍ୟାସିଲିଟି ସେଣ୍ଟର, ଡିଜାଇନ୍ ଓ ଇନୋଭେସନ୍ ଲ୍ୟାବ, କାରିଗର କ୍ଲଷ୍ଟର ଓ ଷ୍ଟାର୍ଟଅପ୍ ଇନ୍କ୍ୟୁବେସନ୍ ଗଢ଼ାଯାଏ, ତେବେ ଓଡ଼ିଶା ଭାରତର ବାଉଁଶ ଅର୍ଥନୀତିରେ ଅଗ୍ରଣୀ ଭୂମିକା ନେଇପାରିବ। ରାଜ୍ୟ ପାଖରେ କଞ୍ଚା ସାମଗ୍ରୀ ଓ ମାନବ ଦକ୍ଷତା—ଦୁହିଁ ଅଛି। ଆବଶ୍ୟକ କେବଳ ଏକ ସ୍ପଷ୍ଟ, ସମୟବଦ୍ଧ ରୋଡମ୍ୟାପ୍ ଓ ଦୃଢ଼ ରାଜନୈତିକ–ପ୍ରଶାସନିକ ପ୍ରତିବଦ୍ଧତା।

ଅର୍ଥନୈତିକ ସମ୍ଭାବନା ପରେ, ବାଉଁଶ ଏକ ଶକ୍ତିଶାଳୀ ଜଳବାୟୁ ସହଯୋଗୀ। ଗୋଟିଏ ବାଉଁଶ ଗଛ ପ୍ରତିବର୍ଷ ପ୍ରାୟ ୧୮୦ କିଲୋଗ୍ରାମ୍ କାର୍ବନ୍ ଡାଇଅକ୍ସାଇଡ୍ ଶୋଷଣ କରିପାରେ। ବାଉଁଶ ଆଧାରିତ ଉତ୍ପାଦ ପ୍ଲାଷ୍ଟିକ୍, କାଠ, କପାସ, କୋଇଲା ଓ ଜୀବାଶ୍ମ ଇଂଧନର ବିକଳ୍ପ ହୋଇପାରେ। ବାଉଁଶ ନିର୍ମାଣ କେବଳ ନିମ୍ନ–କାର୍ବନ୍ ନୁହେଁ, ଭୂକମ୍ପ–ପ୍ରତିରୋଧୀ ଓ ଶସ୍ତା ମଧ୍ୟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ବାଉଁଶ ଆଧାରିତ ଜୀବିକା ଗ୍ରାମୀଣ ଅଞ୍ଚଳରେ ବିପୁଳ ରୋଜଗାର ସୃଷ୍ଟି କରେ, ଯାହାକୁ ଆଉଟସୋର୍ସ କିମ୍ବା ସ୍ୱୟଂଚାଳିତ କରାଯାଇପାରେନାହିଁ।

ଏହି ଅର୍ଥରେ, ବାଉଁଶ ଭାରତର ଜଳବାୟୁ ପ୍ରତିଶ୍ରୁତି, ସୁସ୍ଥିର ବିକାଶ ଲକ୍ଷ୍ୟ ଓ 'ଆତ୍ମନିର୍ଭର ଭାରତ' ଭିଜନ ସହ ସମ୍ପୂର୍ଣ୍ଣ ମେଳ ରଖେ। ଏହା ପରିବେଶ ସୁରକ୍ଷା, ଅର୍ଥନୈତିକ ବୃଦ୍ଧି ଓ ସାମାଜିକ ସମାବେଶର ଏକ ଦୁର୍ଲଭ ସମନ୍ୱୟ ପ୍ରଦାନ କରେ।

ତଥାପି, ଦଶକ ଧରି ବାଉଁଶ ପୁରୁଣା ଧାରଣା, ଅବହେଳିତ ଗବେଷଣା ଓ ଅବିକଶିତ ବଜାର ମଧ୍ୟରେ ଅଟକି ରହିଛି। ଏହାକୁ ଦରିଦ୍ରଙ୍କ କାଠ ଭାବରେ ଦେଖାଯାଇଛି, ଆଧୁନିକ ଶିଳ୍ପ ସାମଗ୍ରୀ ଭାବରେ ନୁହେଁ। ଏହି ମନୋଭାବ ପରିବର୍ତ୍ତନ ହେଉଛି ସବୁଠାରୁ ବଡ଼ ଆହ୍ୱାନ।

ଭାରତକୁ ଆବଶ୍ୟକ ଏକ ସୁଦୃଢ଼ ବାଉଁଶ ପରିବେଶତନ୍ତ୍ର—ଗୁଣମାନ ମାନଦଣ୍ଡ, ଆଧୁନିକ ପ୍ରୋସେସିଂ ପ୍ରଯୁକ୍ତି, ଶକ୍ତିଶାଳୀ ଉତ୍ପାଦକ ସହକାରୀ, ନିର୍ଦ୍ଦିଷ୍ଟ ରପ୍ତାନି ପ୍ରୋତ୍ସାହନ ବ୍ୟବସ୍ଥା ଓ ଗବେଷଣା–ଉନ୍ନତିରେ ଦୀର୍ଘକାଳୀନ ନିବେଶ। ବିଶ୍ୱବିଦ୍ୟାଳୟ, ପ୍ରାଯୁକ୍ତିକ ସଂସ୍ଥା ଓ ଶିଳ୍ପକ୍ଷେତ୍ରକୁ ଏକସାଥିରେ କାମ କରି ନୂଆ ବାଁଶ ଆବେଦନ ଓ ଦୀର୍ଘସ୍ଥାୟୀତ୍ୱ ବିକାଶ କରିବାକୁ ପଡ଼ିବ।

ଭାରତ ଆଉ ଏକ ବିଶ୍ୱ ସୁଯୋଗକୁ ବିଳମ୍ବ ଓ ଖଣ୍ଡିତ ପ୍ରଶାସନ ଯୋଗୁଁ ହାରାଇବାକୁ ସକ୍ଷମ ନୁହେଁ।

ସମ୍ପ୍ରତି ମାନ୍ୟନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆସାମରେ ବାଉଁଶ ବ୍ୟବହାର କରି ନିର୍ମିତ ଏକ ବିମାନବନ୍ଦର ଟର୍ମିନାଲର ଉଦଘାଟନ ସୁସ୍ଥିର ସ୍ଥାପତ୍ୟ ଓ ସ୍ୱଦେଶୀ ସାମଗ୍ରୀର ସମ୍ଭାବନାକୁ ସ୍ପଷ୍ଟ କରେ। ଏହା ଦେଖାଏ—କଣ ସମ୍ଭବ।

..................

ମୋବାଇଲ : ୯୪୩୭୧୭୬୬୭୦

# ଅସୁରକ୍ଷିତ ପଥଚାରୀ



**ଯୁଧିଷ୍ଠିର ମହାରଣା**

ଏବେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି। ଏମିତିରେ ଦେଖିବାକୁ ଗଲେ ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ କରିଛି। ସଡ଼କ ଦୁର୍ଘଟଣାରେ କିଛି ଦିନ ତଳେ ଜନୈକ ମହିଳା ସାମ୍ବାଦିକଙ୍କ ଅଭାବନୀୟ ପରଲୋକ ଓ ପ୍ରତୀକାତ୍ମକ ଭାବେ କଟକର କିଛି ସାମ୍ବାଦିକ ବନ୍ଧୁ ଜୁଡ଼ିସିଆଲ ଏକାଡ଼େମୀରୁ ସିଡ଼ିଏ ଆଡ଼କୁ ଆସିଥିବା କିଛି ଅଞ୍ଚଳ ସ୍ୱତଃ ରାସ୍ତା ସଫା କରି ବାଲି ଓ ଅନ୍ୟ ଆବର୍ଜନା ପରିଷ୍କାର କରିଥିଲେ। ଗୋଟିଏ ସଡ଼କ ଦୁର୍ଘଟଣା ହେବାପରେ ଅନେକ ଚର୍ଚ୍ଚା, ଆଲୋଚନା, ସମୀକ୍ଷା ହୋଇଥାଏ। ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ। ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି। ମାନ୍ୟବର ସୁପ୍ରିମ କୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବର୍ତ୍ତମାନର ସଡ଼କରେ ଯାନବାହାନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି। ସେହିପରି ପ୍ରାତ୍ତ ହେଉ ବା ସାଂଧ୍ୟ ଭ୍ରମଣ ଏହା ବରିଷ୍ଠ ନାଗରିକଙ୍କ ଠାରୁ ମହିଳା ଏପରିକି ଶିଶୁ ଓ ଦିବ୍ୟାଙ୍ଗ ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ବିକଳ୍ପ। ତେବେ ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କମ ନୁହେଁ। ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ ପରିଚାଳନା ଅଭାବରୁ ମଧ ଅନେ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟପାଥର ଡିଜାଇନ ମଧ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅଳ୍ପେ ବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହର ମାନଙ୍କରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମତେ ପୌରପାଳିକା ମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷାସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ରାସ୍ତାରେ ଗାଡ଼ି ସଂଖ୍ୟା ମଧ ଲମ୍ବୁଛି। ଦ୍ରୁତ ଗାଡ଼ି ଚାଳନା, ନିଶାସକ୍ତ ଗାଡ଼ିଚାଳନା, ରାସ୍ତାଘାଟର ଦୂରବସ୍ଥା, କର୍କଶ ହର୍ଣ୍ଣ ଏସବୁକୁ ଦେଖିଲେ ରାସ୍ତାରେ ଚାଲି ଚାଲି ଯାଉଥିବା ଲୋକଟି ପ୍ରତି ଅନ୍ତତଃ ଟ୍ରାଫିକ ପୋଲିସ ମାନଙ୍କ ଠାରୁ କୌଣସି ସହାୟତା ମିଳିନଥାଏ। ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ। ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା। ତେବେ ସବୁ ପ୍ରସଙ୍ଗରେ ଅଦାଲତି କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଯାଇଥାଏ। ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁ ଦାୟିତ୍ୱ ରହିଛି।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-MAIL:JUDHISTER009MOHARANA@GMAIL.COM




ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା

# 'ମାନସ ଭଜରେ ଗୁରୁଚରଣମ୍'



**ବିଜୟଲକ୍ଷ୍ମୀ ଶତପଥୀ**

ମାନବକୁ ମାଧବ ସ୍ତରକୁ ଉନ୍ନିତ କରିବା ପାଇଁ ଯୁଗେ ଯୁଗେ ଈଶ୍ୱର ଅବତାର ନେଇ ଅବତରି ଆସନ୍ତି। ପ୍ରେମାବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ଧରା ପୃଷ୍ଠରେ ଅବତରଣ କରିଛନ୍ତି ସଂହାର ମାଧ୍ୟମରେ ନୁହଁ ସଂସ୍କାର ଦ୍ୱାରା ମାନବର ଉତ୍ତରଣ ପାଇଁ। ସମଗ୍ର ମାନବ ଜାତିକୁ ତାଙ୍କର ପ୍ରଥମ ବାର୍ତ୍ତା ସେ ଦେଇଛନ୍ତି "ମାନସ ଭଜରେ ଗୁରୁ ଚରଣମ୍, ଦୁସ୍ତର ଭବ ସାଗର ତରଣମ୍"। ଦୁସ୍ତର ଭବ ସାଗର ପାରି ହେବାର ଏକ ମାତ୍ର ସାଧନ ସେହି ଦିବ୍ୟ ଚରଣ ଯୁଗଳ ଯେଉଁ କୋମଳ ମଙ୍ଗଳ ଚରଣ ଯୁଗ ଯୁଗ ଧରି ସୁର ମୁନି ବନ୍ଦିତ, ସାଧୁ ଜନ ସେବିତ। "ଦର୍ଶନମ୍ ପାପ ନାଶନମ, ସ୍ପର୍ଶନମ୍ କର୍ମ ବିମୋଚନମ୍, ସମ୍ଭାଷଣମ୍ ସଙ୍କଟ ନାଶନମ୍।" ଭକ୍ତ ପାଇଁ ନିରାକାର ପ୍ରଭୁ ଦିବ୍ୟ ପାଦୁକାରେ ନିଜକୁ ପ୍ରତିଷ୍ଠିତ କରନ୍ତି ଏବଂ ଦର୍ଶନ, ସ୍ପର୍ଶନର ସୁଯୋଗ ପ୍ରଦାନ କରନ୍ତି। ଦିବ୍ୟ ଶକ୍ତିର ପ୍ରବାହ ମନୁଷ୍ୟର



ଚିନ୍ତା ଓ କର୍ମକୁ ପରିଶୁଦ୍ଧ କରେ, ଆଧ୍ୟାତ୍ମିକ ଏକାତ୍ମତା ଭାବ ବୃଦ୍ଧି କରେ ଏବଂ ହୃଦୟ ସହ ହୃଦୟର ମିଳନ କରାଏ।

ଓଡ଼ିଶା ପ୍ରାର୍ଥନା ରତ ଥିଲା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଓଡ଼ିଶା ଆଗମନ ପାଇଁ ଏବଂ ଅନେକ ସମୟରେ ପ୍ରଭୁ ପ୍ରତିଶ୍ରୁତି ମଧ ଦେଇଥିଲେ। ତାଙ୍କ ଓଡ଼ିଶା ଆଗମନର ପ୍ରତିଶ୍ରୁତି କୃପାମୟ ରକ୍ଷା କରିଛନ୍ତି, ଓଡ଼ିଶା ମାଟି ଦିବ୍ୟ ପଦ୍ମ ପାଦର ସ୍ପର୍ଶ ଲଭିଛି। ଚାତକ ପରି ଦିବ୍ୟ ଆଗମନକୁ ଅପେକ୍ଷା କରିଥିବା ଦର୍ଶନାତୁର ଓଡ଼ିଶାବାସୀଙ୍କ ଉପରେ କୃପାବର୍ଷା କରି ତୃଷିତ ହୃଦୟର ତୃଷ୍ଣା ନିବାରଣ କରିଛନ୍ତି ପରମ କରୁଣା ସମୁଦ୍ର।

୨୦୨୨ ମସିହା ଏପ୍ରିଲ ୨୪ ତାରିଖ ପବିତ୍ର ଆରାଧନା ଦିବସରେ ପ୍ରଶାନ୍ତି ନୀଳୟମରୁ ଦିବ୍ୟ ପାଦୁକା ଓଡ଼ିଶାକୁ ପ୍ରାପ୍ତ ହେଲା ଏବଂ ଦିବ୍ୟ ପ୍ରେମର ଜୟ ଯାତ୍ରା ସେଇଠୁ ଆରମ୍ଭ ହେଲା। ଏପ୍ରିଲ ୨୬ରେ ହଜାର ହଜାର ଆଶ୍ରିତ ଓଡ଼ିଶାରେ ଭଗବାନଙ୍କୁ ସ୍ୱାଗତ କଲେ ଏବଂ ଭୁବନେଶ୍ୱର ସାଇ ଜନନୀର ଦିବ୍ୟ ପ୍ରଶାନ୍ତ ପରିବେଶରେ ପାଦୁକା ପୂଜିତ ହେଲେ।୧୩ ଜୁଲାଇ ୨୦୨୨ ମସିହାପବିତ୍ର ଗୁରୁ ପୂର୍ଣ୍ଣିମା ଦିନ ଯାଜପୁର ଜିଲ୍ଲା ମହାବିନାୟକଠାରୁ ଭଗବାନଙ୍କ ଦିବ୍ୟ ପାଦୁକା ଓଡ଼ିଶା ଭ୍ରମଣରେ ବାହାରିଲେ। ଜିଲ୍ଲା ପରେ ଜିଲ୍ଲା, ସମିତି ପରେ ସମିତି, ପ୍ରତିଟି ବ୍ଲକ, ପ୍ରତି ଭଜନ ମଣ୍ଡଳୀରେ ଦିବ୍ୟ ପାଦୁକା ପଦାର୍ପଣ କଲେ।ଦିବ୍ୟ ପାଦୁକା ଆଜି ଓଡ଼ିଶାର କୋଣ ଅନୁକୋଣ ବୁଲି ଓଡ଼ିଶାର ମାଟି, ପାଣି, ପବନକୁ ଧନ୍ୟ କରିଛନ୍ତି।ଦୀର୍ଘ ସାଢ଼େ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟରେ ଦିବ୍ୟ ପାଦୁକା ରଥ ୪୦, ୦୦୦ ରୁ ଉର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରି ଓଡ଼ିଶାର ସମସ୍ତ ଜିଲ୍ଲା, ସମସ୍ତ ବ୍ଲକର ୧୦, ୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମରେ ଦର୍ଶନ ଦେଇଛନ୍ତି। ଏହି ଦିବ୍ୟଯାତ୍ରାରେ, ଜନ ସମୁଦ୍ରରେ ଆନନ୍ଦର ଜୁଆର କେବଳ ଦେଖିବାକୁ ମିଳି ନଥିଲା, ଥିଲା କର୍ମ, ଭକ୍ତି ଓ ଜ୍ଞାନର ତ୍ରିବେଣୀ ସଙ୍ଗମରେ ମଧ ବୁଡ ପକେଇବାର ଅପୂର୍ବ ଅନୁଭବ। ଦିବ୍ୟ ପାଦୁକା ଆଗେଇବା ସହ ସାଧକ ସାଧିକା ଆଧ୍ୟାତ୍ମିକ, ଶିକ୍ଷା ଓ ସେବା ବିଭାଗ ର ବିବିଧ ସେବା ସାଧନାରେ ବ୍ରତୀ ହେଉଥିଲେ।କେଉଁଠି ଲୋକ କଲ୍ୟାଣ ପାଇଁ ମହାରୁଦ୍ରମ୍, ଅଖଣ୍ଡ ଭଜନ, ଲକ୍ଷାର୍ଚ୍ଚନ ତ ପୁଣି କେଉଁଠି ନାରାୟଣ ସେବା, ନିର୍ମଳ ଝର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ, ରକ୍ତ ଦାନ, ସ୍ୱାସ୍ଥ୍ୟ ଶିବିରର ଆୟୋଜନ ପୁଣି କେଉଁଠି ନୂତନ ବାଳବିକାଶ କେନ୍ଦ୍ର ଉଦ୍ଘାଟନ, ସମ୍ମାନ, ସଙ୍ଗୋଷ୍ଠୀର ଆୟୋଜନ। ଏଭଳି କର୍ମ ଭକ୍ତି ଓ ଜ୍ଞାନର ତ୍ରିବେଣୀ ସବୁଠି ପରିଲକ୍ଷିତ ହେଉଥିଲା। ତା ସହ ସବୁଠି ପ୍ରଭୁଙ୍କ ଦିବ୍ୟ ଉପସ୍ଥିତିର ଅପୂର୍ବ ଅନୁଭବ ହୃଦୟକୁ ସ୍ପନ୍ଦିତ କରିଥିଲା।ଆଉ ଭକ୍ତପ୍ରାଣ ଦର୍ଶନ ଦେବା ସହ ଦିବ୍ୟ ଦୃଷ୍ଟିରେ ଭକ୍ତଙ୍କ ସମସ୍ତ ଦୁଃଖ କଷ୍ଟ ନିବାରଣ ପାଇଁ ମଧ ତତ୍ପର ଥିଲେ।ଭଗବାନଙ୍କ ଦର୍ଶନ ପାଇଁ ଭକ୍ତ ଯେତେ ବ୍ୟାକୁଳ ଥିଲେ ଭଗବାନ ମଧ ଭକ୍ତ ପାଇଁ ସେତେ ବ୍ୟାକୁଳ ଥିଲେ। ଆଜି ଧନ୍ୟ କରିଛନ୍ତି ପ୍ରଭୁ ଆମର ଏହି ମାନବ ଜନ୍ମ। ଦୀର୍ଘ ସାଢ଼େ ତିନି ବର୍ଷର ଯାତ୍ରା ପରେ ଆସନ୍ତା ୧୮ ଜାନୁଆରୀ ୨୦୨୬ରେ ଐତିହାସିକ ବାଲି ଯାତ୍ରା ପଡ଼ିଆରେ ପ୍ରାୟ୪୦, ୦୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ମଧ୍ୟରେ ଏହି ଦିବ୍ୟ ପାଦୁକା ଯାତ୍ରା ସମାପନ ମହୋତ୍ସବ ପାଳିତ ହେବାକୁ ଯାଉଛି।ଏହା ପରେ ଦିବ୍ୟ ପାଦୁକା ଭୁବନେଶ୍ୱର ସ୍ଥିତ ସାଇ ଜନନୀରେ ପ୍ରତିଷ୍ଠିତ ହେବେ।

ଥରେ ସାକ୍ଷାତକାର କକ୍ଷରେ ପ୍ରକୃତ ପାଦପୂଜାକୁ ବୁଝାଇବାକୁ ଯାଇ ଭଗବାନ କହିଥିଲେ "ପଦାଙ୍କ ଅନୁସରି ଯିବା ହିଁ ପ୍ରକୃତ ପାଦପୂଜା 'ପ୍ରତିଦିନମ୍ ତତ୍ ପାଦୁକା ସେବ୍ୟତାମ୍'। ସେହି ପଦ୍ମପାଦ ପ୍ରଭୁଙ୍କ ଦିବ୍ୟ ଜୀବନାଦର୍ଶର ପ୍ରତୀକ।ତାଙ୍କ ସନ୍ଦେଶକୁ ଜୀବନରେ ପ୍ରତିଫଳିତ କରି ପାରିଲେ ହିଁ ପ୍ରକୃତ ପାଦସେବା ହେବ, ଦିବ୍ୟ ପାଦୁକା ଯାତ୍ରା ସାର୍ଥକ ଲଭିବ।ତାଙ୍କ କୃପାରୁ ପ୍ରାପ୍ତ ଅମୂଲ୍ୟ ଜୀବନାନୁଭୂତି, ଦିବ୍ୟପଦାଙ୍କ ଅନୁସରିବାର ଶକ୍ତି ପ୍ରଦାନ କରି, ଆମର ଲକ୍ଷ୍ୟ ସେହି ଦିବ୍ୟ ପଦ୍ମପାଦ ପ୍ରାପ୍ତି ପଥେ ଅଗ୍ରସର କରାଉ।ହେ ପ୍ରଭୁ, ଏ ମନ ଯେଉଁ ଆଡେ ବି ଯାଉ, ତୁମ ଦିବ୍ୟ ରୂପର ସନ୍ଦର୍ଶନ କରୁ, ଯେଉଁଠି ବି ନତ ମସ୍ତକ ହୋଇ ପ୍ରଣିପାତ କରୁ, ତୁମ ଦିବ୍ୟ ପଦ୍ମପାଦ ଦେଖୁ। ସେହି କୋମଳ ପବିତ୍ର ପାଦପଦ୍ମ ହୃଦୟ ସିଂହାସନରେ ସ୍ଥାପିତ ହୋଇ ପଦାଙ୍କ ଅନୁସରି ଯିବାକୁ ପ୍ରେରିତ କରିଚାଲୁ।


ଖରିଆର ରୋଡ, ନୂଆପଡ଼ା, E-MAIL : BIJAYLAXMISATPATHY@YAHOO.COM

### ମହାକାଶରେ ସ୍ୱାସ୍ଥ୍ୟଗତ ପରିସ୍ଥିତି

# ମିଶନ ବାତିଲ କରି ପୃଥିବୀକୁ ଫେରିଲେ ୪ ମହାକାଶଚାରୀ



**ନୂଆଦିଲ୍ଲୀ, ୧୫।୧:** ଆନ୍ତର୍ଜାତିକ ସ୍ପେଶ ଷ୍ଟେସନ (ଆଇଏସ୍ଏସ୍)ରେ ଜଣେ ମହାକାଶଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାପରେ ନାସାକୁ ଏହାର କ୍ରୁ-୧୧ ମିଶନ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ପଡ଼ିଛି। ନାସା ଏହି ମିଶନରେ ସାମିଲ ସମସ୍ତ ଚାରି ମହାକାଶଚାରୀଙ୍କୁ ଭୂପୃଷ୍ଠକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛି। ଆଇଏସ୍ଏସରେ ୨୫ ବର୍ଷ ଇତିହାସରେ ପ୍ରଥମ ଥର ଏପରି ଜରୁରୀକାଳୀନ ପ୍ରତ୍ୟାବର୍ତ୍ତନ କରାଯାଇଛି। ଏହି ଟିମରେ ନାସାର ମହାକାଶଚାରୀ ଜେନା କାର୍ଡ଼ମାନ୍ ଓ ମାଇକ୍ ଫିଙ୍କେ ଓ ଜାକ୍ସାର କିମିୟା ୟୁଇ ଓ ରୋସ୍କସ୍ମସ୍ ମହାକାଶଚାରୀ ଓଲେଗ୍ ପ୍ଲାଟୋନଭ୍ ଅଛନ୍ତି।

ମହାକାଶଚାରୀମାନେ ଭାରତୀୟ ସମୟ ଅନୁଯାୟୀ ଗୁରୁବାର ଅପରାହ୍ଣ ୨ଟା ୧୧ ମିନିଟରେ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛି। ତେବେ ଗୋପନୀୟତା ବଜାୟ ରଖିବାକୁ ନାସା ଅସୁସ୍ଥ ମହାକାଶଚାରୀଙ୍କ ନାମ ଓ ଅସୁସ୍ଥତା କାରଣ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ଜାନୁଆରି ୮ ତାରିଖରେ ନାସାକୁ ମିଶନ ଅଧାରୁ ଶେଷ କରିବା ପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ଅସୁସ୍ଥ ମହାକାଶଚାରୀଙ୍କ ଅବସ୍ଥା ଏବେ ସ୍ଥିର ଅଛି। ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଭାରତୀୟ ସମୟ ଅନୁଯାୟୀ ଗୁରୁବାର ରାତି ୩ଟା ୩୫ ମିନିଟରେ ଆରମ୍ଭ ହୋଇଥିଲା। ସ୍ପେଶ୍ ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ସୂଚନାନୁଯାୟୀ ଅର୍ବିଟିଂ ଲାବେରଟେରୀର ୨୫ ବର୍ଷର ଇତିହାସରେ ଏହା ପ୍ରଥମ ଜରୁରୀକାଳୀନ ପ୍ରତ୍ୟାବର୍ତ୍ତନ। ଏହି ଘଟଣା ସ୍ପେଶ ମିସନର ଚାଲେଞ୍ଜକୁ ପୁଣି ଥରେ ସାମ୍ନାକୁ ଆଣିଛି। ନାସା ପ୍ରଶାସନ ଗୁରୁବାର ୱାସିଂଟନରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୁ ମେମ୍ବରଙ୍କୁ ମେଡିକାଲ ଏମରଜେନ୍ସିରେ ଫେରାଇ ଅଣାଯାଉଥିବା କଥା ଘୋଷଣା କରିଥିଲେ।

### ବିଗୁଡ଼ୁଛି ସ୍ଥିତି ଚାଲିଛି ସମରସଜ୍ଜା

# ଇରାନ ଅଭିମୁଖେ ଆମେରିକାର ଯୁଦ୍ଧ ଜାହାଜ



**ନୂଆଦିଲ୍ଲୀ,୧୫।୧:** ଇରାନ ଅଭିମୁଖେ ଦ୍ରୁତ ଗତିରେ ଯାଉଛି ଆମେରିକା ଯୁଦ୍ଧ ଜାହାଜ। ବଢ଼ୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଆମେରିକା ପ୍ରତିରକ୍ଷା ମୁଖ୍ୟାଳୟ 'ପେଣ୍ଟାଗନ୍' ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଦକ୍ଷିଣ ଚାଇନା ସାଗରରେ ମୁତୟନ ଥିବା ଆମେରିକାର ଏକ ଶକ୍ତିଶାଳୀ 'କ୍ୟାରିଅର୍ ଷ୍ଟ୍ରାଇକ୍ ଗ୍ରୁପ୍'କୁ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଯାଇଛି। ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ଅଧୀନରେ ଥିବା ଏହି ଅଞ୍ଚଳରେ ଟ୍ରମ୍ପ ପ୍ରଶାସନ ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁଁ ଏହି ସାମରିକ ପଦକ୍ଷେପ ନିଆଯାଇଛି। ସୂଚନା ଅନୁଯାୟୀ, ଆମେରିକାର ପରମାଣୁ ଶକ୍ତି ସମ୍ପନ୍ନ ବିମାନବାହୀ ଯୁଦ୍ଧ ଜାହାଜ 'ୟୁଏସଏସ୍ ଆବ୍ରାହମ ଲିଙ୍କନ' ନେତୃତ୍ୱରେ ଏକ ବିଶାଳ ନୌସେନା ଦଳ ମଧ୍ୟପ୍ରାଚ୍ୟକୁ ଯାଉଛି। ଏହି ଗ୍ରୁପ୍‌ରେ ଏକାଧିକ ଯୁଦ୍ଧ ଜାହାଜ ସମେତ ଅତିକମରେ ଗୋଟିଏ ଆଟାକ୍ ସବମରିନ୍ ମଧ୍ୟ ରହିଛି। ଏହି ଯୁଦ୍ଧ ଜାହାଜଗୁଡ଼ିକ ଆସନ୍ତା ପ୍ରାୟ ଏକ ସପ୍ତାହ ମଧ୍ୟରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଏହି ନୌସେନା ମୁତୟନ ଇରାନ ପାଇଁ ଏକ ବଡ଼ ସତର୍କବାଣୀ ବୋଲି କୁହାଯାଉଛି। ଆମେରିକାର ଏହି ସାମରିକ ପ୍ରସ୍ତୁତି ମଧ୍ୟରେ କାତାରରେ ଥିବା ଆମେରିକାର ସବୁଠାରୁ ବଡ଼ ସାମରିକ ବେସ୍ 'ଅଲ୍ ଉଦେଇଦ୍'ରୁ କିଛି କର୍ମଚାରୀଙ୍କୁ ସୁରକ୍ଷା ଦୃଷ୍ଟିରୁ ସେଠାରୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସାଉଦି ଆରବରେ ଥିବା ଆମେରିକୀୟ ଦୂତାବାସ ମଧ୍ୟ ନିଜ କର୍ମଚାରୀଙ୍କୁ ଅତି ସତର୍କ ରହିବାକୁ ଏବଂ ଅନାବଶ୍ୟକ ଯାତ୍ରା ନକରିବାକୁ ନିର୍ଦ୍ଦେଶ ଦେଇଛି।

## ଗ୍ରୀନଲାଣ୍ଡ ଓ ଇରାନ ପ୍ରସଙ୍ଗରେ ଫ୍ରାନ୍ସର ଜରୁରୀ ବୈଠକ

**ପ୍ୟାରିସ,୧୫।୧:** ଗ୍ରିନଲାଣ୍ଡ ଅଧିଗ୍ରହଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟ ଏବଂ ଇରାନରେ ଦେଶବ୍ୟାପୀ ବିକ୍ଷୋଭ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରିବା ପାଇଁ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଗୁରୁବାର ପ୍ୟାରିସରେ ଏକ ଜରୁରିକାଳୀନ ପ୍ରତିରକ୍ଷା କ୍ୟାବିନେଟ୍ ବୈଠକ ଡକାଇଛନ୍ତି। ଏକ୍ସରେ ଏକ ବାର୍ତ୍ତାରେ ମାକ୍ରୋନ୍ କହିଛନ୍ତି ଯେ, ଫ୍ରାନ୍ସର ସାମରିକ କର୍ମଚାରୀଙ୍କ ଏକ ପ୍ରଥମ ଦଳ ଡେନମାର୍କ ଓ ଗ୍ରିନଲାଣ୍ଡ ଦ୍ୱାରା ଆୟୋଜିତ ଏକ ଅଭ୍ୟାସରେ ଅଂଶଗ୍ରହଣ କରିବାକୁ ଗ୍ରିନଲାଣ୍ଡ ଅଭିମୁଖେ ଯାଉଛନ୍ତି। ଜର୍ମାନୀ, ନରୱେ ଓ ସ୍ୱିଡେନ୍ ସମେତ ସହଯୋଗୀ ଦେଶମାନେ କୋପେନହେଗେନ୍ ଓ ନୁକ୍‌କୁ ସମର୍ଥନ ପ୍ରଦର୍ଶନ କରି ଗ୍ରିନଲାଣ୍ଡରେ ସୈନ୍ୟ ମୁତୟନ କରିବା ଆରମ୍ଭ କରିଛନ୍ତି। ମାକ୍ରୋନ୍ ତାଙ୍କ ଏକ୍ସ ପୋଷ୍ଟରେ କହିଛନ୍ତି, ଡେନମାର୍କର ଅନୁରୋଧ କ୍ରମେ ମୁଁ ନିଷ୍ପତ୍ତି ନେଇଛି ଯେ, ଗ୍ରିନଲାଣ୍ଡରେ ଡେନମାର୍କ ଦ୍ୱାରା ଆୟୋଜିତ ମିଳିତ ସମରାଭ୍ୟାସରେ ଫ୍ରାନ୍ସ ଅଂଶଗ୍ରହଣ କରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରିନଲାଣ୍ଡ ଦଖଲ କରିବାକୁ ଚାହୁଁଥିବା ବେଳେ ସହଯୋଗୀ ରାଷ୍ଟ୍ରଗୁଡ଼ିକଠାରୁ ମଧ୍ୟ ବିରୋଧର ସମ୍ମୁଖୀନ ହେବା ଦେଖାଯାଉଛି।

### ଅଭିଯୁକ୍ତକୁ ମାଡ଼ ମାରିବା ଘଟଣା

## ଝାଡ଼ଖଣ୍ଡରେ ଇଡି-ପୁଲିସ ମୁହାଁମୁହିଁ

**ରାଞ୍ଚି,୧୫।୧:** ପଶ୍ଚିମବଙ୍ଗ ପରେ ଝାଡ଼ଖଣ୍ଡରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ରାଜ୍ୟ ପୁଲିସ ମଧ୍ୟରେ ପୁଣି ମୁହାଁମୁହିଁ ଆରମ୍ଭ ହୋଇଛି। ଜଳ ଯୋଗାଣ ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଜଣେ ଅଭିଯୁକ୍ତ ସନ୍ତୋଷ କୁମାରଙ୍କୁ ଇଡି ଅଧିକାରୀମାନେ ପଚରାଉଚରା ସମୟରେ ମାଡ଼ ମାରିଥିଲେ ବୋଲି କୁମାର ପୁଲିସ ଆଗରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ରାଞ୍ଚି ପୁଲିସର ଏକ ଟିମ୍ ଜାନୁଆରୀ ୧୫ ତାରିଖ ସକାଳେ ବିପୁଳ ସଂଖ୍ୟାରେ ଏୟାରପୋର୍ଟ ରୋଡରେ ଥିବା ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲା। ରାଞ୍ଚିର ଅପର ବୁଟିଆର ବାସିନ୍ଦା ସନ୍ତୋଷ କୁମାର ଇଡିର ସହକାରୀ ନିର୍ଦ୍ଦେଶକ (ଦ୍ୱିତୀୟ) ପ୍ରତୀକ ଓ ତାଙ୍କ ସହକାରୀ ଶୁଭମଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ପରେ ପୁଲିସ ବିମାନବନ୍ଦର ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କୁମାରଙ୍କ କହିବା ଅନୁଯାୟୀ, ଆହତ ହେବା ପରେ ତାଙ୍କୁ ସଦର ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କ ମୁଣ୍ଡରେ ଛଅଟି ସିଲେଇ କରାଯାଇଥିଲା। ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଡାକ୍ତରଖାନାରେ ଧମକ ଦିଆଯାଇଥିଲା ଏବଂ ତାଙ୍କ ଆଘାତର ପ୍ରକୃତ କାରଣ ଡାକ୍ତରଙ୍କୁ ପ୍ରକାଶ ନ କରିବାକୁ କୁହାଯାଇଥିଲା। ଇଡି କାର୍ଯ୍ୟାଳୟକୁ ଫେରାଇ ଅଣାଯିବା ପରେ କୁମାର ଦାବି କରିଛନ୍ତି ଯେ, ତାଙ୍କ ରକ୍ତ ଭିଜା ଟି-ସାର୍ଟକୁ ଜବରଦସ୍ତ କାଢ଼ି ଏକ ନୂଆ ସାର୍ଟ ପିନ୍ଧାଯାଇଥିଲା ଏବଂ ପଢ଼ିବାକୁ ଅନୁମତି ନଦେଇ ତାଙ୍କୁ ଏକ କାଗଜରେ ଦସ୍ତଖତ କରିବାକୁ ବାଧ୍ୟ କରାଯାଇଥିଲା। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଯଦି ସେ ଏହି ଘଟଣା ବିଷୟରେ ଗଣମାଧ୍ୟମ, ପୁଲିସ କିମ୍ବା ଓକିଲଙ୍କୁ ସୂଚନା ଦିଅନ୍ତି, ତେବେ ଅଧିକାରୀମାନେ ତାଙ୍କ ପତ୍ନୀ ଓ ପିଲାମାନଙ୍କୁ ଜେଲକୁ ପଠାଇବେ ବୋଲି ଧମକ ଦେଉଥିଲେ। ଏହି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ହାଇପ୍ରୋଫାଇଲ୍ ବ୍ୟକ୍ତିବିଶେଷଙ୍କ ଭୂମିକା ଉପରେ ଇଡି ଅନୁସନ୍ଧାନ କରୁଥିବା ବେଳେ ପୁଲିସ ବର୍ତ୍ତମାନ ଇଡି ଅଧିକାରୀଙ୍କ ଆଚରଣର ଅନୁସନ୍ଧାନ କରୁଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ପୁଲିସ ସକାଳ ୬ଟାରେ କାର୍ଯ୍ୟାଳୟରେ ପହଞ୍ଚିବା ନେଇ ଇଡି ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।

### ଟ୍ରମ୍ପଙ୍କୁ ନାଲିଆଖି ଦେଖାଇଲା ଇରାନ

# ଏଥର ଟାର୍ଗେଟ ମିସ୍ ହେବନି



**ତେହେରାନ,୧୫।୧:** ଇରାନରେ ବର୍ତ୍ତମାନ ସ୍ଥିତି ବିସ୍ଫୋରକ। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ଭୟ ମଧ୍ୟରେ ଇରାନ ଏବେ ଟ୍ରମ୍ପଙ୍କୁ ନାଲିଆଖି ଦେଖାଇଛି। ଇରାନ ଏକ ଫଟୋଗ୍ରାଫ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇଛି। ଇରାନ ୨୦୨୪ରେ ପେନସିଲଭାନିଆରେ ଟ୍ରମ୍ପଙ୍କ ଉପରେ ହୋଇଥିବା ଗୁଳିମାଡ଼ର ଏକ ଫଟୋ ଦେଖାଇଛି। ଜାତୀୟ ଟିଭିରେ ଏହି ଫଟୋ ଦେଖାଇ ଇରାନ ଟ୍ରମ୍ପଙ୍କୁ ଧମକ ଦେଇଛି ଯେ, ଏଥର, ଟାର୍ଗେଟ ମିସ୍ ହେବନାହିଁ।

ପାର୍ସୀ ଭାଷାରେ ପ୍ରସାରିତ ଏହି କଡ଼ା ବାର୍ତ୍ତାର ଅନୁବାଦ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସବୁଠାରୁ ବଡ଼ କଥା ଇରାନ ସରକାରଙ୍କ ଏହି ବାର୍ତ୍ତା ବିଶେଷ ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି। ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେବା ପରେ ଖାମେନି ସରକାର ଏବ କଠୋର ଆଭିମୁଖ୍ୟ ଦେଖାଇଛନ୍ତି।

ଆମେରିକା ରାଷ୍ଟ୍ରପତି କହିଥିଲେ, ଯଦି ଇରାନ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କୁ ହତ୍ୟା କରେ, ତେବେ ଆମେରିକା ସେମାନଙ୍କ ସାହାଯ୍ୟ ପାଇଁ ଆସିବ। ଆମେ ପଦକ୍ଷେପ ନେବାକୁ ପ୍ରସ୍ତୁତ। ସେପଟେ ଇରାନ ଯେଉଁ ଫଟୋ ବ୍ୟବହାର କରିଛି, ତାହା ଟ୍ରମ୍ପଙ୍କ ଉପରେ ଆକ୍ରମଣ ବେଳର ଦୃଶ୍ୟ। ୨୦୨୪ ନିର୍ବାଚନୀ ରାଲିରେ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। କିନ୍ତୁ ଗୁଳି ତାଙ୍କ କାନରେ ବାଜିଥିଲା ଏବଂ ଟ୍ରମ୍ପ ଅଳ୍ପକେ ବର୍ତ୍ତି ଯାଇଥିଲେ।

ଗତ କିଛିଦିନ ମଧ୍ୟରେ ଇରାନ ଏବଂ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଛି। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ପରେ, ଇରାନ ପାଞ୍ଚ ଘଣ୍ଟା ପାଇଁ ତା'ର ଆକାଶ ମାର୍ଗ ବନ୍ଦ କରିଦେଇଥିଲା। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ବ୍ରିଟେନ ତେହେରାନରେ ଥିବା ଏହାର ଦୂତାବାସକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି। ବ୍ରିଟେନ ସମସ୍ତ କୂଟନୈତିକ କର୍ମଚାରୀଙ୍କୁ ମଧ୍ୟ ଫେରାଇ ଆଣିଛି। ବ୍ରିଟିଶ ବୈଦେଶିକ କାର୍ଯ୍ୟାଳୟ କହିଛି, ଆମେ ତେହେରାନରେ ଥିବା ବ୍ରିଟିଶ ଦୂତାବାସକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛୁ।

### ● ଦିଲ୍ଲୀରେ ଆଉ ଏକ ବଡ଼ ସାଇବର ଠକେଇ

## ମହିଳାଙ୍କ ପାଖରୁ ଲୁଟିନେଲେ ୭ କୋଟି ଟଙ୍କା

**ନୂଆଦିଲ୍ଲୀ,୧୫।୧:** ସାଇବର ଠକମାନେ ଦିଲ୍ଲୀର ଗ୍ରେଟର କୈଳାସ ଏବଂ ଜିକେ ଅଞ୍ଚଳରେ ରହୁଥିବା ବୃଦ୍ଧ କୋଟିପତିଙ୍କ ଉପରେ ନଜର ରଖିଛନ୍ତି। ଏହି ଠକମାନେ ବିଚ୍ଛିନ୍ନ କଲୋନୀରେ ରହୁଥିବା ବୃଦ୍ଧମାନଙ୍କୁ ସହଜରେ ଭୟଭୀତ କରୁଛନ୍ତି ଏବଂ ଠକେଇ କରୁଛନ୍ତି। ପାଞ୍ଚ ଦିନ ମଧ୍ୟରେ ସେମାନେ ଏହି ଅଞ୍ଚଳରେ ଦୁଇଟି ବଡ଼ ଅପରାଧ ଘଟାଇଛନ୍ତି। ସାଇବର ଠକ ୨୨ କୋଟି ଟଙ୍କା ଠକେଇ କରିଛନ୍ତି। ଉଭୟ ମାମଲାରେ ଧାରା ପ୍ରାୟ ସମାନ। ସେମାନେ ପ୍ରଥମେ ଡିଜିଟାଲ ଆରେଷ୍ଟ କରି ବୟସ୍କ ଲୋକମାନଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଉଛନ୍ତି। ଏହା ପରେ ସେମାନଙ୍କ ପାଖରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଆଉ ଗୋଟିଏ ମାମଲା ଏବେ ସାମ୍ନାକୁ ଆସିଛି। ଗ୍ରେଟର କୈଳାସ ପାର୍ଟ-୧ରେ ରହୁଥିବା ଜଣେ ୭୦ ବର୍ଷୀୟା ମହିଳା ବ୍ୟବସାୟୀଙ୍କୁ ଡିଜିଟାଲ ଆରେଷ୍ଟ କରି ୭ କୋଟି ଟଙ୍କା ଠକି ନେଇଛନ୍ତି ସାଇବର ଠକ। ପୀଡିତାଙ୍କ ଅଭିଯୋଗ ଆଧାରରେ ଜିକେ-୧ ପୁଲିସ ଷ୍ଟେସନ ଏକ ଏଫଆଇଆର ରୁଜୁ କରିଛି।

### ● ଇରାନରେ ସାମରିକ ଆଇନ ଲାଗୁ

## ଏଥର ଦେଖିବା ମାତ୍ରେ ଗୁଳିମାଡ଼

**ନୂଆଦିଲ୍ଲୀ ୧୫।୧:** ଦିନକୁ ଦିନ ଇରାନ ସ୍ଥିତି ବିଗିଡିବାରେ ଲାଗିଛି। ସରକାର ବିରୋଧୀ ପ୍ରତିବାଦ ଓ ବଢ଼ୁଥିବା ହିଂସା ମଧ୍ୟରେ ଏବେ ସାରା ଦେଶରେ ସାମରିକ ଆଇନ ଲାଗୁ କରାଯାଇଛି। ଆଇନ ଅନୁସାରେ ଦେଖିଲା ମାତ୍ରେ ଗୁଳି କରିବାକୁ ଆଦେଶ ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ମନ୍ତବ୍ୟ ଓ ଧମକ ପରିସ୍ଥିତିକୁ ଆହୁରି ସଙ୍କଟାପର୍ଣ୍ଣ କରିଦେଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଇରାନ ସରକାର ଏହି କଠୋର ପଦକ୍ଷେପ ନେଇଛନ୍ତି। ଇରାନରେ ସରକାର ବିରୋଧୀ ଆନ୍ଦୋଳନରେ ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନରେ ଏପର୍ଯ୍ୟନ୍ତ ୨,୬୧୫ ଜଣ ପ୍ରଦର୍ଶନକାରୀଙ୍କୁ ମୃତ୍ୟୁ ହେଲାଣି। ମୃତକଙ୍କ ମଧ୍ୟରେ ୧୩ ଶିଶୁ ଅଛନ୍ତି। ପ୍ରଦର୍ଶନରେ ଅଂଶଗ୍ରହଣ କରିନଥିବା ୧୪ ଜଣ ନାଗରିକଙ୍କର ମଧ ଏଥିରେ ମୃତ୍ୟୁ ହୋଇଛି। ଆନ୍ଦୋଳନରେ ସାମିଲ ୧୮,୪୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। ସାମରିକ ଆଇନ ଲାଗୁ ହେବା ପରେ ସାମୟିକ ଭାବରେ ସାଧାରଣ ଆଇନ ଶୃଙ୍ଖଳାକୁ ସ୍ଥଗିତ ରଖାଯିବ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ସାମରିକ ବାହିନୀକୁ କର୍ଫ୍ୟୁ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ଲଗାଇବା ଭଳି ବିଶେଷ କ୍ଷମତା ପ୍ରଦାନ କରାଯିବ। ଆଇନ ଶୃଙ୍ଖଳା ବଜାୟ ରଖିବା ଦାୟିତ୍ୱ ସାମରିକ ବାହିନୀ ଉପରେ ରହିବ। ଇରାନରେ ଶେଷ ଥର ପାଇଁ ୮ ସେପ୍ଟେମ୍ବର ୧୯୭୮ରେ ସାମରିକ ଆଇନ ଲାଗୁ କରାଯାଇଥିଲା। ସେହି ସମୟରେ, ଶାହ ମହମ୍ମଦ ରେଜା ପହଲଭି ତେହେରାନ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ଏହାକୁ ଲାଗୁ କରିବାକୁ ଘୋଷଣା କରିଥିଲେ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଦେଶରେ ବଢ଼ୁଥିବା ଅସନ୍ତୋଷ ଏବଂ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ପୁଣି ଥରେ ଏହି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ।

## ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ସିଧା ଜମି ନେଣଦେଣ ବନ୍ଦ

### ● ଜିଲ୍ଲା ମାଜିଷ୍ଟ୍ରେଟଙ୍କଠୁ ନେବାକୁ ପଡ଼ିବ ଅନୁମତି

**ଗୌହାଟୀ, ୧୫।୧:** ଜମି ବିକା କିଣାକୁ ନେଇ ନିକଟରେ ଆସାମ ସରକାର ନେଇଥିବା ନିଷ୍ପତ୍ତି ଦେଶରେ ଏକ ନୂଆ ବିତର୍କକୁ ଜନ୍ମ ଦେଇଛି। ଏବେ ପ୍ରଶ୍ନ ଉଠୁଛି ଏକ ଖାସ ସମ୍ପ୍ରଦାୟ ନିମନ୍ତେ ସମ୍ପତ୍ତି କ୍ରୟ କରିବା ଆଗକୁ କଠିନ ହେବ। ଉଲ୍ଲେଖଯୋଗ୍ୟ ଯେ, ହିମନ୍ତ ବିଶ୍ୱଶର୍ମା ସରକାର ରାଜ୍ୟର ଜନସଂଖ୍ୟା ଅର୍ଥାତ ଡେମୋଗ୍ରାଫିରେ ହେଉଥିବା ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ପାଇଁ ଭୂମି ହସ୍ତାନ୍ତରଣ ନିୟମରେ ପରିବର୍ତ୍ତନ କରିଛନ୍ତି। ଏଥିରେ ଆସାମରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସିଧା ଜମି ନେଣଦେଣ ହୋଇ ପାରିବନି। ନୂଆ ଆଇନ ଅନୁସାରେ ଯଦି ଅଲଗା ଅଲଗା ଧର୍ମର ଲୋକେ ପରସ୍ପର ମଧ୍ୟରେ ଜମି କିଣାବିକା କରନ୍ତି ତେବେ ସେମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ ଔପଚାରିକ ମଞ୍ଜୁରୀ ନେବାକୁ ପଡିବ। ଏଥି ପାଇଁ ସରକାରଙ୍କ ତର୍କ ହେଲା ଅନେକ ଅଞ୍ଚଳରେ ସ୍ୱଦେଶୀ ଲୋକଙ୍କ ଜମି ଚାପ ଅଥବା ଆର୍ଥିକ ଦୟନିୟତା କାରଣରୁ ବିକ୍ରି ହେଉଛି। ଏଣୁ ଏହାକୁ 'ଲ୍ୟାଣ୍ଡ ଜିହାଦ' ମଧ୍ୟ କୁହାଯାଉଛି। ଏହି ଆଇନର ଉଦ୍ଦେଶ୍ୟ ହେଉଛି ବାଂଲାଦେଶୀ ଅନୁପ୍ରବେଶ ଓ ସୀମାବର୍ତ୍ତି ଜିଲ୍ଲା ମାନଙ୍କରେ ବଦଳୁଥିବା ଜନସଂଖ୍ୟା ସନ୍ତୁଳନକୁ ନିୟନ୍ତ୍ରିତ କରିବା। ଧୁବରୀ, ବାରପେଟା ଓ ନୌଗାଓଁ ଭଳି ଜିଲ୍ଲାମାନଙ୍କରେ ମୂଳ ନିବାସୀଙ୍କ ସଂଖ୍ୟା ହ୍ରାସକୁ ନଜରରେ ରଖି ସରକାର ଜିଲ୍ଲା ପ୍ରଶାସନକୁ ସବୁ ଅନ୍ତରଧାର୍ମିକ ହସ୍ତାନ୍ତରଣର ଗହନ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜନୈତିକ ଅଳିନ୍ଦରେ ମଧ୍ୟ ତୀବ୍ର ବିରୋଧ କରାଯାଉଛି।

## 'ଅପରେସନ ସିନ୍ଦୂର'ର ନୂଆ ଭିଡିଓ ଜାରି

**ନୂଆଦିଲ୍ଲୀ,୧୫।୧:** ସେନା ଦିବସ ଅବସରରେ ଭାରତୀୟ ସେନା ଗୁରୁବାର ଅପରେସନ ସିନ୍ଦୂର ସଂପର୍କିତ ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ସ୍ଥିତ ଆତଙ୍କୀ ଠିକଣା, ଏୟାରବେସ୍ ଓ ରାଡାର ସିଷ୍ଟମ ଉପରେ ହୋଇଥିବା ସଠିକ ଲକ୍ଷ୍ୟଭେଦ ହମଲାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଅପରେସନ ୨୦୨୫ ମେ'ରେ ଭାରତୀୟ ସେନା କରିଥିଲେ। ପ୍ରାୟ ତିନି ମିନିଟର ଏହି ଭିଡିଓର ଆରମ୍ଭ ଭାରତ ଉପରେ ହୋଇଥିବା ବଡ଼ ଆତଙ୍କବାଦୀ ହମଲାର ସ୍ମୃତିରୁ ହୋଇଛି। ଏଥିରେ ୨୦୦୧ ସଂସଦ ହମଲା, ୨୦୦୨ ଅକ୍ଷରଧାମ ହମଲା, ୨୦୦୮ ମୁମ୍ବାଇ ହମଲା, ୨୦୧୬ ଉରି ହମଲା, ୨୦୧୯ ପୁଲବାମା ହମଲା ଓ ୨୦୨୫ର ପହଲଗାମ ଆତଙ୍କୀ ହମଲା ବିଷୟରେ ଉଲ୍ଲେଖ ରହିଛି। ଭାରତୀୟ ସେନା ଏହି ସବୁ ଘଟଣାକୁ 'ମାନବତା ଉପରେ ହମଲା' ଦର୍ଶାଇଛନ୍ତି। ହିନ୍ଦୀ କ୍ୟାପସନ ସହ ଜାରି ଏହି ଭିଡିଓରେ ୨୦୨୫ ମେ ୭ ରାତିରେ ଭାରତୀୟ ସଶସ୍ତ୍ର ବଳ ସୀମା ପାର ସ୍ଥିତ ୯ ଆତଙ୍କୀ ଆଡ୍ଡା ଉପରେ ଏକ ସଙ୍ଗେ କିଭଳି ସଫଳ ଲକ୍ଷ୍ୟଭେଦ କଲେ ତାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ହମଲା ଅପରେସନ ସିନ୍ଦୂର ଆଧାରରେ କରାଯାଇଥିଲା। ଭିଡିଓରେ ଲେଖା ହୋଇଛି ଅପରେସନ ସିନ୍ଦୂର ସମୟରେ ଭାରତୀୟ ସଶସ୍ତ୍ର ବଳ ଅଦମ୍ୟ ସାହାସ, ପରାକ୍ରମ ଓ ଅତୁଟ ସଂକଳ୍ପ ସହିତ ଇତିହାସ ରଚିଛି। ଭିଡିଓରେ ପାକିସ୍ତାନର ନାଁ ନ ନେଇ ସମସ୍ତ ଦୃଶ୍ୟ ଦେଖା ଯାଇଛି। ଜମ୍ମୁ-କାଶ୍ମୀରର ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ବିପୁଳ ଗୁଳି ବିନିମୟ ହେଉଥିବା ଦେଖିବାକୁ ମିଳିଛି। ଏହାରି ଜବାବରେ ଭାରତୀୟ ସେନା ପାକିସ୍ତାନୀ ଡ୍ରୋନ ମାରି ଖସାଇଥିଲେ। ଏହା ବ୍ୟତୀତ ସୀମା ସ୍ଥିତ ସାମରିକ ଠିକଣା ଏବଂ ପରେ ପାକିସ୍ତାନର ଏୟାର ଡିଫେନ୍ସ ରାଡାର ଓ ଏୟାରବେସ୍ ଧ୍ୱଂସ କରାଯାଇଛି। ଏହି ଭିଡିଓ ଜରିଆରେ ଭାରତୀୟ ସେନା ପାକିସ୍ତାନକୁ କଠୋର ସନ୍ଦେଶ ଦେବାକୁ ଉଦ୍ୟମ କରିଛି। ଭିଡିଓର ଶେଷରେ ସ୍ପଷ୍ଟ ଶବ୍ଦରେ ଲେଖା ହୋଇଛି, ଆମ ଶତ୍ରୁ ପାଇଁ ଏହା ଏକ ଚେତାବନୀ। କାପୁରୁଷର ମୂଲ୍ୟ ଦେବାକୁ ପଡ଼ିବ। ଏହି ଭିଡିଓ କେବଳ ସୈନ୍ୟ କ୍ଷମତାର ପ୍ରଦର୍ଶନ ନୁହେଁ ବରଂ ଏହା ଏକ ସ୍ପଷ୍ଟ ସନ୍ଦେଶ ଦେଉଛୁ ଯେ, ଭାରତ ଆତଙ୍କବାଦ ବିରୋଧରେ ଚୁପ୍ ହୋଇ ବସିବ ନାହିଁ।

### ଡିଜିପି ଓ ପିସିଙ୍କ ନିଲମ୍ବନ ଓ ସିବିଆଇ ତଦନ୍ତ ନେଇ ଜବାବ ମଗାଗଲା

# ମମତାଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା



**ନୂଆଦିଲ୍ଲୀ,୧୫।୧:** ଆଜି ସୁପ୍ରିମ୍‌କୋର୍ଟରେ ମମତା ବାନାର୍ଜୀ ଓ ଇଡି ମୁହାଁମୁହିଁ ହେବା ମାମଲାର ଶୁଣାଣି ହୋଇଛି। ମମତା ବାନାର୍ଜୀ ସରକାର ଓ କୋଲକାତା ପୁଲିସକୁ ଏକ ବଡ଼ ଝଟକା ଦେଇ ସୁପ୍ରିମ୍‌କୋର୍ଟ ରାଜନୈତିକ ପରାମର୍ଶଦାତା ଆଇ-ପ୍ୟାକ୍ ବିରୋଧରେ ଚଢ଼ଉ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କ ବିରୋଧରେ ପଞ୍ଜୀକୃତ ଏଫ୍ଆଇଆର୍‌କୁ ସ୍ଥଗିତ ରଖିଛନ୍ତି। ଏଥି ସହ ଇଡି ଆବେଦନ ଅନୁଯାୟୀ ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କ ନିଲମ୍ବନ ଓ ସିବିଆଇ ତଦନ୍ତ ଦାବି ଉପରେ ଜବାବ ମାଗିଛନ୍ତି।

### ▶ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ◀

ଜଷ୍ଟିସ୍ ପ୍ରଶାନ୍ତ ମିଶ୍ର ଓ ଜଷ୍ଟିସ୍ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୃହ ମନ୍ତ୍ରାଳୟ, କର୍ମିକ ଓ ତାଲିମ ବିଭାଗ, ମମତା ବାନାର୍ଜୀ ଓ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କଠାରୁ ଜବାବ ମାଗିଛନ୍ତି। ପଶ୍ଚିମବଙ୍ଗ ଡିଜିପି ରାଜୀବ କୁମାର ଓ କୋଲକାତା ପୁଲିସ କମିସନର (ପିସି) ମନୋଜ କୁମାର ବର୍ମାଙ୍କୁ ନିଲମ୍ବନ କରିବା ନେଇ ଇଡିର ଆବେଦନ ଉପରେ ଏହି ଜବାବ ମଗାଯାଇଛି। ଏହି ମାମଲାରେ ସିବିଆଇ ତଦନ୍ତ ପାଇଁ ଆବେଦନ ଉପରେ ମଧ୍ୟ ଜବାବ ମାଗିଛନ୍ତି କୋର୍ଟ।

ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସର ନିର୍ବାଚନ ପ୍ରଚାର ପରିଚାଳନା କରୁଥିବା ଆଇ-ପ୍ୟାକ୍ ସହ ଜଡ଼ିତ ଚଢ଼ଉ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ମମତା ବାନାର୍ଜୀ ସରକାରଙ୍କ ମଧ୍ୟରେ ମୁହାଁମୁହିଁ-ଜନିତ ବିବାଦ ପରେ ଏହି ରାୟ ଆସିଛି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏହା କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଓ ରାଜ୍ୟ ଏଜେନ୍ସିଗୁଡ଼ିକର ହସ୍ତକ୍ଷେପ ସହ ଜଡିତ ଏକ ଗମ୍ଭୀର ପ୍ରସଙ୍ଗ। ଯଦି ଏହାର ଉତ୍ତର ନ ଦିଆଯାଏ ତେବେ ତାହା ଅରାଜକତା ସୃଷ୍ଟି କରିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରି ୩ରେ ହେବ। କେନ୍ଦ୍ରୀୟ ଏଜେନ୍ସି ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମମତା ବାନାର୍ଜୀଙ୍କ ବିରୋଧରେ ଚୋରି ଅଭିଯୋଗ ଆଣିଛନ୍ତି। ମମତା ଆଇ-ପ୍ୟାକ୍ ସହ-ପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ବାସଭବନରୁ ପ୍ରମାଣ ଚୋରାଇ ନେଇଛନ୍ତି। ଏହି ପ୍ରକାର କାର୍ଯ୍ୟ ରାଜ୍ୟ ପୁଲିସ ଅଧିକାରୀମାନଙ୍କୁ ଏଭଳି ମାମଲାରେ ସାହାଯ୍ୟ କରିବାକୁ ଉତ୍ସାହିତ କରିବ। ଏଥିପାଇଁ ବଙ୍ଗଳାର ଶୀର୍ଷ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରିବାକୁ ସେ ଦାବି କରିଛନ୍ତି।

### ନାଟୋର କଡ଼ା ପଦକ୍ଷେପ

## ଗ୍ରୀନଲାଣ୍ଡରେ ୬ ଦେଶର ସୈନ୍ୟ

**ୱାଶିଂଟନ,୧୫।୧:** ଗ୍ରୀନଲାଣ୍ଡର ସୁରକ୍ଷା ନେଇ ଅନ୍ତର୍ଜାତୀୟ ଚିନ୍ତା ବଢ଼ିଛି। ଗ୍ରୀନଲାଣ୍ଡକୁ ଯେକୌଣସି ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ନାଟୋ ଦେଶମାନେ ସେମାନଙ୍କର ପ୍ରୟାସ ବୃଦ୍ଧି କରିଛନ୍ତି। ଏପର୍ଯ୍ୟନ୍ତ ଡେନମାର୍କର ଅନୁରୋଧକୁ ଗ୍ରହଣ କରି ୬ଟି ନାଟୋ ଦେଶ ସେଠାରେ ସୈନ୍ୟ କିମ୍ବା କର୍ମଚାରୀ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସ୍ୱିଡେନ, ନରୱେ, ଜର୍ମାନୀ, ଫ୍ରାନ୍ସ, ନେଦରଲାଣ୍ଡ ଏବଂ କାନାଡା ଅନ୍ତର୍ଭୁକ୍ତ। ଗ୍ରୀନଲାଣ୍ଡ ଡେନମାର୍କର ଏକ ସ୍ୱାୟତ୍ତ ଅଞ୍ଚଳ। କିନ୍ତୁ ଏହାର ରଣନୈତିକ ଗୁରୁତ୍ୱ ଏହାକୁ ବିଶ୍ୱ ରାଜନୀତିର କେନ୍ଦ୍ରରେ ରଖିଛି। ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡକୁ ଆମେରିକାର ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି କହି ଏହାକୁ ମିଶାଇବାକୁ ଧମକ ଦେଇଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ, ରୁଷିଆ ଏବଂ ଚାଇନା ଗ୍ରୀନଲାଣ୍ଡକୁ ଶୋଷଣ କରିପାରିବେ। ଏହି ବିବୃତ୍ତି ପରେ ଡେନ୍‌ମାର୍କ ଏବଂ ଗ୍ରୀନଲାଣ୍ଡ ସେମାନଙ୍କର ସହଯୋଗୀ ଦେଶମାନଙ୍କ ସହିତ ସେଠାରେ ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କର ସାମରିକ ଉପସ୍ଥିତି ଜାହିର କରିଛନ୍ତି।

### ଇରାନ ପରିସ୍ଥିତି ଅସମ୍ଭାଳ

# ଆକାଶପଥ ବନ୍ଦ: ଉଦ୍ଧାର ପାଇଁ ଭାରତୀୟ ଛାତ୍ରଙ୍କ ନିବେଦନ



**ନୂଆଦିଲ୍ଲୀ,୧୫।୧:** ଗତ ଦୁଇ ସପ୍ତାହ ଧରି ଇରାନରେ ଚାଲିଥିବା ହିଂସାତ୍ମକ ପ୍ରତିବାଦ ଆଭ୍ୟନ୍ତରୀଣ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ୨୮ ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ଏହି ପ୍ରତିବାଦରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କହୁଛି। ମାନବାଧିକାର ସଂଗଠନ ଅନୁଯାୟୀ, ମୃତ୍ୟୁ ସଂଖ୍ୟା ୨ ହଜାର ଅତିକ୍ରମ କରିଛି। ଏହି ସଙ୍କଟ ଭାରତକୁ ମଧ ସିଧାସଳଖ ପ୍ରଭାବିତ କରିଛି। ବୁଧବାର ଇରାନ ହଠାତ୍ ତା'ର ଆକାଶପ ବନ୍ଦ କରିଦେଇଛି। ଫଳରେ ଭାରତ, ୟୁରୋପ ଏବଂ ଉତ୍ତର ଆମେରିକା ମଧରେ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ବିମାନ କମ୍ପାନୀଗୁଡ଼ିକ ରୁଟ୍ ପରିବର୍ତ୍ତନ କରିବାକୁ ବାଧ ହୋଇଛନ୍ତି। ଯାହା ଫଳରେ ଯାତ୍ରୀମାନଙ୍କୁ ବିଳମ୍ବ ଏବଂ ଅସୁବିଧା ହେଉଛି। ଉଭୟ ବିମାନ କମ୍ପାନୀ ପରାମର୍ଶ ଜାରି କରିଛନ୍ତି ଯେ, ସେମାନଙ୍କୁ ରୁଟ୍ ପରିବର୍ତ୍ତନ କରିବାକୁ ପଡିଛି। ଅନେକ ଉଡ଼ାଣ ବାତିଲ କରିବାକୁ ପଡିଛି।

ପ୍ରାୟ ୧୦ ରୁ ୧୨ ଭାରତୀୟ ବଂଶୋଦ୍ଭବ ଲୋକ ବର୍ତ୍ତମାନ ଇରାନରେ ଉପସ୍ଥିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଛାତ୍ର ଅଛନ୍ତି, ଯେଉଁଥିରେ ପ୍ରାୟ ୨ ହଜାରରୁ ୩ ହଜାର କାଶ୍ମୀର ଛାତ୍ର ଡାକ୍ତରୀ ପାଠ ପଢୁଛନ୍ତି। ଜାମ୍ମୁ ଏବଂ କାଶ୍ମୀର ଛାତ୍ର ସଂଘ ଏହି ଛାତ୍ରମାନଙ୍କ ସୁରକ୍ଷା ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛି। ବାରମ୍ବାର ଇଣ୍ଟରନେଟ୍ ବନ୍ଦ ଏବଂ ହିଂସାତ୍ମକ ପ୍ରତିବାଦ ଏହି ଛାତ୍ରମାନଙ୍କ ସହିତ ଯୋଗାଯୋଗ କରିବା କଷ୍ଟକର କରିଦେଇଛି, ଯାହା ସେମାନଙ୍କ ପରିବାରର ଚିନ୍ତା ବୃଦ୍ଧି କରୁଛି।

ଭାରତୀୟ ଦୂତାବାସ ସମସ୍ତ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଇରାନ ଛାଡିବାକୁ ପରାମର୍ଶ ଦେଇଛି। ତଥାପି, ଛାତ୍ର ଏବଂ ସେମାନଙ୍କ ସଂଗଠନଗୁଡ଼ିକ କହିଛନ୍ତି ଯେ ଏପର୍ଯ୍ୟନ୍ତ କୌଣସି ସ୍ଥାନାନ୍ତର ଯୋଜନା ଘୋଷଣା କରାଯାଇ ନାହିଁ। ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏହି ସମୟରେ, ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସ୍ଥାନାନ୍ତର କରିବାରେ ସହାୟତା ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି।

ଏହି ଅଶାନ୍ତି ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଛି। ଆମେରିକାର ପ୍ରତିବନ୍ଧକ ଯୋଗୁଁ ଭାରତ-ଇରାନ ବାଣିଜ୍ୟ ପୂର୍ବରୁ ଯଥେଷ୍ଟ ହ୍ରାସ ପାଇଛି। ବର୍ତ୍ତମାନ ପରିସ୍ଥିତିରେ, ଜାହାଜ ଚଳାଚଳ ମାର୍ଗ ଏବଂ ତୈଳ ଯୋଗାଣର ସମ୍ଭାବ୍ୟ ବାଧା ଭାରତର ବାଣିଜ୍ୟ ନିଅଣ୍ଟକୁ ଆହୁରି ଚାପ ପକାଇପାରେ।

ତଥ୍ୟ ଅନୁଯାୟୀ, ଇରାନ ଏବଂ ଭାରତ ମଧ୍ୟରେ ବାଣିଜ୍ୟ, ଯାହା ୨୦୧୯ ରେ ୧୭.୬ ବିଲିୟନ ଡଲାର ଥିଲା, ୨୦୨୪ରେ ମାତ୍ର ୨.୩ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତର ମୋଟ ବାଣିଜ୍ୟର କେବଳ ୦.୨ ପ୍ରତିଶତ ଇରାନ ସହିତ ଅଛି। ତଥାପି, ଜାହାଜ ଚଳାଚଳ ମାର୍ଗର ବାଧା ବାଣିଜ୍ୟ ନିଅଣ୍ଟକୁ ପ୍ରଭାବିତ କରିପାରେ। ପ୍ରାୟ ୫୦୦ ନିୟୁତ ଡଲାର ନିବେଶ କରିଥିବା ଭାରତର ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଚାବାହାର ବନ୍ଦର ପ୍ରକଳ୍ପ ଏବେ ଗମ୍ଭୀର ବିପଦରେ ପଡ଼ିଥିବା ଜଣାପଡ଼ିଛି। ପାକିସ୍ତାନକୁ ବାଇପାସ କରି ଆଫଗାନିସ୍ତାନ ମଧ୍ୟ ଏସିଆ ଏବଂ ୟୁରୋପକୁ ପ୍ରବେଶ କରିବା ପାଇଁ ଏହି ବନ୍ଦର ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ। ଚାବାହାର ବନ୍ଦର ଭାରତର ରଣନୈତିକ ପ୍ରୟାସରେ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରିଛି, କିନ୍ତୁ ସେଠାକାର ବର୍ତ୍ତମାନର ଅସ୍ଥିର ରାଜନୈତିକ ଏବଂ ଆର୍ଥିକ ପରିସ୍ଥିତି ଏହି ପ୍ରକଳ୍ପକୁ ପ୍ରଭାବିତ କରୁଛି। ଏକ ପ୍ରମୁଖ ଚିନ୍ତାର ବିଷୟ ହେଉଛି ଭାରତର ବାସୁମତୀ ଚାଉଳ ରପ୍ତାନିରେ ତୀବ୍ର ହ୍ରାସ ହୋଇଛି। ଭାରତୀୟ ବାସୁମତୀ ଚାଉଳର ସର୍ବବୃହତ ବିଦେଶୀ ବଜାର ଥିବା ଇରାନରେ ମଧ୍ୟ ଏହି ବାଣିଜ୍ୟ ସ୍ଥିର ହୋଇଛି। ୨୦୧୮-୧୯ରେ ଇରାନକୁ ଭାରତର ରପ୍ତାନି ପ୍ରାୟ ୩.୫୧ ବିଲିୟନ ଡଲାର ଥିଲା, ଯାହା ଏବେ ୨୦୨୪-୨୫ରେ ମାତ୍ର ୧.୨୪ ବିଲିୟନ ଡଲାରକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଏହା ଭାରତୀୟ ଚାଷୀ ଏବଂ ରପ୍ତାନିକାରୀଙ୍କୁ ବିପୁଳ କ୍ଷତି ପହଞ୍ଚାଉଛି।

ମମତାଙ୍କୁ ହଟାଇବା ପାଇଁ ଗୋଟି ଚଳାଉଛି ବିଜେପି

# ୧୮ରେ ପ୍ରଧାନମନ୍ତ୍ରୀଙ୍କ ସିଙ୍ଗୁର ରାଲି

**କୋଲକାତା,୧୫।୧:** ପଶ୍ଚିମବଙ୍ଗରେ ୨୦୨୬ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉତ୍ଥାନରେ ସାହାଯ୍ୟ କରିଥିବା ସିଙ୍ଗୁର ପୁଣି ଥରେ ଚର୍ଚ୍ଚାକୁ ଆସିଛି। ୨୦୦୮ରେ ମମତାଙ୍କ ଆନ୍ଦୋଳନ ପରେ ଟାଟା ସିଙ୍ଗୁର ପ୍ରକଳ୍ପକୁ ଛାଡ଼ି ଗୁଜରାଟ ସ୍ଥାନାନ୍ତର ହେବାକୁ ବାଧ ହୋଇଥିଲା। ତେବେ ଟାଟାକୁ ପୁଣି ସିଙ୍ଗୁର ଫେରାଇ ଆଣିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଛି। ଜାନୁଆରି ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗୁରରେ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ପୂର୍ବରୁ ବିକ୍ଷୋଭ ପ୍ରଦର୍ଶନ କରିଥିବା କୃଷକମାନେ ଆଗ ଧାଡ଼ିରେ ବସିବେ।



ପ୍ରାୟ ଦୁଇ ଦଶନ୍ଧି ତଳେ, ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ହୁଗୁଳି ନଦୀର ଠିକ୍ ପୂର୍ବ ଦିଗରେ ଏବଂ କୋଲକାତାଠାରୁ ପ୍ରାୟ ୪୦ କିଲୋମିଟର ଉତ୍ତରରେ ଥିବା ସିଙ୍ଗୁରର ଉର୍ବର ଚାଷ ଜମିରେ ଡେରା ପକାଇଥିଲେ। ୨୦୦୮ରେ ଏହି ଷ୍ଟ୍ରିଟ୍ ଫାଇଟର ସେଠାରେ ଟାଟା ନାନୋ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବିରୋଧରେ ଏକ ତୀବ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନ ତାଙ୍କୁ ବଙ୍ଗଳା ରାଜନୀତିର କେନ୍ଦ୍ରରେ ପହଞ୍ଚାଇଥିଲା ଏବଂ ଶେଷରେ ତାଙ୍କୁ ସିପିଆଇ(ଏମ୍) ସରକାରକୁ ହଟାଇବାରେ ସାହାଯ୍ୟ କରିଥିଲା। ଟାଟା ନାନୋ କାରଖାନାକୁ ପଶ୍ଚିମବଙ୍ଗର ସିଙ୍ଗୁରରୁ ଗୁଜୁରାଟର ସାନନ୍ଦକୁ ସ୍ଥାନାନ୍ତର କରିବାକୁ ପଡିଥିଲା।

୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ସିଙ୍ଗୁରର ସେହି ଉର୍ବର ଜମି ପୁଣି ଏକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ରକୁ ଫେରିଛି। ଏଥର ବିଜେପି ଏହାକୁ ଯୁଦ୍ଧକ୍ଷେତ୍ର ଭାବେ ବାଛିଛି। ଦୀର୍ଘ ଦିନ ଧରି ପରିତ୍ୟକ୍ତ ଟାଟା ନାନୋ କାରଖାନା ପୁଣି ଥରେ କାହାଣୀର କେନ୍ଦ୍ରରେ ଥିବାରୁ ସିଙ୍ଗୁରକୁ ଏକ ବଞ୍ଚିତ ଶିଳ୍ପ ସୁଯୋଗ ଭାବରେ ଉପସ୍ଥାପନ କରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ପ୍ରସଙ୍ଗକୁ ଏକ ଓଲଟା ମୋଡ଼ ଦେବାକୁ ଚେଷ୍ଟା କରୁଛି। ଜାନୁଆରି ୧୮ ତାରିଖରେ ସିଙ୍ଗୁରର ସିଙ୍ଗେର ଭେରି ମୌଜାରେ ମୋଦୀ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ବର୍ଷ ବର୍ଷ ଧରି ଫ୍ରିଜ୍ ହୋଇ ରହିଥିବା ଶିଳ୍ପ-ବନାମ ଜମି ବିତର୍କ ପୁନର୍ଜୀବିତ ହୋଇଛି। ଯଦି ବଙ୍ଗଳାରେ ବିଜେପି କ୍ଷମତାକୁ ଆସେ ତେବେ ଟାଟାକୁ ସିଙ୍ଗୁରକୁ ଫେରାଇ ଆଣିବ ବୋଲି ପ୍ରତିଶ୍ରୁତି ଦେଇଛି। ବିଜେପି ପାଇଁ, ସିଙ୍ଗୁର ହେଉଛି ଏହାର ୨୦୨୬ ବିଧାନସଭା ନିର୍ବାଚନ ପ୍ରଚାରର ପ୍ରାରମ୍ଭିକ ଅଧ୍ୟାୟ। ଏହା ସିଙ୍ଗୁରକୁ ତୃଣମୂଳ କଂଗ୍ରେସର ଶାସନର ଅନ୍ତ ହେବ ବୋଲି ଦାବି କରିବାର ଆରମ୍ଭ ବିନ୍ଦୁ ଭାବରେ ଉପସ୍ଥାପନ କରୁଛି।

● ସ୍ୱରାଷ୍ଟ୍ର ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ କ୍ରୀଡ଼ା

## ଅତିରିକ୍ତ ଶାସନ ସଚିବଙ୍କ ଦ୍ୱାରା ଜର୍ସି ଉନ୍ମୋଚିତ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ସ୍ୱରାଷ୍ଟ୍ର ବିଭାଗର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏହାର ବାର୍ଷିକ କ୍ରୀଡ଼ା ମହୋତ୍ସବ ଆନୁଷ୍ଠାନିକ ଭାବେ କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଉଦ୍ଦିଷ୍ଟ ଜର୍ସିକୁ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ସ୍ୱତନ୍ତ୍ର ଶାସନ ସଚିବ ରାଧାକିଶନ ଶର୍ମା, ଅତିରିକ୍ତ ଶାସନ ସଚିବ ସୋମେନ୍ଦ୍ରେ ପାତ୍ର, ଯୁଗ୍ମ ସଚିବ ମିନାକ୍ଷୀ ବେହେରାଙ୍କ ସହ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା।

ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୫୦ ରୁ ଅଧିକ ପୁରୁଷ ଓ ମହିଳା ଅଧିକାରୀ ୪୦୦ ମିଟର ରେସ, ଲଙ୍ଗଜମ୍ପ, ଜାଭେଲିନ, ସଟପୁଟ, ଡସକସ ଥ୍ରୋ ସମେତ ୯ ଟି ଇଭେଣ୍ଟର ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡ଼ା ମହୋତ୍ସବ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଏବଂ କ୍ରୀଡ଼ା ମାନସିକତା ବୃଦ୍ଧି ସହିତ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରକ୍ଷା ଉଦ୍ଦେଶ୍ୟରେ କରାଯାଇଥିଲା। ଏହି ବାର୍ଷିକ କ୍ରୀଡ଼ା ମହୋତ୍ସବର ସମାପନ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କ୍ରୀଡ଼ା ଏବଂ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ମେଡାଲ ଏବଂ ସାର୍ଟିଫିକେଟ ପ୍ରଦାନ କରି ଉତ୍ସାହିତ କରିଥିଲେ।

## ଜନ୍ମଦିନରେ ସବର୍ଣ୍ଣ କାର୍ଡ ଖେଳିଲେ ମାୟାବତୀ



**ଲକ୍ଷ୍ନୌ,୧୫।୧:** ବିଏସପି ସୁପ୍ରିମୋ ମାୟାବତୀ ଗୁରୁବାର ତାଙ୍କ ୭୦ତମ ଜନ୍ମଦିନ ପାଳନ ଅବସରରେ ରାଜଧାନୀ ଲକ୍ଷ୍ନୌରେ ଏକ ବଡ଼ ରାଜନୈତିକ ରଣନୀତି ଆପଣେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ୨୦୨୫ ଶୀତକାଳୀନ ଅଧିବେଶନ ସମୟରେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ବିଜେପିର ବ୍ରାହ୍ମଣ ବିଧାୟକମାନେ ଏକ ବୈଠକ କରିଥିଲେ। ସେମାନେ ବିଜେପି ସରକାର ବିରୋଧରେ ଉପେକ୍ଷା ପ୍ରସଙ୍ଗ ଉଠାଇଥିଲେ। ସେହିପରି କ୍ଷତ୍ରିୟ ବିଧାୟକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ଉଭୟ ସବର୍ଣ୍ଣ ବର୍ଗଙ୍କ ସହିତ କ'ଣ ଘଟିଛି ତାହା କାହାକୁ ଅଛପା ନାହିଁ। ଯଦି ବିଏସପି ସରକାର ଗଠନ କରେ, ତେବେ ଦଳ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବ। ଏଭଳି ମନ୍ତବ୍ୟ ଦେଇ ସେ ସବର୍ଣ୍ଣ କାର୍ଡ ଖେଳିଛନ୍ତି। ମାୟାବତୀ କହିଛନ୍ତି, ଆମେ ସର୍ବଦା ବ୍ରାହ୍ମଣ ସମାଜକୁ ପ୍ରତିନିଧିତ୍ୱ ଦେଇଆସିଛୁ। ବ୍ରାହ୍ମଣମାନେ କାହା ଦ୍ୱାରା ଭ୍ରମିତ ହେବା ଉଚିତ ନୁହେଁ। ବ୍ରାହ୍ମଣମାନଙ୍କ ବିରୋଧରେ ଯେକୌଣସି ପ୍ରକାରର ଅତ୍ୟାଚାରକୁ ରୋକିବା ପାଇଁ ବିଏସପି ସରକାର କ୍ଷମତାକୁ ଆସିବା ଆବଶ୍ୟକ। ସେ କ୍ଷତ୍ରିୟ ବିଧାୟକଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି, ଆମେ ସରକାରକୁ ଆସିଲେ ସେମାନଙ୍କୁ ମଧ୍ୟ ପୂର୍ଣ୍ଣ ସମ୍ମାନ ଦିଆଯିବ। ବିଏସପି ସରକାରରେ ସମଗ୍ର ସମାଜ ଉପକୃତ ହୋଇଛି।

## ଅପରେସନ ରିସର୍ଚ୍ଚ ଓଡ଼ିଶା ଶାଖାର ବୌଦ୍ଧିକ ଆଲୋଚନା



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଗଣିତ ଓ ପରିସଂଖ୍ୟାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଓଡ଼ିଶାର ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ଉପଯୁକ୍ତ ପାଠ୍ୟଖସଡ଼ା ଓ ପର୍ଯ୍ୟାପ୍ତ ଶିକ୍ଷକ ଅଭାବରୁ ପ୍ରସାର ଓ ଆଦର ହୋଇପାରୁନାହିଁ ବୋଲି ବିଶାରଦମାନେ ମତ ବ୍ୟକ୍ତ କରିଛନ୍ତି। ଗତକାଲି 'ମକର ମିଳନ' ଅବସରରେ ଅପରେସନ ରିସର୍ଚ୍ଚ ସୋସାଇଟି (ଓଆରଏସଆଇ) ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ କର୍ମଶାଳାରେ ସମ୍ପୃକ୍ତ ବିଷୟର ବିଶାରଦ ଓ ଅନେକ ବରିଷ୍ଠ ସଦସ୍ୟ ବୌଦ୍ଧିକ ଆଲୋଚନାରେ ଭାଗ ନେଇଥିଲେ। ଅପରେସନ ରିସର୍ଚ୍ଚ ଶାଖା ପକ୍ଷରୁ ପ୍ରସ୍ତାବିତ 'ଗଣିତ ଓ ପରିସଂଖ୍ୟାନ ବିଷୟର ପ୍ରସାର ଓ ଆଦର, ଓଡ଼ିଶାରେ ବୃଦ୍ଧି ହେବ କିପରି' ବିଷୟରେ ସଦସ୍ୟମାନେ ନିଜ ନିଜ ମତାମତ ଦେଇଥିଲେ। ରାଜ୍ୟ ସରକାରଙ୍କ ପରିସଂଖ୍ୟାନ ବିଭାଗର ପୂର୍ବତନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମହାନ୍ତି କହିଛନ୍ତି ଯେ ଏହି ବିଷୟଗୁଡ଼ିକ କେତେ ଉପାଦେୟ ଓ ଅର୍ଥ ରୋଜଗାର ପାଇଁ କେତେ ସହାୟକ, ତାହା ପିଲାମାନେ ବୁଝିପାରିଲେ ଏହାର ପ୍ରସାର ଓ ଆଦର ବଢ଼ିପାରିବ। ରାଜ୍ୟ ସରକାରଙ୍କ ଅନ୍ୟତମ ପୂର୍ବତନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଲୋକନାଥ ଷଡ଼ଙ୍ଗୀ କହିଛନ୍ତି ଯେ ଆମେ ବିଷୟର ପ୍ରୟୋଗର ଉପାଦେୟତା ଠିକ ଭାବେ ପଢାଇପାରୁ ନ ଥିବା ଅଭାବରୁ ପ୍ରସାର ଓ ଆଦର ହୋଇପାରୁନାହିଁ। ଆମକୁ ଗୁଣୀ ତଥା ଶ୍ରଦ୍ଧାଶୀଳ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବାକୁ ହେବ। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗର ପୂର୍ବତନ ନିର୍ଦ୍ଦେଶକ ବଂଶୀଧର ମହାପାତ୍ର ଆଲୋଚନାରେ ଭାଗ ନେଇ କହିଛନ୍ତି ଯେ ପିଲାମାନଙ୍କୁ ଉପଯୋଗୀ ପ୍ରୋଜେକ୍ଟ ମାଧ୍ୟମରେ ପ୍ରଶିକ୍ଷଣ ଦେବା ଜରୁରୀ।

● ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## 'ଅଧିକ ଦିନ ଧରି ଶାରୀରିକ ସମ୍ପର୍କ 'ଜବରଦସ୍ତି' ନୁହେଁ'

**କଟକ,୧୫।୧ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଲିଭ୍-ଇନରେ ରହିବା ଏକ ଫ୍ୟାସନ ହୋଇଗଲାଣି। କିନ୍ତୁ ଏହି ଫ୍ୟାସନ ପାଇଁ ଅନେକ କିଛି ଘଟଣା ଘଟାଇଥାଏ। ଯାହା ଦ୍ୱାରା ବିବାଦ ଘଟଣା ମଧ୍ୟ ସାମ୍ନାକୁ ଆସିଥାଏ। ତା' ଭିତରେ ସବୁଠୁ ବଡ଼ ଅଭିଯୋଗ ହେଉଛି ଶାରୀରିକ ସମ୍ପର୍କକୁ ନେଇ। ଏହି ଅଭିଯୋଗକୁ ଆଧାର କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଅନୁଯାୟୀ ଯଦି ଦୁଇଜଣଙ୍କ ମଧ୍ୟରେ ଅଧିକ ଦିନ ଧରି ଶାରୀରିକ ସମ୍ପର୍କ ରହିଛି ତେବେ ଏହାକୁ 'ଜବରଦସ୍ତି' ବୋଲି ଧରାଯାଇ ପାରିବନାହିଁ। ଏହି ଅଭିଯୋଗକୁ ଆଧାର କରି ଜଣେ ବ୍ୟକ୍ତିଙ୍କୁ ବଳାତ୍କାର କରିଥିବା



ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ପାରିବନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଏହି ଅଭିଯୋଗ ଆଧାରରେ ହାଇକୋର୍ଟ ଅଭିଯୁକ୍ତ ମହେନ୍ଦ୍ର ପ୍ରଧାନକୁ ବଳାତ୍କାର ମାମଲାରେ ଦୋଷମୁକ୍ତ କରି ଅନ୍ୟ ଅପରାଧ ପାଇଁ ଦଣ୍ଡାଦେଶରେ ସଂଶୋଧନ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ସୂଚନାନୁଯାୟୀ ୨୦୦୬ରେ ସୋନପୁର ଜିଲ୍ଲା ତରଭା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ଯେ, ମହେନ୍ଦ୍ର ପ୍ରଧାନ ତାଙ୍କୁ ଛୁରି ଦେଖାଇ ଜବରଦସ୍ତି ବଳାତ୍କାର କରିଥିଲେ ଏବଂ ପରେ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମ୍ପର୍କ ଯୋଗୁଁ ସେ ଗର୍ଭବତୀ ହେବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭପାତ ପାଇଁ ଔଷଧ ଦେଇଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହି ମାମଲାରେ ନିମ୍ନ ଅଦାଲତ ମହେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହି ଆଦେଶକୁ ମହେନ୍ଦ୍ର ହାଇକୋର୍ଟରେ ଚାଲେଞ୍ଜ୍ କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି କହିଛନ୍ତି ଯେ, ଏତେଦିନ ଧରି ରହିଥିବା ସମ୍ପର୍କକୁ 'ଜବରଦସ୍ତି' କୁହାଯାଇ ପାରିବନାହିଁ।

## ମକର ମେଳାରେ ନୀଳାଚଳ ସେବା ପ୍ରତିଷ୍ଠାନର ସେବାକାର୍ଯ୍ୟ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଉଷ୍ମପ୍ରସବଣ ଖୋର୍ଦ୍ଧାରେ ଥିବା ବେଳେ ସେଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମକର ମେଳା ଅନୁଷ୍ଠିତ ହୋଇଛି। ଏହି ମେଳାରେ ଖୋର୍ଦ୍ଧା ଓ ନୟାଗଡ଼ ସହ ବିଭିନ୍ନ ଜିଲ୍ଲାରୁ ବହୁତ ଶ୍ରଦ୍ଧାଳୁ ଆସିଥାଆନ୍ତି। ଚଳିତ ବର୍ଷ ନୀଳାଚଳ ସେବା ପ୍ରତିଷ୍ଠାନ ପକ୍ଷରୁ ଉକ୍ତ ମେଳାରେ ବିଭିନ୍ନ ସେବା କାର୍ଯ୍ୟ କରାଯାଉଛି। ମେଳାକୁ ବୁଲିବାକୁ ଆସୁଥିବା ଲୋକମାନଙ୍କ ସକାଶେ ରନ୍ଧା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ସମାଜସେବୀ ରମେଶ ଶତପଥୀ ଏହି ମେଳା ଉଦଘାଟନ କରିଛନ୍ତି। ଅଧ୍ୟାପକ ଦୀନବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ନୀଳାଚଳ ସେବା ପ୍ରତିଷ୍ଠାନ ଏକମାତ୍ର ସଂସ୍ଥା, ଯିଏ ଗତ ୨୦୧୫ରୁ ନିୟମିତ ଭାବେ ବିଭିନ୍ନ ସେବା ଯୋଗାଇ ଦେଇଆସୁଛି। ତେଣୁ ପ୍ରତିଷ୍ଠାନକୁ ଏପରି ମହତ୍ କାର୍ଯ୍ୟ ସକାଶେ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ସେବା କାର୍ଯ୍ୟ ମଧ୍ୟରେ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ, ଜଳ ସିଞ୍ଚନ, ବଡ଼ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ମେଡିକାଲ ସେବା ଆଦି ସାମିଲ୍ ରହିଛି। ଏପରି ସେବା କାର୍ଯ୍ୟ ସକାଶେ ଏହି ପ୍ରତିଷ୍ଠାନକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନବକଳେବର-୨୦୧୫ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ପକ୍ଷରୁ ସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ କରିଥିବା ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଅନୁଷ୍ଠିତ

**ଭୁବନେଶ୍ୱର,୧୫।୧ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଙ୍ଗୀତ ଓ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଦେବପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଧରଣର କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରତିଫଳିତ କରିବା



ଦିଗରେ ସେମାନଙ୍କୁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ କବି ସହଦେବ ଜୟସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ବିଶ୍ୱବିଦ୍ୟାଳୟର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ।

## ଦିଲ୍ଲୀ ଗସ୍ତରେ ବାଚସ୍ପତି

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଆଜି ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଏଥିସହ ସେ ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ କମନୱେଲଥ ଦେଶର ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀଙ୍କ ୨୮ତମ ସମ୍ମିଳନୀରେ ବି ଯୋଗଦେଇଛନ୍ତି। ଏହି ସମ୍ମିଳନୀକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଥିବା ବେଳେ ଲୋକସଭା ବାଚସ୍ପତି ଓମ ବିର୍ଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଥିରେ ୭୮ଟି ଦେଶ, ସମସ୍ତ ରାଜ୍ୟର ବାଚସ୍ପତି,



କେନ୍ଦ୍ର ମନ୍ତ୍ରୀ ଓ ସାଂସଦ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟରେ ବିଧାନସଭା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ଶ୍ରୀମତୀ ପାଢ଼ୀ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ବାଚସ୍ପତିଙ୍କ ସହ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ବି ଯୋଗଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରତି ମାସ...

କାର୍ଯ୍ୟସୂଚୀକୁ ବିଭିନ୍ନ ବିଭାଗ କିପରି କାର୍ଯ୍ୟକାରୀ କରୁଛନ୍ତି ଓ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକରେ ୨୦୨୫-୨୬ ବର୍ଷରେ ବିତ୍ତୀୟ ସ୍ଥିତିର ସମୀକ୍ଷା ହୋଇଛି। ବଜେଟ୍ ଅନୁମୋଦନ ଅନୁସାରେ, ଗତ ଡିସେମ୍ବର ୨୦୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି, ସାମାଜିକ କ୍ଷେତ୍ର ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ ସମୀକ୍ଷା କରାଯାଇଛି। ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚରେ ଗତବର୍ଷ ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ କାର୍ଯ୍ୟକ୍ରମ ବାବଦକୁ ୧୫ ପ୍ରତିଶତ ବୃଦ୍ଧି ହୋଇଥିବା ବୈଠକରୁ ଜଣାପଡ଼ିଛି। ସେହିପରି ବିଭିନ୍ନ ଉତ୍ସରୁ ରାଜସ୍ୱ ସଂଗ୍ରହ ଗତ ଆର୍ଥିକ ବର୍ଷ ତୁଳନାରେ ୭.୮୨ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟରେ ବହୁ ପୁରୁଣା ଆଇନ କାର୍ଯ୍ୟ କରୁଛି। ସେଥିମଧ୍ୟରୁ ଯେଉଁଗୁଡ଼ିକର ସାମ୍ପ୍ରତିକ ସମୟରେ ଆବଶ୍ୟକ ନୁହେଁ, ସେସବୁକୁ ପ୍ରତ୍ୟାହାର କରିବା ସକାଶେ ସଚିବମାନଙ୍କୁ ତର୍ଜମା କରି ପ୍ରସ୍ତାବ ଦେବାକୁ ଆଇନ୍ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପ୍ରତି ମାସ ୧୬ ତାରିଖରେ ଜିଲ୍ଲାପାଳମାନଙ୍କ ସହ ବିକାଶମୂଳକ କାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା ହେବ। କିନ୍ତୁ ଚଳିତ ମାସରେ ପୂର୍ବ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟ ଥିବାରୁ ଆସନ୍ତାକାଲି ଏହି ବୈଠକ ନ ହୋଇ ଆସନ୍ତା ୨୨ରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏଥିସହ ମାସର ପ୍ରତି ତୃତୀୟ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ତଥା ଏମଓୟୁ ସ୍ୱାକ୍ଷରିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରାଯିବ।

## ହାଇଦ୍ରାବାଦ...

ହେବା ପରଠାରୁ ମୁଖ୍ୟମନ୍ତ୍ରୀ ନିଜେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଆଦି ସହରରେ ରୋଡ ସୋ ସହ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ନିବେଶକଙ୍କ ସହ ୱାନ ଟୁ ୱାନ ଆଲୋଚନା କରିଥିଲେ। ଯାହାର ଫଳସ୍ୱରୂପ ହାଇଦ୍ରାବାଦ ନିବେଶକ ସମ୍ମିଳନୀରୁ ଓଡିଶାରୁ ୬୭ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା।

ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨,୫୫,୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ୧,୬୩,୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡିଶାରେ ଫାର୍ମା କନ୍କ୍ଲେଭ୍, ଟେକ୍ସଟାଇଲ୍ କନ୍କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ କନ୍କ୍ଲେଭ୍‌ରେ ଓଡ଼ିଶା ଦୁଇଟି ଚୁକ୍ତି କରିଥିଲା।

ରାଜ୍ୟ ସରକାର ଏବେ ବୃହତ ଇସ୍ପାତ ଶିଳ୍ପ ଅପେକ୍ଷା, ଅଧିକ ରୋଜଗାର ସୃଷ୍ଟିକାରୀ ଏମଏସଏଇ ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ନିକଟରେ ରାଜ୍ୟରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି ସରକାର। ନୂଆ ଶିଳ୍ପ ନୀତି ସାଙ୍ଗକୁ ଫାର୍ମା ପଲିସି, ଆପାରେଲ ପଲିସି, ସେମିକଣ୍ଡକ୍ଟର ନୀତି ପାଇଁ ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ବୃଦ୍ଧି ପାଇଛି। ମୋଟ ଉପରେ କହିବାକୁ ଗଲେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗୀତା। ଇଜ ଅଫ ଡୁଇଂ ବିଜନେସ ଜରିଆରେ ରାଜ୍ୟରେ ନିବେଶ ପ୍ରକ୍ରିୟାକୁ ସହଜ କରାଯାଇଛି। ରାଜ୍ୟରେ ନିବେଶକୁ ସହଜ ଓ ସରଳ କରିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ ପୁରୁଣା ଆଇନ, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ ସମୟର ଆବଶ୍ୟକତାକୁ ଦେଖି ନୂଆ ନୀତି ପ୍ରସ୍ତୁତ କରାଯାଇଛି।

## ବିଦାହେଲେ...

କରାଯିବା ସେତିକି ହଟଚମଟ ସୃଷ୍ଟି କରିଛି। ସନାତନ ମହାକୁଡ ଗତ ୧୮ ମାସ ଧରି ବିଜେପି ଲିଙ୍କରେ ରହୁଥିବା ସ୍ପଷ୍ଟ ବାରି ହୋଇପଡୁଥିଲା। କେତେବେଳେ ସେ ନିଜର ଗେରୁଆ ପୋଷ୍ଟର ମାରୁଥିଲେ ତ କେତେବେଳେ ବିଜେପି ସରକାରକୁ ପ୍ରଶଂସା କରୁଥିଲେ ତ ପୁଣି କେତେବେଳେ ୨୪ ବର୍ଷର ବିଜେଡି ଶାସନକୁ ଗାଳି ଦେଉଥିଲେ। ସେ ବିଜେଡିରୁ ବିଧାୟକ ହୋଇ ବି ବିଧାୟକ ଦଳ ବୈଠକକୁ ଆସୁନଥିଲେ। ଏନେଇ ଥରେ ନବୀନ ବିଧାନସଭାରେ ତାଙ୍କୁ ପ୍ରଶ୍ନ ବି କରିଥିଲେ। ନିଜର ବ୍ୟବସାୟୀକ ସ୍ୱାର୍ଥ ପାଇଁ ସେ ନବୀନ ପଟ୍ଟନାୟକ ଓ ଦଳ ପ୍ରତି ବିଶ୍ୱାସଘାତକତା କରୁଥିଲେ, ଯେଉଁଥିପାଇଁ ନବୀନ ତାଙ୍କୁ ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତକ କହି ନିଲମ୍ବିତ କରିଛନ୍ତି। ଅରବିନ୍ଦ ମହାପାତ୍ର ମଧ୍ୟ ସେହିଭଳି ଦଳୀୟ ଆଭିମୁଖ୍ୟକୁ ବିଧାନସଭାରେ ଅନୁକରଣ କରୁନଥିଲେ। ଦଳ ଯେଉଁ ରାଜନୈତିକ ଧାରାକୁ ଅନୁକରଣ କରିବାକୁ ନିର୍ଦ୍ଦେଶ ଦେଉଥିଲା ସେ ତାକୁ ପାଳନ କରୁନଥିଲେ। ଏପରିକି ସେ ନିଜ ନିର୍ବାଚନମଣ୍ଡଳୀରେ ସମାନ୍ତରାଳ ସଙ୍ଗଠନ କରି ବିଜେପି ସହ ଯୋଗସୂତ୍ରରେ ଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ବିଜେଡି ବିଧାୟକ ଓ ନେତାଙ୍କ ରିପୋର୍ଟ ଆଧାରରେ ଏହି କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚର୍ଚ୍ଚା ହେଉଛି ବିଜୟ ମହାପାତ୍ର ବିଜେଡି ବିରୋଧରେ ସାଂଘାତିକ ଷଡଯନ୍ତ୍ର ରଚନା କରୁଛନ୍ତି। ମହମ୍ମଦ ମୋକିମଙ୍କ ଆଞ୍ଚଳିକ ଦଳ ଗଠନରେ ସେ ଅନ୍ୟତମ କାର୍ପଟଦାର ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ସେ ବିଜେଡିର ୩୦ରୁ ୩୫ ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବିଜେଡି ବିଭାଜନର ବ୍ଲୁପ୍ରିଣ୍ଟ କରିଛନ୍ତି ବୋଲି କୁହାଯାଉଛି। ଯଦିଓ ଏ ସମ୍ପର୍କରେ ବିଜେଡି କିମ୍ବା ବିଜୟ ମହାପାତ୍ରଙ୍କ ପକ୍ଷରୁ କିଛି ବି କୁହାଯାଇନି, ଅରବିନ୍ଦଙ୍କ ବିରୋଧରେ ଏହା ପ୍ରମୁଖ କାରଣ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ତେବେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଦୁଇ ବିଧାୟକ ନିଜକୁ ନିର୍ଦ୍ଦୋଶ ବୋଲି କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରବିନ୍ଦ କହିଛନ୍ତି ମତେ କାହିଁକି ନିଲମ୍ବନ କରାଗଲା ମୁଁ ଜାଣିନି କି ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନଥିଲି ବୋଲି ସେ ସଫେଇ ଦେଇଛନ୍ତି। ସେହିଭଳି ସନା ମହାକୁଦ ମଧ୍ୟ କହିଛନ୍ତି ଯେ, ସେ ରାଜନୈତିକ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ କେନ୍ଦୁଝରବାସୀଙ୍କ ସ୍ୱାର୍ଥ ପାଇଁ କହିଥିଲେ। ଏହା ଦଳବିରୋଧୀ ନୁହେଁ। ନିଜ ନିଜର ପରବର୍ତ୍ତି ପଦକ୍ଷେପ ନେଇ କେହି ମୁହଁ ଖୋଲି ନାହାଁନ୍ତି।

## ୯ ମତ୍ସ୍ୟଜୀବୀ ...

ଅଟକାଇ ସମସ୍ତ କୁ ସଦସ୍ୟଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଗୁଜରାଟ ଡିଫେନ୍ସ ପିଆରଓ ୱିଙ୍ଗ କମାଣ୍ଡର ଅଭିଷେକ କୁମାର ତିୱାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ଏହି ଅପରେସନ ଗତ ୧୪ ତାରିଖ ରାତିରେ ହୋଇଥିଲା। ଏକ ଭାରତୀୟ ପାଟ୍ରୋଲିଂ ଜାହାଜ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ରେଖା ନିକଟରେ ଡଙ୍ଗାଟିକୁ ଠାବ କରିଥିଲା। ତଟରକ୍ଷୀ ବାହିନୀ ଦ୍ୱାରା ଚ୍ୟାଲେଞ୍ଜ କରାଯିବା ପରେ ଉକ୍ତ ଡଙ୍ଗାଟି ପାକିସ୍ତାନ ଆଡକୁ ପଳାଇବାକୁ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ଜାହାଜ ଡଙ୍ଗାଟିକୁ ପିଛା କରି ତାକୁ ରୋକିଥିଲା। ଉକ୍ତ ଡଙ୍ଗାଟିର ନାଁ 'ଅଲ-ମଦିନା'। ଏବେ ତଟରକ୍ଷୀ ବାହିନୀ ଡଙ୍ଗାଟିକୁ ପୋରବନ୍ଦରକୁ ନେଇଛି। ସେଠାରେ ଡଙ୍ଗାଟିର ସମ୍ପୂର୍ଣ୍ଣ ଯାଞ୍ଚ କରାଯିବ। ସୁରକ୍ଷା ଏଜେନ୍ସିଗୁଡ଼ିକ ଗିରଫ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଶ୍ରୀ ତିୱାରୀ କହିଛନ୍ତି।

## ବିବିଧତାକୁ...

ଦେଶର ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ସଭା ଏହି କେନ୍ଦ୍ରୀୟ ହଲରେ ଏକାଠି ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ଧରି ଏହି ଭବନ ଭାରତର ସଂସଦ ଭାବେ କାର୍ଯ୍ୟ କରିଥିଲା, ଯେଉଁଠାରେ ଦେଶର ଭବିଷ୍ୟତକୁ ଆକାର ଦେବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ବିତର୍କ ଅନୁଷ୍ଠିତ ହୋଇଥିଲା। ଭାରତ ଏବେ ଏହି ଐତିହାସିକ ସ୍ଥାନକୁ ସମ୍ବିଧାନ ସଦନ ଭାବେ ନାମିତ କରିଛି ଓ ଏହାକୁ ଗଣତନ୍ତ୍ର ପାଇଁ ଉତ୍ସର୍ଗ କରିଛି। ନିକଟରେ ଭାରତ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ପୂର୍ତ୍ତି ପାଳନ କରିଥିଲା। ସମ୍ବିଧାନ ଗୃହରେ ସମସ୍ତ ସମ୍ମାନିତ ଅତିଥିଙ୍କ ଉପସ୍ଥିତି ଭାରତର ଗଣତନ୍ତ୍ର ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଆନ୍ତଃସଂସଦୀୟ ସଂଘର ଅଧ୍ୟକ୍ଷ ଡକ୍ଟର ତୁଲିଆ ଅକ୍ସନ, ରାଷ୍ଟ୍ରମଣ୍ଡଳ ସଂସଦୀୟ ସଂଘର ଅଧ୍ୟକ୍ଷ ଡକ୍ଟର କ୍ରିଷ୍ଟୋଫର କାଲିଲା ମଧ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶାକୁ...

ଯୋଗାଯୋଗରେ ଅଛନ୍ତି। ଅଦ୍ୟାବଧି ପଶ୍ଚିମବଙ୍ଗରେ ବି ମାତ୍ର ଦୁଇଟି ମାମଲା ସାମ୍ନାକୁ ଆସିଛି। ତେଣୁ ଏହା ବ୍ୟାପିବାର ଖବର ବି ହସ୍ତଗତ ହୋଇନାହିଁ। ଏପରି ସ୍ଥିତିରେ ଏବେ ନିପା ଭାଇରସ୍‌କୁ ଭୟ କରିବାର ସାମାନ୍ୟତମ କାରଣ ନାହିଁ ବୋଲି ଡାକ୍ତର ମିଶ୍ର କହିଛନ୍ତି।

## ନୂଆ...

କରିବା। ବିଜ୍ଞାନ ଓ ବୈଷୟିକ କୌଶଳର ପ୍ରୟୋଗ ମାଧ୍ୟମରେ ସ୍ଥାନୀୟ ସମ୍ବଳକୁ ରୋଜଗାରକ୍ଷମ କରିବା ଓ ବିଶ୍ୱସ୍ତରୀୟ ବଜାର ସହ ଯୋଡ଼ିବା ଆଜିର ସବୁଠାରୁ ବଡ଼ ଆବଶ୍ୟକତା। ଓଡ଼ିଶା ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନ ରହି 'ସ୍ପେଶାଲିଟି ଷ୍ଟିଲ୍' ଓ ଉଚ୍ଚ ମାନର ମ୍ୟାନୁଫ୍ୟାକ୍ଚରିଂ ଦିଗରେ ଆଗେଇବା ଆବଶ୍ୟକ। ବିଶେଷକରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି। କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଛଡ଼ା ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି। ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଓ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟ ରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ିବାର ଆବଶ୍ୟକତା ରହିଛି। ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାଙ୍କୁ ନେଇ ଏକ ବଡ଼ ଇକୋସିଷ୍ଟମ ତିଆରି କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏଥିସହ ସେ କହିଛନ୍ତି ଯେ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନ ହୋଇ ମୂଲ୍ୟଯୁକ୍ତ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ। ଯୁବଶକ୍ତି ଆମର ସବୁଠୁ ବଡ଼ ପୁଞ୍ଜି। ସେମାନଙ୍କ ପାଖରେ ନୂତନ ଚିନ୍ତାଧାରା, ଶକ୍ତି ଓ ଆଗ୍ରହ ରହିଛି। ସେମାନଙ୍କୁ ନୂତନ ଯୁଗର ଦକ୍ଷତା ସହ ଗଢ଼ି ତୋଳିଲେ ଆମେ ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିପାରିବା। ତେଣୁ ଉଦ୍ୟୋଗୀମାନେ ଆଗାମୀ ୧୦ ବର୍ଷର ଲକ୍ଷ୍ୟକୁ ଆଖି ଆଗରେ ରଖି ବ୍ୟବସାୟ ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗୀଙ୍କୁ ସମ୍ମାନିତ କରିଛନ୍ତି।

## ପୁଣି...

ମୋବାଇଲ ଫୋନ୍‌ରେ କଥା ହେଉଥିବା ବ୍ୟକ୍ତି ଜଣକ ଦୋଳମଣ୍ଡପ ସାହିର ରମେଶ ଚନ୍ଦ୍ର ସାହୁ ବୋଲି ଜଣାପଡ଼ିଛି। ସେ ଆନନ୍ଦ ବଜାରରେ ମୋବାଇଲ୍ କଥା ହେଉଥିବା ସାମ୍ନାକୁ ଆସିଥିଲା। ଅନେକ ସମାଲୋଚନା ଓ ଅଭିଯୋଗ ପରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ରମେଶଙ୍କ ମୋବାଇଲ ଫୋନ୍‌କୁ ମଧ୍ୟ ସିଂହଦ୍ୱାର ଥାନା ପୁଲିସ ଜବତ କରିଛି। ରମେଶ ଆନନ୍ଦ ବଜାରରେ ଅଭଡ଼ା ଦୋକାନରେ କାମ କରନ୍ତି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି।

## ବିଜେପି...

ପ୍ରଥମ ପସନ୍ଦ ଭୋଟ ରହିବ। ଏଭଳି ସ୍ଥିତିରେ ବିଜେପି ଯଦି ତୃତୀୟ ପ୍ରାର୍ଥୀ ଦେବ ତେବେ ତାଙ୍କ ପାଇଁ ବିଜୟ ସୁନିଶ୍ଚିତ ହେବ। ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ବିଜେଡିରେ ଯେଉଁ ଘମାଘୋଟ ଆରମ୍ଭ ହୋଇଛି ରାଜ୍ୟସଭା ନିର୍ବାଚନ ବେଳକୁ ତାହା ଉଗ୍ର ରୂପ ନେବା ସହିତ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢ଼ିବ ଏବଂ ଦଳୀୟ ହୁଇପ୍ ଅମାନ୍ୟ କରି ବହୁ ସଦସ୍ୟ କ୍ରସ ଭୋଟିଂ କରିବାର ସମ୍ଭାବନା ରହିଛି। ସେହିଭଳି କଂଗ୍ରେସ ଦଳର କିଛି ସଦସ୍ୟଙ୍କ କ୍ରସଭୋଟିଂ ଉପରେ ମଧ୍ୟ ନଜର ରଖାଯାଇଛି। ଯଦି ଏହି ଦୁଇଦଳର ଅସନ୍ତୁଷ୍ଟ କ୍ରସଭୋଟିଂ କରନ୍ତି ତେବେ ସେମାନଙ୍କ ଭୋଟ ନିଶ୍ଚିତ ଭାବେ ବିଜେପିର ତୃତୀୟ ପ୍ରାର୍ଥୀଙ୍କ ନିକଟକୁ ଯିବ ଓ ତାଙ୍କର ବିଜୟ ଏକପ୍ରକାର ନିଶ୍ଚିତ। ଅନ୍ୟ ପକ୍ଷରେ ଅରବିନ୍ଦ ଓ ସନାତନଙ୍କ ନିଲମ୍ବନ ପରେ ବିଜେଡି ରାଜନୀତି ଅଧିକ ଗୋଳିଆ ହେବାରେ ଲାଗିଛି। ଗୋଟିଏ ପଟେ ବିଜୟ ମହାପାତ୍ର ନୂତନ ଆଞ୍ଚଳିକ ଦଳ ଗଠନ ପାଇଁ ବିଭିନ୍ନ ଜିଲ୍ଲା ଗସ୍ତ କରୁଥିବାବେଳେ ତାଙ୍କ ସହିତ କିଛି ବିଜେଡି ବିଧାୟକ ଯୋଗାଯୋଗରେ ରହିଥିବା ଆଲୋଚନା ହେଉଛି। ସେହିଭଳି ଏହି ନୂତନ ଦଳ ଗଠନ ପଛରେ ମଧ୍ୟ କେନ୍ଦୁଝରର ବାହୁବଳୀ ବିଧାୟକ ସନାତନଙ୍କର ସହଯୋଗ ରହିଥିବା କୁହାଯାଉଛି। ବିଜେଡିରେ ଅସନ୍ତୋଷ କିଭଳି ସ୍ତରରେ ରହିଛି ତାହା ଗତ କିଛିଦିନ ହେଲା ବିଧାୟକ ବଦ୍ରି ନାରାୟଣ ପାତ୍ର, ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବକ୍ତବ୍ୟରୁ ବାରିହୋଇ ପଡୁଛି। ଦଳ ବିରୋଧି ମନ୍ତବ୍ୟ ଦେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଓ ଶ୍ରୀମୟୀ ମିଶ୍ରଙ୍କ ଭଳି ନେତା ମଧ୍ୟ ନିଲମ୍ବିତ ହୋଇଛନ୍ତି। ଏବେ ଦୁଇ ବିଧାୟକଙ୍କ ନିଲମ୍ବନ ପରେ ବିଜେଡି ରାଜନୀତି କେଉଁ ଗତି ନେବ ତାହା ଉପରେ ସମସ୍ତଙ୍କ ନଜର। ତେବେ ମୁଣ୍ଡ ଉପରେ ରାଜ୍ୟସଭା ନିର୍ବାଚନ ଥିବାରୁ ତାହାକୁ ନେଇ ଅବଗଣନା ଜୋର ଧରିଛି। ଇତି ମଧ୍ୟରେ ବିଜେପି ବିଜେଡିର ଦୁଇ ରାଜ୍ୟସଭା ସାଂସଦଙ୍କୁ ନିଜ ପଟକୁ ନେବାରେ ସଫଳ ହୋଇଥିବାରୁ ରାଜ୍ୟସଭାରେ ବିଜେଡିର ସଦସ୍ୟ ସଂଖ୍ୟା ୭ରେ ପହଞ୍ଚିଛି। ତେଣୁ ନିର୍ବାଚନ ହେବାକୁ ଯାଉଥିବା ୪ଟି ଆସନରୁ ତିନିଟି ହାତେଇ ବିଜେପି ବିଜେଡିର ସାଂସଦ ସଂଖ୍ୟା ଆହୁରି ହ୍ରାସ ପାଇଁ ଗୋଟି ଚଳାଉଥିବାବେଳେ ବିଜେଡିର ବିଧାୟକ ନିଲମ୍ବନ ଏହାକୁ ଏକ ପ୍ରକାର ବଳ ଦେବାରେ ଲାଗିଛି।

## ଦୁଇଜଣଙ୍କୁ...

ଆଣି ବିଜେଡିରେ ମିଶାଇବା ସହିତ ପାଟକୁରାରୁ ପ୍ରାର୍ଥୀ କରାଇଥିଲେ। ଦୁଇ ଦୁଇ ଜଣଙ୍କୁ ବିଜେଡିକୁ ଆଣି ବିଜୟୀ କରିଥିବା କ୍ରୀତଦାସ ଆଜି ନିଲମ୍ବନ ସମୟରେ କିନ୍ତୁ ଦେଖା ଦର୍ଶନ ଦେଉନାହାନ୍ତି। ଦଳର ଅନ୍ୟମାନେ ନିଲମ୍ବନ ସପକ୍ଷରେ ବିବୃତ୍ତି ଦେଉଥିବାବେଳେ କର୍ମୀମାନେ କିନ୍ତୁ କ୍ରୀତଦାସଙ୍କୁ ଖୋଜୁଛନ୍ତି।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ



**ରାଇଘର, ୧୫ା୧ (ସଂଚାର ବ୍ୟୁରୋ):** ପାଖାନଜୋର ମେଳା ଦେଖିବାକୁ ଯାଇ ସଡ଼କ ଦୁର୍ଘଟଣାରେ ରାଇଘର ଅଞ୍ଚଳର ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଛତିଶଗଡ଼ କାଙ୍କେର ଜିଲ୍ଲାରେ ଏକ ଟ୍ରେଭେଲ ଗାଡ଼ି ଓଲଟି ପଡ଼ିବାରୁ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। କୁଲଗାଓଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଯାତ୍ରୀ ରାଇଘର ବ୍ଲକ ପାଉରବିଲ ଦୁଇ ନମ୍ବର ଏବଂ ଉଦୟପୁର ଡିଏନ୍‌କେ ଗ୍ରାମର, ସମସ୍ତେ ଛତିଶଗଡ଼ ପାଖାନଜୁର ମେଳାରେ ଯୋଗଦେବାକୁ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଡ୍ରାଇଭର ଓମପ୍ରକାଶ କର୍ଲା ୫୦ ବର୍ଷ ଏବଂ ମିନତି ମଜୁମଦାର ୫୫ ବର୍ଷର, ଉଭୟଙ୍କ ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଆହତଙ୍କ ମଧ୍ୟରେ ନଅ ଜଣ ମହିଳା, ଚାରି ଜଣ ପୁରୁଷ ଏବଂ ତିନି ଜଣ ପିଲା ଅଛନ୍ତି। ସମସ୍ତ ଆହତଙ୍କୁ କାଙ୍କେର ଜିଲ୍ଲା ଏବଂ ରାୟପୁର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପାଇଁ ପଠା ଯାଇଛି।

# ନେଟୱର୍କ ପାଇଁ କଲବଲ ଗ୍ରାମବାସୀ

## ପାଣିରେ ପଡୁଛି ରିଚାର୍ଜ ଟଙ୍କା

## ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ ପାଇଁ ଚେତାବନୀ



**ଫୁଲବାଣୀ, ୧୫ା୧ (ସଂଚାର ବ୍ୟୁରୋ):** ଗ୍ରାମରେ ଜିଓ ଟାୱାର ସ୍ଥାପିତ ହୋଇଛି କିନ୍ତୁ ନେଟୱାର୍କ ଆସୁନି, ବେଳେ ବେଳେ କେବଳ ଭଏସ କଲ୍ କରିବା ହିଁ ସମ୍ଭବ ହେଉଛି । ଡାଟା ବିଲକୁଲ ବି ଚାଲୁନି । ଫଳରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ନେଟୱାର୍କ ସମସ୍ୟା ଦୂର କରିବା ପାଇଁ ପ୍ରଶାସନକୁ ବାରମ୍ବାର ଅନୁରୋଧ କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ସଦର ମହକୁମାରୁ ।

ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଗ୍ରାମରେ ଗତ ୨୦୨୨ ମସିହାରେ ଜିଓ କମ୍ପାନୀ ପକ୍ଷରୁ ଏକ ଜିଓ ଟାୱାରର ସ୍ଥାପନ କରାଯାଇଛି। ଟାୱାର ସ୍ଥାପିତକୁ ୪ ବର୍ଷ ବିତି ଯାଇଥିଲେ ସୁଦ୍ଧା କୌଣସି କାମରେ ଆସୁନାହିଁ। ଇଣ୍ଟରନେଟ ଡାଟା ଚାଲିବାର ସୁବିଧା ନାହିଁ, କେବଳ ଭଏସ କଲର ସୁବିଧା ହେଉଛି କିନ୍ତୁ ଭଲରେ ଭଏସ କଲ ବି କରି ହେଉ ନାହିଁ। ଗ୍ରାମରେ ପଂଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଜନସେବା କେନ୍ଦ୍ର ଅଛି। ଇଣ୍ଟରନେଟ ଚାଲୁନଥିବାରୁ ସମସ୍ତେ ଅସୁବିଧା ଭୋଗୁଛନ୍ତି। ଗ୍ରାହକମାନେ ମୋବାଇଲ୍ ରିଚାର୍ଜ କରି ଇଣ୍ଟରନେଟ ସୁବିଧାରୁ ବଂଚିତ ହେଉଛନ୍ତି। ଗ୍ରାମରେ ଟାୱାର ଥାଇ ମଧ୍ୟ ଛାତ୍ରଛାତ୍ରୀ ମାନେ ଇଣ୍ଟରନେଟ ମାଧ୍ୟମରେ ପାଠ ପଢ଼ିବା ପାଇଁ ୪ କିମି ଦୂରକୁ ଯିବାକୁ ପଡୁଛି । ଗ୍ରାହକ ସେବା କେନ୍ଦ୍ର ଖୋଲିବା ପାଇଁ ମଧ୍ୟ ଅସୁବିଧା ହେଉଛନ୍ତି। ମନରେଗା କାମ ଗାଁ ସାଥୀ ଲୋକଙ୍କୁ କରାଉଛନ୍ତି କିନ୍ତୁ ଲାଇଭ୍ ଫୋଟ ନେଟରେ ଅପଲୋଡ଼ କରି ପାରୁନାହାନ୍ତି। ଗାଁ ଠାରୁ ୩ କିଲୋମିଟର୍ ଦୂରରେ ଥିବା ଅନ୍ୟ ଗୋଟେ ଗାଁକୁ ଯାଇ ଫୋଟ ଅପଲୋଡ଼ କରୁଛନ୍ତି। ସ୍କୁଲ ପିଲାମାନେ ନେଟରେ ପାଠ ପଢ଼ି ପାରୁନାହାନ୍ତି। ମୋବାଇଲ୍‌ରେ ୟୁଟ୍ୟୁବ ଚାଲୁ ନାହିଁ। ଛାତ୍ରଛାତ୍ରୀ ଓ ଗାଁଲୋକମାନେ ମୋବାଇଲ୍ ରେ ରିଚାର୍ଜ ପ୍ଲାନ କରୁଛନ୍ତି କିନ୍ତୁ ସବୁ ବେକାର ହେଇକି ରହୁଛି । ନା ଭଏସ କଲ ଭଲରେ ହେଉଛି ନା ଇଣ୍ଟରନେଟ୍ ଚାଲୁଛି।

ଇଣ୍ଟରନେଟ ସେବା ଦେବା ପାଇଁ ଜିଓ କର୍ତ୍ତୃପକ୍ଷ, ଜିଲ୍ଲାପାଳ, ବିଧାୟକ ଓ ବ୍ଲକର ବିଡ଼ିଓ ଙ୍କୁ ଅନେକ ଥର ଗାଁ ଲୋକ ଦାବୀ କରି ଆସୁଛନ୍ତି କିନ୍ତୁ କେହି ହେଲେ ବି ଗୁରୁତ୍ୱ ଦେଉନାହାଁନ୍ତି। ପଂଚାୟତରେ ୧୧ ଟି ୱାର୍ଡ ଅଛି କିନ୍ତୁ ୭ ଟି ୱାର୍ଡ ଲୋକ ପାଙ୍ଗା ଉପର ସାହି, ଗ୍ରାମ ପଞ୍ଚାୟତ, ମାଲା ଗ୍ରାମ ଏବଂ ଆଖପାଖ ବେଡାମୁଣ୍ଡା, ସିକେରି, ମାର୍କାଲି, ଡେଡିସରୁ,ଡାମି ଏ ଟାୱାର ଉପରେ ନିର୍ଭର କରୁଛନ୍ତି। ଏହି ଟାୱାର କେମିତି ଚାଲିବ, ଇଣ୍ଟରନେଟ ସୁବିଧା କେମିତି ମିଳିବ ଏ ସବୁକୁ ନେଇକି ଆଜି ପଂଚାୟତବାସି ୭ଟି ୱାର୍ଡ଼ର ୧୦୦ ରୁ ଉର୍ଦ୍ଧ ଲୋକ ମାଲା ଗ୍ରାମରେ ଟାୱାର ସମ୍ମୁଖରେ ଏକ ବୈଠକ କରିଛନ୍ତି। ବୈଠକରେ ନିଷ୍ପତ୍ତି ନିଆଗଲା କି ୧୦ ଦିନ ଭିତରେ ଯଦି ଇଣ୍ଟରନେଟ ସୁବିଧା ନମିଳେ ତେବେ ଜିଲ୍ଲାପାଳ ଅଫିସ୍ ଘେରାଉ କରାଯିବ ବୋଲି ସରପଂଚ ରଶ୍ମିତା କହଁର, ସମିତି ସଭ୍ୟ ଦିଲ୍ଲୀପ ଦିଗାଲ, ଗାଁ ସାଥି ସନ୍ୟାସୀ କହଁର, ବସିରାମ ଦିଗାଲ ମୁକୁନ୍ଦ କହଁର, ବାଳକୃଷ୍ଣ କହଁର, ଦୁଗୁନି ଦିଗାଲ, ଭରତ କହଁର, ସରୋଜ କହଁରଙ୍କ ସମେତ ସମସ୍ତେ ଆଜିର ବୈଠକରେ ନିଷ୍ପତି ନେଇଛନ୍ତି।

## ଅଟୋ ସହ ୨୨ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲବାଣୀ, ୧୫ା୧ (ସଂଚାର ବ୍ୟୁରୋ):** ଗୁରୁବାର ପୁଣି ଗଞ୍ଜେଇ ଚାଲାଣ ହେଉଥିବା ଏକ ଅଟୋ ସହ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ବେଳେ ଅଟୋର ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ ତରଫରୁ ସୂଚନା ମିଳିଛି। ଗୁରୁବାର ଦିନ ଏକ ଅଟୋରେ ଫିରିଙ୍ଗିଆ ଅଂଚଳରୁ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବ କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ଥାନାରେ ନୂତନ ଭାବରେ ଯୋଗ ଦେଇଥିବା ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦିପକ ରାଉତ ଙ୍କ ନେତୃତ୍ୱ ରେ ଏକ ଟିମ ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ଆଦର୍ଶ ବିଦ୍ୟାଳୟ ନିକଟରେ ଛକିରହି ଅଟୋଟିକୁ ଧରିବାରେ ସଫଳ ହୋଇଥିଲେ । ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡ଼ିରୁ ଏକ ବସ୍ତାରୁ ବାଇଶି କିଲୋ ଗଞ୍ଜେଇକୁ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଅଟୋ ଡ୍ରାଇଭର ଫେରାର ହୋଇଯାଇଥିଲା। ଅଟୋରେ ବସିଥିବା ଅନ୍ୟଏକ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା । ତେବେ ଗିରଫ ଅଭିଯୁକ୍ତ ଜଣକ ଫିରିଙ୍ଗିଆର ମୁଖି ସାହିର ପ୍ରଶାନ୍ତ କୁମାର ସାହୁ ବୋଲି ଜଣାପଡିଥିବା ବେଳେ ଫେରାର ଡ୍ରାଇଭର ଜଣକ ସେହି ମୁଖି ସାହିର ସୁଶାନ୍ତ ଦିଗାଲ ବୋଲି ଜଣାପଡିଛି । ସେପଟେ ଏହି ଘଟଣା ସଂକ୍ରାନ୍ତରେ ଫିରିଙ୍ଗିଆ ଥାନାରେ ୧୬/୨୦୨୬ ରେ ଏକ ମାମଲା ରୁଜୁ କରି ଜବତ ଓଟୋ ଓ ଗଞ୍ଜେଇ ସହ କୋର୍ଟ ଚାଲାଣ କରାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୪ଗିରଫ



**ହିଞ୍ଜିଳିକାଟୁ, ୧୫ା୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ଆଙ୍କୋରଡ଼ାରେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ପୋଲିସ ଚଢ଼ଉ କରି ୪ ଜଣକୁ ଗିରଫ କରିଛି। ସେମାନଙ୍କ ପାଖରୁ ୩୪ ହଜାର ଟଙ୍କା ଜବତ କରାଯାଇଛି। ଆଗକୁ ଏମିତି ଜୁଆଡ଼ି ମାନଙ୍କ ଆଡ୍ଡାସ୍ଥଳୀ ଉପରେ ଚଢ଼ାଉ ଜାରି ରହିବ ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

## ଉଦ୍‌ଘାଟନ ଅପେକ୍ଷାରେ ଅଙ୍ଗନବାଡ଼ି ଗୃହ




**ବୋରିଗୁମ୍ମା, ୧୫ା୧ (ସଂଚାର ବ୍ୟୁରୋ):** ଗତ କିଛି ଦିନ ତଳେ 'ସଂଚାର' ଅଗ୍ରଣୀ ଦୈନିକ ଖବର କାଗଜରେ ବୋରିଗୁମ୍ମା ବ୍ଲକର ବେଣାଶୁର ପଞ୍ଚାୟତ ମୋହକୁମାରେ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ପଞ୍ଚାୟତର ଶିଶୁମାନଙ୍କ ପ୍ରାକ ବିଦ୍ୟାଳୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମାଣଧୀନ ଅଙ୍ଗନବାଡି କେନ୍ଦ୍ର ଗୃହ ଉଦଘାଟନ ହେବା ପୂର୍ବରୁ ଭାଙ୍ଗିରୁଜି ଅବହେଳିତ ହୋଇ ପଡି ରହିଥିଲା। ହେଲେ ତୁରନ୍ତ ଏହି ଘରକୁ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏହି ସମସ୍ୟାକୁ ନେଇ ସେପ୍ଟେମ୍ବର ୧୫ ତାରିଖରେ "ଉଦଘାଟନ ପୂର୍ବରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ଅଙ୍ଗନବାଡି ଗୃହ ଶୋଚନୀୟ" ଶୀର୍ଷକ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇଛି। ଆଜିଦିନରେ ବେଣାଶୁର ପଞ୍ଚାୟତର ମୋହକୁମାରେ ଅବହେଳିତ ଅବସ୍ଥାରେ ପଡ଼ିଥିବା ଅଙ୍ଗନବାଡି ଗୃହର ପୁନଃରୁଦ୍ଧାର କାର୍ଯ୍ୟ ଶେଷ ପର୍ଯାୟରେ ପହଞ୍ଚିଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବା ନେଇ ସୂଚନା ମିଳିଛି। ପଞ୍ଚାୟତସ୍ତରରେ ଏଭଳି ଶିଶୁଙ୍କ ଭବିଷ୍ୟତ ଗଠନ ଲାଗି ଯୋଗାଇଦେବା ଭିତ୍ତିଭୂମି ନିର୍ମାଣ କରି ଚର୍ଚ୍ଚାକୁ ଆସିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

## କୁକୁର କାମୁଡ଼ାରେ ଦିବ୍ୟାଙ୍ଗ ଛାତ୍ରର ମୃତ୍ୟୁ

**ଯାଜପୁର, ୧୫ା୧ (ସଂଚାର ବ୍ୟୁରୋ):** ଗତ ନଭେମ୍ବର ୧୫ ତାରିଖରେ ମଙ୍ଗଳ ପଞ୍ଚାୟତ କାର୍ଯ୍ୟାଳୟରୁ ନିଜ ଭତ୍ତା ଟଙ୍କା ଉଠାଇ ଚାଲିଚାଲି ଘରକୁ ଫେରୁଥିବା ବେଳେ ଗାଁ ନିକଟରେ ଏକ ବୁଲା କୁକୁର ତାଙ୍କୁ ଝୁଣି ପକାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ, ଏତେ ଗୁରୁତର ଘଟଣା ସତ୍ତ୍ୱେ ମଙ୍ଗଳଙ୍କୁ ଡାକ୍ତରଖାନା ନିଆଯାଇନଥିଲା। ଗରିବୀ, ଅଜ୍ଞାନତା ଓ ସରକାରୀ ସଚେତନତାର ଅଭାବରେ, ସ୍ଥାନୀୟ ଜଣେ କ୍ୱାକ୍‌ର ପରାମର୍ଶରେ ଘରେ ଦେଶୀ ଜଡ଼ିବୁଟି ଦ୍ୱାରା ଚିକିତ୍ସା କରାଯାଇଥିଲା। ଏହି ଅନ୍ଧଶ୍ରଦ୍ଧା ଶେଷରେ ମଙ୍ଗଳଙ୍କ ପାଇଁ ମୃତ୍ୟୁଦୂତ ହୋଇ ଆସିଲା। ଗତ ୩ ଦିନ ତଳେ ମଙ୍ଗଳ ହଠାତ୍ ଗୁରୁତର ଅସୁସ୍ଥ ହୋଇଥିଲେ। ବସ୍ତିର ଅଙ୍ଗନବାଡ଼ି କର୍ମୀ ଗୀତା ମୁଣ୍ଡାଙ୍କ ପରାମର୍ଶରେ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଆଯାଇଥିଲା ଓ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ସେ ଜଳାତଙ୍କ (ରେବିଜ୍) ରୋଗୀ ଭାବେ ଚିହ୍ନଟ ହେଲେ। ଦୁଃଖଦ କଥା- ଚିକିତ୍ସା ଆରମ୍ଭ ହେବାର କିଛିକ୍ଷଣ ମଧ୍ୟରେ ଆଜି ମଙ୍ଗଳଙ୍କ ମୃତ୍ୟୁ ଘଟିଗଲା।

## ବାଲିଗୁଡିରେ ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳିତ




**ଫୁଲବାଣୀ, ୧୫ା୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପରିବହନ ପ୍ରାଧିକରଣ ଓ ବାଲିଗୁଡା ଘରୋଇ ବସ୍ ମାଲିକ ସଂଘର ମିଳିତ ଉଦ୍ୟମରେ ସଡକ ସୁରକ୍ଷା ପକ୍ଷ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲା ମୋଟର ଯାନ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାସ, ସହକାରୀ ମୋଟର ଯାନ ଇନ୍ସପେକ୍ଟର ବଟକୃଷ୍ଣ ବିଶ୍ୱାଳ ଆଦିବାସୀ ମହାବିଦ୍ୟାଳୟ ନିକଟରେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରା ରେ ବାହାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଘୋଷ ବାହିନୀ ଦଳ ବାଦ୍ୟ ବଜାଇ ପ୍ଲାକାର୍ଡ ଧରି ଟି ସାର୍ଟ ଓ ଟୋପି ପିନ୍ଧି ସଡ଼କ ସୁରକ୍ଷା ଜୀବନ ରକ୍ଷା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ନାହିଁ, ଦ୍ରୁତ ଗତି ମହା ବିପତ୍ତି, ସଡ଼କ ସୁରକ୍ଷା ପରିବାର ରକ୍ଷା ଭଳି ବିଭିନ୍ନ ସଚେତନତା ସ୍ଲୋଗାନ ମାନ ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟ ର ରକ୍ଷକ ମାଷ୍ଟର ଟ୍ରେନର ଡ.ବିଭୂତି ଭୂଷଣ ଆଚାର୍ଯ୍ୟ, ଘରୋଇ ବସ୍ ମାଲିକ ସଂଘର ଲୋକନାଥ ପାଢ଼ୀ ସଚ୍ଚିଦାନନ୍ଦ ସାହୁ, ରବିଚନ୍ଦ୍ର ପାତ୍ର, କିଶୋର କୁମାର ପାଳ, ସନ୍ୟାସୀ ସାହୁ, ସୂର୍ଯ୍ୟ ନାରାୟଣ ସାହୁ, ନିଶାକର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ୧୨୬ତମ ଜୟନ୍ତୀ ପାଳିତ



**ହିଞ୍ଜିଳିକାଟୁ, ୧୫ା୧ (ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଉଦ୍ୟୋକ୍ତା ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ୧୨୬ତମ ଜୟନ୍ତୀ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠାତା ରାଜା ରାମଚନ୍ଦ୍ର ମର୍ଦ୍ଦାରାଜଙ୍କ ଜୟନ୍ତୀ ଅବସର ଉପଲକ୍ଷେ ଅଧ୍ୟକ୍ଷ ଡ଼. ପ୍ରଦୀପ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ମେଜର ରମାରମଣ ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ଶିକ୍ଷା ଉପ-ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସମ୍ମାନିତ ଅତିଥି ରୂପେ ସଂଯୋଜିକା ସୁପ୍ରିୟା ଗୁପ୍ତା ଓ ଆଭ୍ୟନ୍ତରୀଣ ଗୁଣବତ୍ତା ଆଶ୍ୱସନା ପ୍ରକୋଷ୍ଠ ସଂଯୋଜକ ଡ଼. ପ୍ରଫୁଲ୍ଲ ରଥ ମଞ୍ଚାସୀନ ଥିବା ବେଳେ କିରାଣୀ ଜିତେନ୍ଦ୍ର କୁମାର ପଣ୍ଡା, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ପିତା-ମାତାଙ୍କୁ ହରାଇ ଦୁଇ ଶିଶୁଙ୍କ ଅସହାୟତା ଘଟଣା

## ଶିଶୁଙ୍କ ପାଇଁ ଆଶାର ଆଲୋକ ସାଜିଲେ ବିଧାୟକ



**ଛତ୍ରପୁର, ୧୫ା୧ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକର କାଇଁଚପୁର ପଞ୍ଚାୟତ ଅଧୀନ ଝରପଦା ଗାଁରେ ମାତ୍ର ୯ ମାସ ମଧ୍ୟରେ ଘଟିଥିବା ଦୁଇଟି ଦୁର୍ଘଟଣା ଏକ ସାଧାରଣ ପରିବାରର ସମଗ୍ର ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପ୍ରଥମେ ପିତାଙ୍କ ଘରୋଇ କମ୍ପାନୀରେ ଦୁର୍ଘଟଣାଜନିତ ମୃତ୍ୟ

### ସହଯୋଗର ହାତ ବଢ଼ାଇଲା ପ୍ରଶାସନ

ପଛପଛେ ମାତାଙ୍କ କ୍ୟାନ୍ସରରେ ଅକାଳ ପ୍ରାଣହାନି ଝରପଦର ଗାଁର ଦୁଇ ଶିଶୁ ସୁଇଟି (୧୭) ଓ କାଳିଆ (୧୪)ଙ୍କ ଜୀବନକୁ ଅନ୍ଧକାରରେ ଢାଙ୍କି ଦେଇଛି। ଜୀବନରେ ଅଭିଭାବକ ନଥିବାର ଅଶୀମ ଭୟ, ଭବିଷ୍ୟତ ପ୍ରତି ଅନିଶ୍ଚିତତା ଜୀବନକୁ ଭୟଭୀତ କରିଦେଇଛି। ଏପରି କରୁଣ ସମୟରେ,ଆଶାର ଆଲୋକ ସାଜିଛନ୍ତି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ।

'ସଂଚାର'ରେ ଖବର ପ୍ରକାଶ ପରେ ବିଧାୟକ ନିଜେ ଗାଁକୁ ପହଞ୍ଚି ଶିଶୁମାନଙ୍କ ଅବସ୍ଥା ଦେଖି, ତାଙ୍କର ଦୁଃଖ କଥା ଶୁଣିଛନ୍ତି। ସେମାନଙ୍କ ଭବିଷ୍ୟତ ନିରାପତ୍ତି ପାଇଁ ସମସ୍ତ ସରକାରୀ ସୁବିଧା ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅସମ୍ପୂର୍ଣ୍ଣ ଘରକୁ ପୂରା କରାଇବା, ତତ୍କାଳିନ ଆବଶ୍ୟକତା ପୂରଣ ପାଇଁ ନିଜ ହାତରୁ ବ୍ୟକ୍ତିଗତ ସହଯୋଗ କରିଛନ୍ତି। ଏହି ସହାୟତା କାର୍ଯ୍ୟରେ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ସେ ରେଡ଼କ୍ରସ ପକ୍ଷରୁ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ଦୁଇ ଅସହାୟ ଶିଶୁଙ୍କୁ ପ୍ରଦାନ କରିଥିଲେ, ଯାହା ତାଙ୍କ ତତ୍କାଳୀନ ଜୀବନଯାପନ ଓ ଶିକ୍ଷାରେ ଉପକାରୀ ହେବ। ବିଧାୟକ ନାୟକଙ୍କ ଏହି ମାନବିକତାପୂର୍ଣ୍ଣ ଉଦ୍ୟମ, ତହସିଲଦାରଙ୍କ ସକ୍ରିୟ ଭୂମିକା ଓ ପ୍ରଶାସନର ସହଯୋଗମୂଳକ ମନୋଭାବ ଫଳରେ ଦୁଇ ଶିଶୁଙ୍କ ଜୀବନରେ ଆଜି ନୂଆ ଭରସା, ନୂଆ ଆଶାର କିରଣ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ବିଧାୟକଙ୍କ ଏହି ମାନବିକ ଉଦ୍ୟମକୁ ହୃଦୟଙ୍ଗମ ପ୍ରଶଂସା କରିଛନ୍ତି।

## ଯୋଗାଣ ବିଭାଗର ଚଢ଼ାଉ, ୪୧ଟି ଗ୍ୟାସ ଟାଙ୍କି ଜବତ



**କାକଟପୁର/ଅସ୍ତରଙ୍ଗ, ୧୫ା୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ କାକଟପୁର ସ୍ଥିତ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଭାବେ ଗ୍ୟାସ ବିକ୍ରି କରିବା ଅଭିଯୋଗ ହୋଇଥିଲା। ଗୁରୁବାର ଅପରାହ୍ନ ସମୟରେ ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ୪ଜଣିଆ ଟିମ୍ ମଧ୍ୟରେ ପୁରୀ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ନିର୍ମଳ ମହାପାତ୍ର, ନିମାପଡା ଯୋଗାଣ ନିରୀକ୍ଷକ ସୁବ୍ରତ ଚୌଧୁରୀ, କାକଟପୁର ଯୋଗାଣ ନିରୀକ୍ଷକା ଶକୁନ୍ତଳା ନାୟକ ଓ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା କାକଟପୁର ବ୍ଲକ ଅଧୀନ ନିର୍ଦ୍ଦିଷ୍ଟ ଗାଁରେ ବେଆଇନ ଭାବେ ବିକ୍ରି ହେଉଥିବା ଏକ ଅଭିଯୋଗ ପାଇବା ପରେ ଅଚାନକ ଚଢ଼ାଉ କରି ୧୬ଟି ଫିଲିଙ୍ଗ ଗ୍ୟାସ ସହ ୨୫ଟି ଅନ୍ୟାନ୍ୟ ଖାଲି ଗ୍ୟାସ ଟାଙ୍କି ସମେତ ମୋଟ ୪୧ଟି ଗ୍ୟାସ ଟାଙ୍କି ଜବତ କରିଥିଲେ। ଚଢ଼ାଉ ହେବା ଜାଣି କାକଟପୁର ବଜାରରେ ଥିବା ଅନେକ ଖାଦ୍ୟ ଦୋକାନ, ଫାଷ୍ଟଫୁଡ ଓ ହୋଟେଲରେ କିଛି ସମୟ ଚଢ଼ାଉ ଭୟରେ ତାଲା ଝୁଲିଥିଲା। ଅନେକ ବ୍ୟବସାୟୀଙ୍କୁ ବିଭାଗୀୟ ଅଧିକାରୀମାନେ ଗ୍ୟାସ ସମ୍ପର୍କରେ ସଚେତନ କରିବା ସହ ନିୟମ ଉଲ୍ଲଘନ କଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ। ପ୍ରଶାସନିକ କଟକଣା ଅଭାବରୁ ଏବେ ଅସ୍ତରଙ୍ଗ, କାକଟପୁର ଅଂଚଳ ବିଭିନ୍ନ ପଞ୍ଚାୟତରେ ଲଗାମ୍ ଛଡା ବେଆଇନ ଗ୍ୟାସ କାରବାର ଦିନକୁ ଦିନ ବଢ଼ିଚାଲିଛି।

## ଆରଡି ପରେଡ୍‌ରେ ଖେଳ ଶିକ୍ଷକ ସ୍ୱତନ୍ତ୍ର ଅତିଥି



**ନବରଙ୍ଗପୁର, ୧୫ା୧ (ସଂଚାର ବ୍ୟୁରୋ):** ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲାର ଖେଳ ଶିକ୍ଷକ ତଥା ବାଲେଶ୍ୱର ଜିଲ୍ଲାର ଆପଦମିତ୍ର ପ୍ରିୟରଞ୍ଜନ ରାଉତଙ୍କୁ ଚୟନ କରାଯାଇଛି। ଆସନ୍ତା ୨୩ ତାରିଖରେ ସେ ଦିଲ୍ଲୀ ଗସ୍ତ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ତାଙ୍କୁ ଆରଡ଼ି ପରେଡ଼ ପାଇଁ ଚୟନ କରାଯାଇଛି । ଶ୍ରୀ ରାଉତଙ୍କ ଘର ବାଲେଶ୍ୱର ଜିଲ୍ଲା ତଳପଦା ଗାଁରେ। ସେ ନବରଙ୍ଗପୁର ଜିଲ୍ଲାରେ ଚଳିତ ମାସ ଖେଳଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ଏଥିପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ବନ୍ୟା ସମୟରେ ଓଏସଡିଏମଏର ଜଣେ ଆପାଦମିତ୍ର (ସ୍ୱେଚ୍ଛାସେବୀ) ଭାବେ କାମ କରି ଲୋକଙ୍କ ବିପଦବେଳର ବନ୍ଧୁ ସାଜିଥିଲେ। ୨୦୨୩ ଜୁନ ୨ରେ ବାହାନଗା ରେଳଦୁର୍ଘଟଣାରେ ଅନେକ ଆହତଙ୍କୁ ଉଦ୍ଧାର କରିଥିଲେ। ଏବେ ଜିଲ୍ଲାର ବାଗଦେରି ୟୁଜି ହାଇସ୍କୁଲରେ ଖେଳଶିକ୍ଷକ ଭାବେ ପ୍ରଥମ ସରକାରୀ ଚାକରି ଜୀବନ ଆରମ୍ଭ କରିଛନ୍ତି।

## ୧୭ରୁ ପଲ୍ଲୀଶ୍ରୀ ମେଳା

**ଖୋର୍ଦ୍ଧା, ୧୫ା୧ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ଓର୍‌ମାସ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ପଲ୍ଲୀଶ୍ରୀ ମେଳା। ଚଳିତ ମାସ ୧୭ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ୨୦୨୫-୨୬ ବର୍ଷର ସପ୍ତ ଦିବସୀୟ ପଲ୍ଲୀଶ୍ରୀ ମେଳା ଜିଲ୍ଲା ସଦର ମହକୁମାସ୍ଥ ଟିଏଲସି ରୋଡ଼ ବିଡିଏ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଭିଜନ, ବିକଶିତ ଓଡ଼ିଶା @୨୦୩୬ ଏବଂ ଏହା ବିକଶିତ ଭାରତ @୨୦୪୭ କୁ ସାକାର କରିବା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳ ଓ ଆତ୍ମନିର୍ଭରଶୀଳତା ଆପଣାଇବାକୁ ଗୁରୁତ୍ୱ ଦିଆଯାଇଛି। ଏହି ପଲ୍ଲିଶ୍ରୀ ମେଳା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ସୂଚନା ମିଳିଛି।

## ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ

**ନୀଳଗିରି, ୧୫ା୧ (ସଂଚାର ବ୍ୟୁରୋ):** ଓଡିଆ ଭାଷାର କ୍ରାନ୍ତିକାରୀ ସ୍ରଷ୍ଟା ତଥା ସଂକ୍ରାନ୍ତି ପୁରୁଷଙ୍କର ୧୮୪ତମ ଜୟନ୍ତୀ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ଆଭାସୀ ମାଧ୍ୟମରେ ସମ୍ପନ୍ନ ହୋଇଯାଇଛି । ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କାଳଜୟୀ ଫକୀରମୋହନ ଏକ ଦୃଷ୍ଟିପାତ ନାମକ ଶୀର୍ଷକ ଆଲୋଚନାରେ ଆଲୋଚକ ଭାବରେ ଗଞ୍ଜାମର ପ୍ରଫେସର କମ୍ବୁପାଣି ସାମନ୍ତ ଓ ପ୍ରାଧାପିକା ସୁନନ୍ଦା ତ୍ରିପାଠୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଓଡ଼ିଶା ସରକାରଙ୍କ ଶିକ୍ଷା ମାଧ୍ୟମିକ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବ୍ୟାସକବି ଜୀବନୀ ଓ ସୃଷ୍ଟି ସମ୍ଭାରକୁ ନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

ଉକ୍ତ ଆସରରେ କନ୍ଧମାଳରୁ ଅଧାପିକା ଡ. ବନିତା ପଟ୍ଟନାୟକ, ଯାଜପୁରରୁ ଅଧାପିକା ଶ୍ରଦ୍ଧାଞ୍ଜଳି ସାମଲ, ଭୁବନେଶ୍ୱରରୁ ଅଧାପିକା ସ୍ନିଗ୍ଧା ଶୁଭଦର୍ଶିନି ରାଉତ, ଗଞ୍ଜାମରୁ ଅଧାପକ ଡ. ନାରାୟଣ ପ୍ରଧାନ, ଜଳେଶ୍ୱରରୁ ଅଧାପିକା ଡ. ମୋନାଲିସା ଚାନ୍ଦଙ୍କ ସହ ସମଗ୍ର ଓଡ଼ିଶାରୁ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ । ପ୍ରାରମ୍ଭରେ ନୀଳଗିରିରୁ ସୁଶ୍ରୀ ଭାର୍ଗବୀ ରାଉତ୍ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଅଧାପିକା ସ୍ନିଗ୍ଧା ଶୁଭଦର୍ଶିନି ରାଉତ୍ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଯାଜପୁରରେ ବିଜେପି ସଂଗଠନ ନା ବ୍ୟକ୍ତିଗତ ରାଜନୀତି ?

## ଗୌତମଙ୍କ ଭୂମିକାକୁ ନେଇ ଦଳୀୟ ମହଲରେ ପ୍ରଶ୍ନ ଓ ଅସନ୍ତୋଷ



**ଯାଜପୁର, ୧୫ା୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ସଂଗଠନ ବିସ୍ତାର କରୁଥିବା ବେଳେ, ଦଳର ଭିତରେ କିଛି ଅସନ୍ତୋଷ ଓ ପ୍ରଶ୍ନ ଉଠୁଥିବା ଦେଖାଯାଉଛି। ବିଜେପି ନିର୍ବାଚନ ମଣ୍ଡଳୀ ନେତା ଗୌତମଙ୍କ ଭୂମିକାକୁ ନେଇ ଏକାଧିକ ଅଭିଯୋଗ ଆସୁଛି। ଦଳୀୟ ସୂତ୍ରମାନଙ୍କ ଅନୁସାରେ, ବିଜେଡିର ପ୍ରଭାବଶାଳୀ ନେତା ପ୍ରଣବ ପ୍ରକାଶ ଦାସ (ବବି)ଙ୍କ କଟର ବିରୋଧୀ ବୋଲି ପରିଚିତ ଗୌତମ, ବର୍ତ୍ତମାନ ପାର୍ଟି, ସଂଗଠନ, ଠିକାଦାରୀ ଏବଂ ସରକାରୀ ଓକିଲ ଚୟନ ସମ୍ବନ୍ଧୀୟ କିଛି ନିଷ୍ପତ୍ତିରେ ବବିଙ୍କୁ ଅସନ୍ତୁଷ୍ଟ ନ କରିବା ଭଳି ଆଭାସ ଦେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସାଧାରଣ ମହଲରେ "ଦୁଇମୁହାଁ ରାଜନୀତି" ବୋଲି ଚର୍ଚ୍ଚା ହେଉଛି।

ସୂତ୍ର କୁହେ, ଗୌତମ ବିଜେଡି ଦଳରେ ଥିବା ସମୟରେ ଜିଲ୍ଲା ପରିଷଦ ଚେୟାରମ୍ୟାନ୍ ଥିଲେ ଏବଂ ସେତେବେଳେ ଯେଉଁ ସହଯୋଗୀମାନେ ତାଙ୍କ ସହ ଥିଲେ, ସେମାନଙ୍କୁ ଏବେ ବିଜେପି ବ୍ୟାନର ତଳେ ଏକାଠି କରାଯାଉଛି। ଦଳୀୟ ମହଲରେ ଆଲୋଚନା ହେଉଛି ଯେ, ଏହାର ପଛରେ ଆଗାମୀ ଦିନରେ ନିଜ ପୁଅଙ୍କୁ ରାଜନୀତିରେ ପ୍ରବେଶ କରାଇବାର ଯୋଜନା ଥାଇପାରେ। ଏହି ପ୍ରକ୍ରିୟାରେ ବିଜେପିର ପୁରୁଣା ଓ ସଂଘର୍ଷଶୀଳ କାର୍ଯ୍ୟକର୍ତ୍ତାମାନେ ଅଣଦେଖା ହେଉଥିବା ଅଭିଯୋଗ ମଧ୍ୟ ଉଠୁଛି। ବିଜୁ ଜନତା ଦଳର ୨୪ ବର୍ଷ ଶାସନକାଳରେ ମିଥ୍ୟା ମାମଲା, ଜେଲ ଓ ଆକ୍ରମଣ ସହିଥିବା କାର୍ଯ୍ୟକର୍ତ୍ତାମାନେ ଆଜି ଆଶାଭଙ୍ଗ ଅନୁଭବ କରୁଥିବା କଥା ଦଳୀୟ ସୂତ୍ର କହୁଛି।

ଠିକାଦାରୀ କ୍ଷେତ୍ରରେ ମଧ୍ୟ ବିଜେଡି ସମୟରେ ପ୍ରଭାବଶାଳୀ ଥିବା କିଛି ଲୋକ ଏବେ ବିଜେପି ନେତୃତ୍ୱ ସହ ଘନିଷ୍ଠ ଥିବା ଭଳି ଅଭିଯୋଗ ଆସୁଛି। ଦଳ ବଦଳିଲେ ମଧ୍ୟ ସ୍ୱାର୍ଥର ସମ୍ପର୍କ ଅତୁଟ ରହିଥିବା ଭଳି ଧାରଣା ସୃଷ୍ଟି ହେଉଛି। ସରକାରୀ ଓକିଲାତି ସମ୍ପର୍କରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଦଳୀୟ ସୂତ୍ର ଅନୁସାରେ, ବିଜେପିର ଯାଜପୁର ନଗର ସକ୍ରିୟ କାର୍ଯ୍ୟକର୍ତ୍ତା ତଥା ବବିଙ୍କ ନିଜ ୱାର୍ଡ (୪ ନମ୍ବର) ବାସିନ୍ଦା ଆଡ଼ଭୋକେଟ ନବକିଶୋର ସାହୁ (ବାବୁ)ଙ୍କୁ ସରକାରୀ ଓକିଲ ପ୍ୟାନେଲରେ ସ୍ଥାନ ନ ମିଳିବାକୁ ନେଇ ଦଳ ଭିତରେ ପ୍ରଶ୍ନ ଉଠିଛି।

ଏସବୁ ଆଲୋଚନା ମଧ୍ୟରେ ଯାଜପୁରରେ ପ୍ରଶ୍ନ ଏକ - ବିଜେପି କି ସଂଗଠନକୁ ପ୍ରାଥମିକତା ଦେଉଛି, ନା କିଛି ବ୍ୟକ୍ତିଗତ ରାଜନୀତିକ ଯୋଜନା ଦଳର ଉପରେ ଭାରି ପଡୁଛି? ରାଜ୍ୟ ବିଜେପି ନେତୃତ୍ୱ ଏହି ସମସ୍ତ ଅଭିଯୋଗ ଓ ଅସନ୍ତୋଷକୁ କିପରି ନେଉଛନ୍ତି, ତାହା ଆଗାମୀ ଦିନରେ ଯାଜପୁରର ରାଜନୀତିକ ଦିଶା ନିର୍ଣ୍ଣୟ କରିବ—ଏହା ନିଶ୍ଚିତ।

## ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନଶୁଣାଣି ଶିବିର ଓ କ୍ୟାମ୍ପ କୋର୍ଟ




**ଖୋର୍ଦ୍ଧା, ୧୫ା୧ (ସଂଚାର ବ୍ୟୁରୋ):** ଆଜି ସକାଳ ୧୦ ଘଟିକା ସମୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନ ଶୁଣାଣି ଶିବିର ଜିଲ୍ଲାପାଳଙ୍କ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଅଛି। ଏହି ଶିବିରରେ ଆୟୋଗର ଅଧକ୍ଷା ବବିତା ପାତ୍ର, ସଭ୍ୟ କସ୍ତୁରୀ ମିଶ୍ର ଏବଂ ସଭ୍ୟ ଚନ୍ଦନା ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗ ମାନର ଶୁଣାଣି କରିଥିଲେ। ଏହି ଜନଶୁଣାଣି ଶିବିରରେ ମୋଟେ ୪୮ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧ଟି ଶିଶୁ ଚାଲାଣ, ୨ ଗୋଟି ଯୌନ ଉପୀଡନ, ୧୧ ଗୋଟି ଆଧାର କାର୍ଡ, ୨ ଗୋଟି ଭିନକ୍ଷମ ଭତ୍ତା, ୨ ଗୋଟି ଜନ୍ମ ପ୍ରମାଣ ପତ୍ର, ନିଶା ନିବାରଣ ୧ ଗୋଟି ଏବଂ ୨୯ ଗୋଟି ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇ ଯଥା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଅଛି । ଅପରାହ୍ନରେ କ୍ୟାମ୍ପ କୋର୍ଟ ମାଧ୍ୟମରେ ୨୦ ଗୋଟି ଶିକ୍ଷା ଅଧିକାର ଉଲଙ୍ଘନ ଅଭିଯୋଗର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଅଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ପରିଚାଳନା କରିଥିଲେ। ଡେପୁଟି ଜିଲ୍ଲାପାଳ ଶ୍ରିତପା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ । ଏହି ଜନ ଶୁଣାଣି ଏବଂ କ୍ୟାମ୍ପ କୋର୍ଟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମୀବାଳା ପରିଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଙ୍କ ସମେତ ଜିଲ୍ଲାର ପଦାଧିକାରୀମାନେ ଯୋଗ ଦେଇଥିଲେ ।

# ପ୍ଲାନେଟୋରିୟମ ଉନ୍ନତିକରଣ ଲାଗି ବୁଝାମଣା



ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ): ରାଜ୍ୟର ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଏବଂ ମହାକାଶ ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିଭାଉଥିବା ପଠାଣି ସାମନ୍ତ ପ୍ଲାନେଟାରିୟମର ନବୀକରଣ ପାଇଁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୯୯୦ ମସିହାରୁ ଜନସାଧାରଣ ମାନଙ୍କ ଉତ୍ସର୍ଗୀକୃତ ଏହି ପ୍ଲାନେଟାରିୟମର ଆଧୁନିକୀକରଣ ତଥା ଏହାର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କୋଲକାତାସ୍ଥିତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଟେକ୍ନୋଲୋଜି ମ୍ୟୁଜିୟମ (ବିଆଇଟିଏମ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି।

ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଏବଂ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅନ୍ତର୍ଗତ ନ୍ୟାସନାଲ କାଉନସିଲ ଅଫ ସାଇନ୍ସ ମ୍ୟୁଜିୟମସ୍ ଅଧୀନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍ (ବିଆଇଟିଏମ୍)ର ନିର୍ଦ୍ଦେଶକ ଅର୍ଣ୍ଣବ ଚାଟାର୍ଜୀଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଖୁବଶୀଘ୍ର ଏକ ବୈଷୟିକ ଦଳ ଆସି ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ଚାଟାର୍ଜୀ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଯୋଗଦେଇ ବିଜ୍ଞାନ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ନବୀକରଣ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଡ଼ି. ପ୍ରଶାନ୍ତ କୁମାର ରେଡ୍ଡୀ, ଯୋଜନା ଓ ସଂଯୋଜନ ସ୍ୱତନ୍ତ୍ର ଶାସନ ସଚିବ ଦେବେନ୍ଦ୍ର କୁମାର ଜେନା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ପୂଜା ମିଶ୍ର, ବିଦ୍ୟୁତପ୍ରଭା ରାଉତ, ପଦ୍ମଲୋଚନ ଦାସ, ଉପ ଶାସନ ସଚିବ ଚିନ୍ମୟୀ ଚେତନା ଦାସ, ଜୈବ ପ୍ରଯୁକ୍ତିବିଦ୍ୟା ଉପନିର୍ଦ୍ଦେଶକ ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦଳ ଗଠନ ପୂର୍ବରୁ ବଳ ଗୋଟାଉଛନ୍ତି ମୋକିମ୍

# ଭୁବନେଶ୍ୱରରେ ହେବେ ମହିଳା ଓ ଚାଷୀ ସମାବେଶ

- ଯୁବ ସମାବେଶ ପରେ ଆଉ ଏକ ସମାବେଶ
- ଅନୁଭବଙ୍କ ତୁଣ୍ଡରେ ମୋକିମଙ୍କ ଗୁଣଗାନ



କଟକ, ୧୫।୧ (ସଞ୍ଚାର ବ୍ୟୁରୋ): ନୂଆ ଦଳ ଗଠନ ପୂର୍ବରୁ ବଳ ଗୋଟାଉଛନ୍ତି ରାଜନେତା ମହମ୍ମଦ ମୋକିମ। ଯୁବ ସମାବେଶ ପରେ ଭୁବନେଶ୍ୱରରେ କରିବେ ଆଉ ଏକ ସମାବେଶ। ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ କରିବେ ମହିଳା ଓ ଚାଷୀ ସମାବେଶ। ଏ ନେଇ ମୋକିମ ସୂଚନା ଦେଇଛନ୍ତି। ବର୍ତ୍ତମାନ ସମୟରେ ରାଜ୍ୟରେ ମହିଳା ସୁରକ୍ଷିତ ନୁହନ୍ତି କିମ୍ବା କୃଷକଙ୍କୁ ତାଙ୍କର ପ୍ରାପ୍ୟ ମିଳିପାରୁନାହିଁ। ସେଥିପାଇଁ ମହିଳା ଓ ଚାଷୀ ସମାବେଶ ହେବ। ବର୍ତ୍ତମାନ ଉଭୟ ଚାଷୀ ଓ ମହିଳାମାନେ ନିଜର ନ୍ୟାୟ ପାଉନାହାନ୍ତି। ନୂତନ ଦଳ ଗଠନ ପୂର୍ବରୁ ସମସ୍ତ ସମସ୍ୟା ଉପରେ ଅବଗତ ହେବୁ। ନିର୍ଯାତିତା ମହିଳା ଚାହିଁଲେ ଆମ ଦଳରେ ସାମିଲ ହୋଇପାରିବେ ବୋଲି ମହମ୍ମଦ ମୋକିମ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ନୂଆ ଦଳ ଗଠନ ପୂର୍ବରୁ ଗତ ୧୨ ତାରିଖରେ ଜାତୀୟ ଯୁବ ଦିବସରେ ମହମ୍ମଦ ମୋକିମ୍ ଭୁବନେଶ୍ୱରରେ କରିଥିଲେ ଯୁବ ସମାବେଶ। ଏଥିରେ ଯୁବ ଗୋଷ୍ଠୀଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଥିଲେ ମୋକିମ୍। ମୋକିମଙ୍କ ଦ୍ୱାରା ଆୟୋଜିତ ସଭାରେ ତାଙ୍କ ଝିଅ ତଥା କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଚାହୁଁଛି ଏକ ନୂଆ ବିକଳ୍ପ। ବିକଳ୍ପ ପାଇଁ ସମସ୍ତଙ୍କୁ ବାହାରିବାକୁ ପଡିବ। ଯେଉଁମାନେ ନୂତନ ଆଶା ନେଇ ଆମ ସହ ଯୋଡି ହେବେ ଆମେ ସେମାନଙ୍କୁ ନେଇ ଆଗକୁ ବଢ଼ିବୁ ବୋଲି ମୋକିମ କହିଥିଲେ। ସେପଟେ ଅଭିନେତା ତଥା ବିଜେପି ନେତା ଅନୁଭବ ମହାନ୍ତି କଂଗ୍ରେସର ପୂର୍ବତନ ନେତା ମହମ୍ମଦ ମୋକିମଙ୍କୁ ପ୍ରଶଂସା କରିଛନ୍ତି। ମୋକିମ ଏବଂ ସୋଫିଆ ଫିର୍ଦ୍ଦୋସ ଜଣେ ଭଲ ନେତା। ଅନୁଭବ ମହାନ୍ତି ମୋକିମ ଫାଉଣ୍ଡେସନ୍ ପକ୍ଷରୁ ଚାଲିଥିବା ସ୍ପୋର୍ଟ୍ସ କାର୍ଣ୍ଣିଭାଲର ଉଦଯାପନୀ ସମାରୋହରେ ଅତିଥିଭାବେ ଯୋଗ ଦେଇଛନ୍ତି। ମୋକିମଙ୍କୁ ସେ ପିଲାବେଳୁ ଜାଣିଛନ୍ତି, ତାଙ୍କଠାରୁ ବହୁତ ଭଲ ପାଇବା ମିଳେ, ସେ ମଧ୍ୟ ଭଲ ପାଇବା ଏବଂ ସମ୍ମାନ ଜଣାନ୍ତି। ସବୁବେଳେ ଅନ୍ୟ ଦଳରେ ଥାଇ ମୋକିମ ଭାଇଙ୍କୁ ଭଲ ପାଇଛନ୍ତି ବୋଲି ଅନୁଭବ କହିଛନ୍ତି।

## ଟଙ୍କା ପାଇଁ ସାଙ୍ଗକୁ ପଥରରେ ଛେଚି ହତ୍ୟା

କଟକ, ୧୫।୧ (ସଂଚାର ବ୍ୟୁରୋ) : ବନ୍ଧୁ ନେଇଗଲା ବନ୍ଧୁର ଜୀବନ। ୪ ହଜାର ଟଙ୍କା ବନ୍ଧୁ ନେଇଯାଇଥିବା ସନ୍ଦେହ କରି ପଥରରେ ଛେଚି କଲା ହତ୍ୟା। କଟକ ଖାନନଗରରେ ଯୁବକଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ। ଏହି ଘଟଣାରେ ଯୋବ୍ରା ଅଞ୍ଚଳର ଅଭିଯୁକ୍ତ ଅଶୋକ ସାମଲକୁ ଗିରଫ କରିଛି ବାଦାମବାଡ଼ି ଥାନା ପୁଲିସ। ସୂଚନାଯୋଗ୍ୟ ଯେ, ମୃତ ଯୁବକ ପପୁ ଓ ଅଶୋକ ଉଭୟ ସାଙ୍ଗ ଥିଲେ। ଗତ ୧୦ ତାରିଖ ରାତିରେ ଉଭୟ ମଦ ପିଇଥିଲେ। ଏହାପରେ ପପୁ ଖାନନଗର ନିକଟରେ ରହୁଥିବା ଘରକୁ ପଳେଇ ଆସିଥିଲା। ତେବେ ଅଶୋକ ରହୁଥିବା ଖାନନଗର ମଣି ମନ୍ଦିର ନିକଟରୁ ପୁଣି ପପୁ ପାଖକୁ ଆସିଥିଲା। ସନ୍ଦେହ କରିଥିଲା ତା ପାଖରେ ଥିବା ୪ ହଜାର ଟଙ୍କା ଅଶୋକ ନେଇଯାଇଛି। ଏହାପରେ ତାକୁ ଟଙ୍କା ମାଗିଥିଲା। ହେଲେ ପପୁ କହିଥିଲା ତୁ ମୋତେ ଟଙ୍କା ଦେଇନାହୁଁ ମୋ ପାଖରେ କିଛି ଟଙ୍କା ନାହିଁ। ଏହାପରେ ଉତ୍ୟକ୍ତ ହୋଇ ଅଶୋକ ପପୁକୁ ପଥରରେ ଛେଚି ହତ୍ୟା କରିଥିବା ଡିସିପି କହିଛନ୍ତି।

## 'ଅପରେସନ୍ ଷ୍ଟ୍ରାଇକ' ଅଭିଯାନ

# ୨ ଦିନରେ ୩୬୭ ମାମଲା ରୁଜୁ

ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ): ରାଜ୍ୟରେ ମକର ସଂକ୍ରାନ୍ତିରୁ ଓଡ଼ିଶା ପୁଲିସ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଭାବରେ 'ଅପରେସନ୍ ଷ୍ଟ୍ରାଇକ' ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ସାମିଲ ହୋଇ ମଦ୍ୟପାନ କରି ଗାଡ଼ିଚାଳନା, ନିଶାଦ୍ରବ୍ୟ ଓ ବେଆଇନ ମାରଣାସ୍ତ୍ର ଚୋରାଚାଲାଣ, ଜୁଆ ଆଡ୍ଡା, ଲଘୁ ଖଣିଜ ଦ୍ରବ୍ୟ ଏବଂ ଗୋ-ଚାଲାଣ ଭଳି ଅପରାଧ ଉପରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହା ସହ ଜାମିନ ବିହୀନ ଅପରାଧରେ ଲିପ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରାଯାଇଛି। ଏହି ଅଭିଯାନ ସମୟରେ ସାରା ରାଜ୍ୟରେ ୩୬୭ଟି ଅବକାରୀ ମାମଲା ରୁଜୁ କରାଯାଇ ୩୫,୫୯୯ ଲିଟର ଦେଶୀ ମଦ, ୫୭୧.୨୬୧ ଲିଟର ବିଦେଶୀ ମଦ ଏବଂ ୩୮ ବୋତଲ କଫ୍ ସିରଫ ଜବତ ଏବଂ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୧୨ଟି ମାମଲା ରୁଜୁ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି ଏବଂ ୧ ଲକ୍ଷ ୮ ହଜାର ଟଙ୍କା ନଗଦ ଜବତ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୨୭୨ଟି ମାମଲା ରୁଜୁ କରାଯାଇ ୧୧ ଲକ୍ଷ ୮୯ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ନିଶାଦ୍ରବ୍ୟ ଚୋରାଚାଲାଣ ସମ୍ପର୍କରେ ୧୦ଟି ମାମଲା ରୁଜୁ କରାଯାଇ ୧୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ ୧୫୯ କେଜି ଗଞ୍ଜେଇ, ୮୯.୦୧ ଗ୍ରାମ ବ୍ରାଉନ ସୁଗାର, ବନ୍ଧୁକ, ମାରଣାସ୍ତ୍ର ଓ ଚାରିଚକିଆ ଯାନ ଜବତ କରାଯାଇଛି।

## ଗୋମାଂସ ବିକ୍ରିକୁ ନେଇ ଗୋଷ୍ଠୀସଂଘର୍ଷ

- ଦୋକାନ ବଜାର ବନ୍ଦ ଲାଗି ନିବେଦନ
- ବିଏନ୍ଏସ୍ ୧୬୩ ଜାରି କରାଗଲା



ସୁନ୍ଦରଗଡ଼, ୧୫।୧ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଟାଉନ୍ ଥାନା ରିଜେଣ୍ଟ ମାର୍କେଟରେ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଗୋମାଂସ ବିକ୍ରିକୁ ନେଇ ଏହି ଉତ୍ତେଜନା ହୋଇଥିବା ସୂଚନା ରହିଛି। ତେବେ ଗୋଷ୍ଠୀ ସଂଘର୍ଷ ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ବିଏନଏସ୍ ୧୬୩ ଜାରି କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସପି ଅମ୍ରିତ ପାଲ କୌର, ଅତିରିକ୍ତ ଏସପି, ଡିଏସପି, ସମସ୍ତ ଥାନାର ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସୁରଜ କୁମାର ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କ ସହ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ ହୋଇଛନ୍ତି। ତେବେ ସଂଘର୍ଷ ବେଳେ ଏକ କାର୍, ସ୍କୁଟି ଏବଂ ଏକ ପିକଅପ ଭ୍ୟାନ ପୋଡି ଦେଇଥିବା ଜଣାପଡ଼ିଛି। ଘଟଣା ଘଟିଥିବା ରିଜେଣ୍ଟ ମାର୍କେଟ ସମେତ ସହର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ବସଷ୍ଟାଣ୍ଡ, ମାର୍କେଟ ଓ ବିଭିନ୍ନ ଛକରେ ବ୍ୟାପକ ପୁଲିସ ରହିଛନ୍ତି। ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଅପରାହ୍ନ ୫ଟାରୁ ସୁନ୍ଦରଗଡ ସହରରେ ବିଏନ୍ଏସ୍୧୬୩ ଜାରି ହୋଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡିଆଇଜି ଗଣମାଧ୍ୟମକୁ କହିବା ସହ ସୁନ୍ଦରଗଡ ସହରରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଏନେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସହରରେ ସମସ୍ତ ଦୋକାନ ବଜାର ଗୁଡିକୁ ବନ୍ଦ କରିବାକୁ ଡାକବାଜୀ ଯନ୍ତ୍ର ଜରିଆରେ ନିବେଦନ କରାଯାଇଛି। କୌଣସି ସ୍ଥାନରେ ୫ଜଣରୁ ଅଧିକ ଏକାଠି ନହେବାକୁ ଅନୁରୋଧ କରାଯାଇଛି ।

## ଅଶ୍ଳୀଳ ନୃତ୍ୟ: ବଢ଼ିଲା ନିଶାଙ୍କ ଅଡୁଆ

- ଦୁଇ ଆୟୋଜକ ଥାନାରେ ଅଟକ



ବଲାଙ୍ଗିର, ୧୫।୧ (ସଂଚାର ବ୍ୟୁରୋ) : ବନ୍ଧା ହୋଇପାରନ୍ତି ନିଶା ମହାରଣା । ଅଶ୍ଳୀଳ ନୃତ୍ୟ ପାଇଁ ବଢ଼ିଲା ନିଶାଙ୍କ ଗିରଫ ଆଶଙ୍କା। ନିଶା ମହାରଣାଙ୍କ ବିରୋଧରେ ଥାନାରେ ହୋଇଛି ଅଭିଯୋଗ । ବଲାଙ୍ଗିର ସଦର ଥାନାରେ ମାମଲା ରୁଜୁ ପରେ ବଢ଼ିଲା ଗିରଫ ହେବା ନେଇ ଆଶଙ୍କା । ବଲାଙ୍ଗିର ଚନ୍ଦନ ଭାଟିରେ ଅଶ୍ଳୀଳ ନୃତ୍ୟ କରିଥିବା ନେଇ ଅଭିଯୋଗ ହୋଇଛି । ଏଥିରେ ସମ୍ପୃକ୍ତ ଦୁଇ ଆୟୋଜକ ମଧ୍ୟ ସଦର ଥାନାରେ ଅଟକ ହୋଇଛନ୍ତି । ଦୁଇ ଆୟୋଜକ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର । ଦୁଇ ଆୟୋଜକ ଅଟକ ହେବା ପରେ ନିଶାଙ୍କ ପାଇଁ ସମସ୍ୟା ବଢ଼ିପାରେ । ଗତ ୧୨ ତାରିଖରେ ଚନ୍ଦନଭାଟିରେ ଅଶ୍ଳୀଳ ନୃତ୍ୟ ନେଇ ଅଭିଯୋଗରେ ମାମଲା ଦାୟର ହୋଇଥିଲା ।

### ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

## ପଡ଼ୋଶୀ ବୃଦ୍ଧ କୋର୍ଟ ଚାଲାଣ

ଭଦ୍ରକ ୧୫।୧ (ସଂଚାର ବ୍ୟୁରୋ): ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ ହୋଇଛନ୍ତି। ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ ବୋଲି ପରିବାର ଲୋକ ଅଭିଯୋଗ ଆଣିବା ପରେ ଅଭିଯୁକ୍ତ ବୃଦ୍ଧଙ୍କୁ ଗିରଫ କରିଛି ପୁଲିସ। ଭଦ୍ରକ ଜିଲା ଧୁଷୁରୀ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଧୀନସ୍ଥ ଓଳଗ ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଗତ ଜାନୁଆରୀ ୧୧ ତାରିଖରେ ଘଟିଥିଲା ଏହି ଘଟଣା। ପରିବାର ଲୋକେ ଏ ଘଟଣା ନେଇ ପୁଲିସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବୃଦ୍ଧଙ୍କୁ ଥାନାରେ ଅଟକ ରଖିବା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ସୂଚନା ଦେଇଛି। ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳିକା ଜଣକ ସମସ୍ତ କଥା କହିବାରୁ ପରିବାର ଲୋକ ଆରଡି ଫାଣ୍ଡିରେ ଏନେଇ ଅଭିଯୋଗ କରିଥିଲେ।

### ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

# ଟେଣ୍ଟ ଓ କ୍ୟାଟରିଂ ସେବା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ

- ୪,୦୦୦ ମହିଳା ଏସ୍ଏଚ୍ଜି ସଦସ୍ୟା ହେବେ ପ୍ରଶିକ୍ଷିତ
- ୯.୩ କୋଟି ଟଙ୍କାର ବ୍ୟୟବରାଦ




ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରବେଶକୁ ପ୍ରଶଂସା କରିବା ସହ ଏହି ଅଭିଯାନ ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ ଏନ ସ୍ୱାଗତ ଅଭିଭାଷଣ ରଖିବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହି ବୁଝାମଣାପତ୍ର ଅନୁସାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଟେଣ୍ଟ ଭଡା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗୀତା ପାଇଁ ପ୍ରଶିକ୍ଷିତ କରାଯିବ। ବ୍ୟବସାୟ ୟୁନିଟ୍ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍ଏସ୍ଏସ୍ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ବିବାହ ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରି ଜେଲ ଗଲା ଅଭିଯୁକ୍ତ



ବାଲିଅନ୍ତା, ୧୫।୧ (ସଂଚାର ବ୍ୟୁରୋ): ନିଜକୁ ଡକ୍ଟର କହି ସାନଭାଇର ମିଥ୍ୟା ବିବାହର ପ୍ରତିଶ୍ରୁତି ଦେଇ ଏକ ମହିଳାଙ୍କ ପରିବାରଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ପାହାଳ ପୁଲିସ କେଉଁଝର ଜିଲ୍ଲା ଚମ୍ପୁଆର ରଞ୍ଜୀବ କୁମାର ପ୍ରଧାନ (୪୦)ଙ୍କୁ ଗିରଫ କରିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଦେବସ୍ମିତା ସ୍ୱାଇଁ ଛାଡ଼ପତ୍ର ଦେଇ ନିଜ ପରିବାର ସହିତ ରହୁଥିଲେ। ସେ ୨୦୨୧ ମସିହାରେ ମ୍ୟାଟ୍ରିମୋନିଆଲ ସାଇଟ୍ରେ ନିଜର ବାୟୋଡାଟା ସେୟାର କରିବା ପରେ ଅଭିଯୁକ୍ତ ଜଣକ ନିଜକୁ ଡକ୍ଟର ପ୍ରକାଶ ପ୍ରଧାନ କହିବା ସହିତ ନିଜର ସାନ ଭାଇ ତୁଷାର ପ୍ରଧାନଙ୍କ ବାହାଘର ପାଇଁ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ତୁଷାର ରାୟଗଡ଼ା ଏସବିଆଇ ଡେପୁଟି ମ୍ୟାନେଜର ବୋଲି ଅଭିଯୋଗକାରିଣୀଙ୍କ ପରିବାରକୁ ସୂଚନା ଦେଇଥିଲେ। ବିବାହ ପାଇଁ ଆସିଥିବା ପ୍ରସ୍ତାବକୁ ସ୍ୱୀକାର କରିବା ସହ ନିୟମିତ ଉଭୟ ପ୍ରକାଶ ପ୍ରଧାନଙ୍କ ଯୋଗାଯୋଗରେ ରହିଥିଲେ। ଅଭିଯୁକ୍ତ ଜଣଙ୍କ ଭିନ୍ନଭିନ୍ନ ପରିଚୟ ଦେଇ ବରିଷ୍ଠ ନାଗରିକ ପାଇଁ ଏକ ପଲିସି ଆସିଛି ଏହି ପଲିସି କରିବାକୁ ଅଭିଯୋଗକାରିଣୀଙ୍କ ବାପାଙ୍କ ଉପରେ ବଡ଼ଭାଇ ପ୍ରକାଶ ଚାପ ପକାଇଥିଲେ। ତାଙ୍କ ବ୍ରାଞ୍ଚ ହେବାକୁ ଯାଉଥିବାରୁ ତାଙ୍କ ଉପରେ ଚାପ ପକାଇଥିଲେ ପଲିସି କରିବା ଦ୍ୱାରା ଲାଭ ଉଠାଇବା ପାଇଁ। ଅଭିଯୋଗକାରିଣୀଙ୍କ ବାପା ପ୍ରଥମେ ମନା କରିଥିଲେ। କିନ୍ତୁ ପରେ ପ୍ରକାଶ ପ୍ରଧାନ ତାଙ୍କୁ ବାଧ୍ୟ କରିବା ପରେ ପର୍ଯ୍ୟାୟକ୍ରମେ ଜୁନ ୨୫ ତାରିଖରେ ୫ ଲକ୍ଷ ୧୦ ହଜାର ଟଙ୍କା ଓ ପରେ ଜୁନ ୩୦ ରେ ୫ ଲକ୍ଷ ୧୦ ହଜାର ଟଙ୍କା ଓ ୫ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ବିବାହ ପାଇଁ ବିଳମ୍ବ, ଦେଖି ନକରିବା ପରେ ସନ୍ଦେହ ହୋଇଥିଲା। ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ସବୁକଥା ଜାଣି ଅଭିଯୁକ୍ତକୁ ଗିରଫ କରିଥିଲା।

## ଉଦ୍ଧାର ଶିଶୁକୁ ନେଇ ପ୍ରଶାସନ ନାକେଦମ

- ଶିଶୁକୁ ନେବା ପାଇଁ ପାଳିତ ଦମ୍ପତି କାନ୍ଦିକାନ୍ଦି ଗଡ଼ିଲେ
- ଜିଲ୍ଲାପାଳଙ୍କ ଅଫିସ କକ୍ଷକୁ ଘେରିରହିଲେ ଗ୍ରାମବାସୀ



ଢେଙ୍କାନାଳ, ୧୫।୧ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରିବାଙ୍କ ଗ୍ରାମରୁ ଏକ ଶିଶୁକୁ ଉଦ୍ଧାର କରିବା ପରେ ଏବେ ଜିଲ୍ଲା ପ୍ରଶାସନ ନାକେଦମ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସହାୟତାରେ ସିଡବ୍ଲ୍ୟୁସି ଉକ୍ତ ଶିଶୁପୁତ୍ରକୁ ବାଛୁରିବାଙ୍କ ଗ୍ରାମର ଦମ୍ପତି ମୃଷା ନାଏକ ଓ ବାସନ୍ତୀ ନାଏକଙ୍କ ଘରୁ ଉଦ୍ଧାର କରି ଶିଶୁ ଗୃହକୁ ପଠାଇଦେଇଛି। ଫଳରେ ଶିଶୁ ପୁତ୍ରକୁ ନେବା ପାଇଁ ଆଜି ଉକ୍ତ ଦମ୍ପତି ଓ ତାଙ୍କ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଫିସ କକ୍ଷକୁ ଘେରି ରହି ଜିଦ ଧରିଛନ୍ତି। ଏପରିକି ଉକ୍ତ ଦମ୍ପତି ଶିଶୁ ନେବା ପାଇଁ କାନ୍ଦି କାନ୍ଦି ଗଡ଼ିବା ସହିତ ଚେତାଶୂନ ହୋଇପଡ଼ିବା ଦେଖିବାକୁ ମିଳିଛି। ଖବର ପାଇ ଟାଉନ ପୁଲିସ ଉକ୍ତ ଦମ୍ପତି ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଛି।

ସୂଚନା ମୁତାବକ, ଏହି ଦମ୍ପତି ନିଃସନ୍ତାନ ଥିବା ବେଳେ ଏକ ମାସରୁ ଅଧିକ ସମୟ ଧରି ଉକ୍ତ ଶିଶୁକୁ ପାଳିଛନ୍ତି। ଗତ ଏକ ମାସ ପୂର୍ବେ ତାଙ୍କ ଗ୍ରାମ ଜଙ୍ଗଲରେ ଏହି ନବଜାତ ଶିଶୁ ପୁତ୍ରଟିକୁ ମୁମୂର୍ଷୁ ଅବସ୍ଥାରେ ପାଇଥିଲେ। ପରେ ଏହି ନିଃସନ୍ତାନ ଦମ୍ପତି ତାଙ୍କୁ ନିଜର ପୁଅ ଭାବେ ପାଳି ଥିଲାବେଳେ ନାମ କରଣ ମଧ୍ୟ କରିଥିଲେ। ଏବେ ତାକୁ ସିଡବ୍ଲ୍ୟୁସି ତାଙ୍କଠାରୁ ଶିଶୁକୁ ଛଡାଇ ଆଣିଥିବା କହିଛନ୍ତି ଦମ୍ପତି। ଫଳରେ ଉକ୍ତ ଶିଶୁକୁ ନେବା ପାଇଁ ଜିଦରେ ରହିଛନ୍ତି ଦମ୍ପତି। ସେପଟେ ନିୟମ ମୁତାବକ ଉକ୍ତ ଶିଶୁକୁ ଦେଇପାରିବେ ନାହିଁ ବୋଲି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଯାହାଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା ବେଳେ ପୁଲିସ ପହଞ୍ଚି ଗ୍ରାମବାସୀ ଓ ପାଳିତ ପିଲାର ବାପା,ମା'ଙ୍କୁ ବଳପୂର୍ବକ ଉଠାଇ ନେଇଥିଲା।

### ଏକତରଫା ପ୍ରେମରୁ ହତ୍ୟାକାଣ୍ଡ

## ପାଇପ୍ ମିସ୍ତ୍ରିକୁ ବାନ୍ଧିଲା ପୁଲିସ

ଅନୁଗୋଳ ୧୫।୧ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଅନୁଗୋଳ ନାଲକୋ କଲୋନୀରେ ବିବାହିତା ମହିଳାଙ୍କୁ କ୍ୱାର୍ଟରରେ ପଶି ହତ୍ୟାକରିବା ଘଟଣାର ପର୍ଦ୍ଦାଫାଶ କରିଛି ନାଲକୋ ପୁଲିସ। ପ୍ରଥମେ ପ୍ରେମ ନିବେଦନ, ତା ପରେ ବିଫଳ ହେବାରୁ କ୍ୱାର୍ଟରରେ ପଶି ଓଢ଼ଣୀରେ ତଣ୍ଟି ଚିପି ହତ୍ୟା କରିଥିଲା ଦୁର୍ବୃତ୍ତ। ସେ ଦିନ ଥିଲା ଡିସେମ୍ବର ୧ ତାରିଖ। ମଧୁସ୍ମିତା ପ୍ରଧାନଙ୍କ ନାଲକୋ କ୍ୱାର୍ଟରରେ ପଶିଥିଲା ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିବା ସ୍ଥାନୀୟ ତପନ କୁମାର ସାହୁ। ପ୍ରଥମେ ପ୍ରେମ ନିବେଦନ, ତାପରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ କହିଦେବେ ବୋଲି କହିବାରୁ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ମାନିଛି ତପନ। ତାଙ୍କ ନିକଟରୁ ଚୋରି କରି ନେଇଥିବା ମଙ୍ଗଳସୂତ୍ର ଆଉ କାନ ଫୁଲକୁ ମଧ୍ୟ ଜବତ କରିଛି। ଅଭିଯୁକ୍ତକୁ ଧରି କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି ନାଲକୋ ପୁଲିସ। ଏହି ଘଟଣା ପରେ ନାଲକୋରେ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁରୀରେ ଶିଳ୍ପା ସେଟ୍ଟୀ



ପୁରୀ ୧୫।୧ (ସଂଚାର ବ୍ୟୁରୋ) : ଓଡ଼ିଶାରେ ବଲିଉଡ୍ ସୁନ୍ଦରୀ ଶିଳ୍ପା ସେଟ୍ଟୀ। ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି ଶିଳ୍ପା। ଅଭିନେତ୍ରୀଙ୍କ ସହ ମା ସୁନନ୍ଦା ସେଟ୍ଟୀ, ଭଉଣୀ ସମିତା ସେଟ୍ଟୀ ମଧ୍ୟ ପୁରୀ ଗସ୍ତରେ ଆସିଛନ୍ତି। ଗୁରୁବାର ଦିନ ବଲିଉଡ୍ ଡିଭା ଶିଳ୍ପା ସେଟ୍ଟୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏକ ଜାତୀୟ ଗଣମାଧ୍ୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଛନ୍ତି ଶିଳ୍ପା ସେଟ୍ଟୀ। ତେବେ ଓଡ଼ିଶାରେ ପହଞ୍ଚିବା ପରେ ଶିଳ୍ପା ସେଟ୍ଟୀ ପ୍ରଥମେ ପୁରୀ ଗସ୍ତରେ ଯାଇଛନ୍ତି। ମା' ସୁନନ୍ଦା ସେଟ୍ଟୀ, ଭଉଣୀ ସମିତ ସେଟ୍ଟୀଙ୍କ ସହିତ ବଡ଼ଦେଉଳ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ଶିଳ୍ପା ସେଟ୍ଟୀଙ୍କୁ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି।

## ଗୁଡ଼ିସୂତା ଲାଗି କଟିଲା ଯୁବକଙ୍କ ମୁହଁ

କଟକ, ୧୫।୧ (ସଂଚାର ବ୍ୟୁରୋ): ମକର ସଂକ୍ରାନ୍ତି ଅବସରରେ ଗୁଡ଼ିର ମାଞ୍ଜା ସୂତା ଏବେ ଲୋକଙ୍କ ପାଇଁ କାଳ ହୋଇଛି। ଗୁରୁବାର ଖାନନଗର ଟ୍ରାଫିକ ଛକରେ ମାଞ୍ଜା ସୂତା ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ମୁହଁ କଟିଯାଇଛି। ଗୁରୁତର ଯୁବକଙ୍କୁ ଏସସିବିରେ ଭର୍ତ୍ତି କରିଛି ପୁଲିସ। ଖାନନଗରର ନଦୀବନ୍ଧ ରାସ୍ତାରେ ସୂର୍ଯ୍ୟକାନ୍ତ ଓ ତାଙ୍କର ବନ୍ଧୁ ବାଇକ୍ ଯୋଗେ ଭୁବନେଶ୍ୱର ଯିବା ସମୟରେ ଗୁଡ଼ି ସୂତା ଲାଗି ଯାଇଥିଲା। ଫଳରେ ସୂର୍ଯ୍ୟକାନ୍ତଙ୍କ ମୁହଁ ଓ ବେକ କଟିଯାଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେବଳ କଟକ ନୁହେଁ ମକର ସଂକ୍ରାନ୍ତି ଦିନ ଗୁଡ଼ି ମାଞ୍ଜା ସୂତା ଲାଗି ଢେଙ୍କାନାଳ ମୀନାବଜାର ଅଞ୍ଚଳର ଅଭିଶେଖ ସାହୁ ଆହତ ହୋଇଥିଲେ।

### ସଂଘର୍ଷରୁ ସଶକ୍ତିକରଣ

# ସନ୍ତୋଷୀଙ୍କ ସାହସକୁ 'ଆମ ସୁବାହକ'ର ସହଯୋଗ




ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ): ବ୍ୟକ୍ତିଗତ ସଂଘର୍ଷର ଅନ୍ଧକାର ମଧ୍ୟରୁ ଓଡ଼ିଶାରେ ଜଣେ ସାହସୀ ଏବଂ ଆଶାବାଦୀ ନାରୀର ଅଭ୍ୟୁଦୟ ଘଟିଛି। ଯେତେବେଳେ ଜଣେ ମହିଳା ଆଗକୁ ବଢ଼ିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତି ଏବଂ ତାଙ୍କୁ ରାଜ୍ୟ ସରକାରଙ୍କ ସହଯୋଗ ମିଳେ, ସେତେବେଳେ ଜୀବନର ଯନ୍ତ୍ରଣା କିଭଳି ଶକ୍ତି ଓ ନେତୃତ୍ୱରେ ପରିଣତ ହୋଇପାରେ, ତାହାର ଶ୍ରେଷ୍ଠ ଉଦାହରଣ ସାଜିଛନ୍ତି ସନ୍ତୋଷୀ ଦେଓ। କେନ୍ଦୁଝର ଜିଲ୍ଲାର ସନ୍ତୋଷୀ ଦେଓ ଓଡ଼ିଶାରେ ନାରୀ ସଶକ୍ତିକରଣ ଓ ସାହସର ପ୍ରତୀକ ଭାବେ ଉଭା ହୋଇଛନ୍ତି। ଦୃଢ଼ ମନୋବଳ ଏବଂ ଉପଯୁକ୍ତ ସମୟରେ ସରକାରୀ ସହାୟତା ମିଳିଲେ ବ୍ୟକ୍ତିଗତ ପ୍ରତିକୂଳ ପରିସ୍ଥିତିକୁ କିଭଳି ସଫଳତାରେ ରୂପାନ୍ତରିତ କରାଯାଇପାରେ, ସେ ତାହା ପ୍ରମାଣ କରି ଦେଖାଇଛନ୍ତି।

ମାତ୍ର ୧୬ ବର୍ଷ ବୟସରେ ହରିୟାଣାରେ ବିବାହ କରିଥିବା ସନ୍ତୋଷୀ ଦୁର୍ଭାଗ୍ୟବଶତଃ ଯୌତୁକ ନିର୍ଯାତନା ଏବଂ ଘରୋଇ ହିଂସାର ଶିକାର ହୋଇଥିଲେ। ସ୍ୱାମୀଙ୍କ ଦ୍ୱାରା ପରିତ୍ୟକ୍ତ ହେବା ପରେ ସେ ଜଣେ ଏକାକୀ ମା' ଭାବେ ନିଜ କୁନିଝିଅକୁ ସମ୍ମାନର ସହ ବଞ୍ଚାଇବା ପାଇଁ କେନ୍ଦୁଝର ଫେରି ଆସିଥିଲେ। କିନ୍ତୁ ସେ ହାର ମାନି ନଥିଲେ, ବରଂ ନିଜ ଭବିଷ୍ୟତକୁ ନୂତନ ରୂପ ଦେବା ପାଇଁ ଏକ ସାହସିକ ନିଷ୍ପତ୍ତି ନେଇଥିଲେ।

ଚେନ୍ନାଇରେ ଜଣେ ମହିଳା ଅଟୋ ଚାଳିକାଙ୍କୁ ଦେଖି ଅନୁପ୍ରାଣିତ ହୋଇ ସନ୍ତୋଷୀ ୨୦୧୫ ମସିହାରେ କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳିକା ଭାବେ କାର୍ଯ୍ୟକରି ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗିଥିଲେ। ୨୦୨୧ ମସିହାରେ ସେ ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ମହିଳା 'ମୋ ବସ୍' ଚାଳିକା ଭାବେ ଇତିହାସ ରଚିଥିଲେ। ଏହାପରେ ସେ ନିଜର ଦକ୍ଷତା ପ୍ରତିପାଦନ କରି କେନ୍ଦୁଝରର ଗୁଆଲି ସାଇଟ୍ରେ ତ୍ରିବେଣୀ ପ୍ରାଇଭେଟ୍ ଲିମିଟେଡ୍ ଅଧୀନରେ ୪୦ ମେଟ୍ରିକ୍ ଟନ୍ ବିଶିଷ୍ଟ ବିଶାଳକାୟ 'ଭଲ୍ଭୋ ଟ୍ରକ୍' ଚଲାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ତାଙ୍କର ଏହି ଯାତ୍ରା କେବଳ ରୋଜଗାର ମଧ୍ୟରେ ସୀମିତ ନଥିଲା। ସେ ନିଜର ଅଟୋ ଧରି ନ୍ୟାୟ ପାଇଁ ପ୍ରାୟ ୧୬୦୦ କିଲୋମିଟର ପଥ ଅତିକ୍ରମ କରି ନୂଆଦିଲ୍ଲୀ ଯାଇଥିଲେ। ନିକଟରେ କେନ୍ଦୁଝରରୁ ଅଯୋଧ୍ୟା ପର୍ଯ୍ୟନ୍ତ ଗାଡ଼ି ଚଲାଇ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲେ।

୨୦୨୬ ଜାନୁଆରୀ ମାସରେ ଅନୁଷ୍ଠିତ 'ଜାତୀୟ ସଡ଼କ ସୁରକ୍ଷା ମାସ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ 'କେନ୍ଦୁଝରର ଝିଅ' ବୋଲି ସମ୍ବୋଧନ କରିବା ସହ ଓଡ଼ିଆ ଅସ୍ମିତା, ସାହସ ଏବଂ ନିଷ୍ଠାର ପ୍ରତୀକ ଭାବେ ସମ୍ମାନିତ କରିଛନ୍ତି। ସନ୍ତୋଷୀ ଦେଓ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ' ର ଜଣେ ସଫଳ ହିତାଧିକାରୀ। ପରିବହନ କ୍ଷେତ୍ରରେ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଏବଂ ବୈଦ୍ୟୁତିକ ଯାନ ପାଇଁ ଅତିରିକ୍ତ ସବସିଡି ପ୍ରଦାନ କରାଯାଉଛି। ଏହି ଯୋଜନାର ସହାୟତାରେ ସନ୍ତୋଷୀ ଆଜି ଏକ ଚାରିଚକିଆ ଯାନର ମାଲିକାଣୀ ହୋଇପାରିଛନ୍ତି ଏବଂ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବେ ଉଭା ହୋଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୨୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୧,୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୩,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୧,୨୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୩,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୧,୪୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୯୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୧୮୦ ଓ, ୧,୩୧,୨୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୫,୦୦୦ ଟଙ୍କା ହୋଇଛି ।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ବଢ଼ିଲା ମସ୍କଙ୍କ ନେଟୱର୍ଥ

**ନୂଆଦିଲ୍ଲୀ,୧୫।୧:** ଗତ ୨୪ ଘଣ୍ଟାରେ ବିଶ୍ୱର ସବୁଠୁ ଧନୀଙ୍କଙ୍କ ସମ୍ପତ୍ତିରେ ହଲଚଲ ଦେଖିବାକୁ ମିଳିଛି। ଟପ-୧୦ ବିଲେନିୟରଙ୍କ ମଧ୍ୟରେ ସାମିଲ ଅଧିକାଂଶଙ୍କ ନେଟୱର୍ଥରେ ବିପୁଳ ହ୍ରାସ ଦେଖାଯାଇଛି। ତେବେ ଏଲନ ମସ୍କଙ୍କ ନେଟୱର୍ଥରେ ବୃଦ୍ଧି ହୋଇଛି। ଏପରି ହଲଚଲ ଗ୍ଲୋବାଲ ବିଜନେସ୍ ଓ ସେୟାର ବଜାରରେ ଉପୁଜିଥିବା ଅସ୍ଥିରତାକୁ

## କ୍ଷତିରେ ବେଜୋସ ଓ ଜୁକରବର୍ଗ

ସ୍ପଷ୍ଟ କରୁଛି। ବ୍ଲୁମବର୍ଗ ବିଲେନିୟର୍ସ ଇଣ୍ଡେକ୍ସ ଅନୁସାରେ ଗତ ୨୪ ଘଣ୍ଟାରେ ଏଲନ ମସ୍କଙ୍କ ମୋଟ ନେଟୱର୍ଥରେ ୪୨ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ହୋଇଛି। ଏହି ଅଭିବୃଦ୍ଧି ସହିତ ତାଙ୍କର ମୋଟ ସମ୍ପତ୍ତି ୬୮୩ ବିଲିୟନ ଡଲାର ହୋଇଯାଇଛି। ତେବେ ମସ୍କଙ୍କ ସମ୍ପତ୍ତି ବୃଦ୍ଧି ହୋଇଥିବା ବେଳେ କେତେକ ଉଦ୍ୟୋଗପତିଙ୍କ ସମ୍ପତ୍ତି ହ୍ରାସ ହୋଇଛି। ଓରାକଲ ସହ ସଂସ୍ଥାପକ ଲ୍ୟାରୀ ଏଲିସନଙ୍କର ସବୁଠୁ ଅଧିକ କ୍ଷତି ହୋଇଛି। ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ୮.୮




ବିଲିୟନ ଡଲାର ହ୍ରାସ ହୋଇଛି। ଫଳରେ ତାଙ୍କ ମୋଟ ନେଟୱର୍ଥ ହ୍ରାସ ହୋଇ ୨୪୬ ବିଲିୟନ ଡଲାର ହୋଇଯାଇଛି। ଆମାଜନ ସଂସ୍ଥାପକ ଜେଫ ବେଜୋସଙ୍କ ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଯାଇଛି। ତାଙ୍କ ନେଟୱର୍ଥ ୫.୨ ବିଲିୟନ ଡଲାର ହ୍ରାସ ହୋଇ ୨୫୯ ବିଲିୟନ ଡଲାର ହୋଇଯାଇଛି।

ସେହିପରି ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତିରେ ଗୋଟିଏ ଦିନରେ ୫.୩ ବିଲିୟନ ଡଲାର ହ୍ରାସ ହୋଇଛି ଓ ତାଙ୍କ ମୋଟ ନେଟୱର୍ଥ ୨୧୮ ବିଲିୟନ ଡଲାରକୁ ପହଞ୍ଚି ଯାଇଛି। ସେହିପରି ମାଇକ୍ରୋସଫ୍ଟର ପୂର୍ବତନ ସିଇଓ ଷ୍ଟିଭ ବାଲ୍ମୋରଙ୍କ ନେଟୱର୍ଥରେ ୩.୫ ବିଲିୟନ ଡଲାର ହ୍ରାସ ହୋଇଛି। ଏବେ ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୬୧ ବିଲିୟନ ଡଲାର ହୋଇଯାଇଛି। ଲଗଜରୀ ବ୍ରାଣ୍ଡର ବ୍ୟବସାୟୀ ବର୍ନାର୍ଡ ଅର୍ଣ୍ଣଲ୍ଟଙ୍କ ନେଟୱର୍ଥରେ ମଧ୍ୟ ୨.୪ ବିଲିୟନ ଡଲାର ହ୍ରାସ ହୋଇଛି। ସେହିପରି ଏନଭିଡିୟା ମୁଖ୍ୟ ଜେନସନ ହୁଆଙ୍ଗଙ୍କ ସମ୍ପତ୍ତି ମଧ୍ୟ ୨ ବିଲିୟନ ଡଲାର ପର୍ଯ୍ୟନ୍ତ ହ୍ରାସ ହୋଇଛି।

ଦିଗ୍ଗଜ ନିବେଶକ ୱାରେନ ବଫେଙ୍କ ସମ୍ପତ୍ତିରେ ମାମୁଲି ହ୍ରାସ ହୋଇଛି। ଏଣୁ ତାଙ୍କ ମୋଟ ନେଟୱର୍ଥ ୧୪୯ ବିଲିୟନ ଡଲାର ହୋଇଯାଇଛି। ଗୁଗଲ ସହ ସଂସ୍ଥାପକ ସର୍ଗେଇ ବ୍ରିନ ଓ ଲ୍ୟାରୀ ପେଜଙ୍କ ସମ୍ପତ୍ତିରେ ମଧ୍ୟ ଗତ ୨୪ ଘଣ୍ଟାରେ ହ୍ରାସ ଦେଖାଯାଇଛି। ତେବେ ଏମାନଙ୍କ ସମ୍ପତ୍ତିରେ ହ୍ରାସ ଅନ୍ୟ ବିଲେନିୟରଙ୍କ ହ୍ରାସ ତୁଳନାରେ କମ୍। ଏହି ସମୟରେ ଭାରତୀୟ ବିଲେନିୟରଙ୍କ କଥା କୁହାଗଲେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ହାଲୁକା ବୃଦ୍ଧି ହୋଇଛି ଓ ତାଙ୍କ ନେଟୱର୍ଥ ପାଖାପାଖି ୧୦୦ ବିଲିୟନ ଡଲାର ହୋଇଯାଇଛି। ତେବେ ଆଦାନୀ ଗ୍ରୁପ ଚେୟାରମ୍ୟାନ ଗୌତମ ଆଦାନୀଙ୍କ ନେଟୱର୍ଥ ହ୍ରାସ ହୋଇଛି। ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୮୦ ବିଲିୟନ ଡଲାରକୁ ହ୍ରାସ ହୋଇଛି।

### ଟାଟା ପଞ୍ଚ ଫେସଲିଫ୍ଟ ଭର୍ସନ ଲଞ୍ଚ

# ଏକ୍ସ-ଶୋରୁମ୍ ମୂଲ୍ୟ ୫.୫୯ ଲକ୍ଷ

**ନୂଆଦିଲ୍ଲୀ,୧୫।୧:** ଟାଟା ମୋଟର୍ସ ଏହାର ସବୁଠାରୁ ଲୋକପ୍ରିୟ ମାଇକ୍ରୋ-ଏସୟୁଭି ଏସୟୁଭି,ଟାଟା ପଞ୍ଚର ଫେସଲିଫ୍ଟ ଭର୍ସନକୁ ଭାରତରେ ଲଞ୍ଚ କରିଛି। ନୂଆ ଡିଜାଇନ, ନୂଆ ଟର୍ବୋ ଇଞ୍ଜିନ ସାଂଗକୁ ସେଗମେଣ୍ଟ ପାଷ୍ଟ ଫିଚର୍ସ ସହିତ ଏହି କାର୍ ମାର୍କେଟରେ ଜବରଦସ୍ତ ଏଣ୍ଟ୍ରି କରିଛି। ଟାଟାର ଏହି କାର ଏହାର ପ୍ରତିଦ୍ୱନ୍ଦ୍ୱୀ ହୁଣ୍ଡାଇ ଏକ୍ସେଣ୍ଟ, ସିଟ୍ରୋଏନ୍ ସି୩ ଏବଂ ମାରୁତି ଇଗ୍ନିସ୍ କୁ କଡ଼ା ଟକ୍କର ଦେଇପାରେ। ନୂଆ ପଞ୍ଚର ଡିଜାଇନ୍ ଅନେକାଂଶରେ ଏହାର ପୁରୁଣା ଇଭି ଭର୍ସନ ଡିଜାଇନ ଭଳି ରହିଛି। କମ୍ପାନୀ ଏହାର ଫ୍ରଣ୍ଟ ଏବଂ ରିୟର ସାଇଟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଫଳରେ ନୂଆ ଭର୍ସନ ଅଧିକ ପ୍ରିମିୟମ୍ ଏବଂ ଆଧୁନିକ ଲୁକ୍ ଦେଇଛି। ଏହି କାରରେ ୩୬୦-ଡିଗ୍ରୀ କ୍ୟାମେରା ଭଳି ସୁରକ୍ଷା ଫିଚର୍ସ ରହିଛି। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟ ₹୫.୫୯ ଲକ୍ଷ ରଖାଯାଇଛି। କମ୍ପାନୀ ଏହାର ବୁକିଂ ଆରମ୍ଭ କରି ଦେଇଥିବା ବେଳେ ଖୁବ୍ ଶୀଘ୍ର ଡେଲିଭରି ବି ଆରମ୍ଭ ହେବ। ଭାରତରେ ଏହା ହୁଣ୍ଡାଇ ଏକ୍ସେଣ୍ଟ, ମାରୁତି ସୁଜୁକି ଫ୍ରଙ୍କସ୍, ସିଟ୍ରୋଏନ୍ ସି୩, ମାରୁତି ଇଗ୍ନିସ୍, ନିସାନ୍ ମ୍ୟାଗନାଇଟ୍, ଏବଂ ରେନାଲ୍ଟ କିଗର ସହିତ କଡ଼ା ଟକ୍କର ଦେବ। ଟାଟା ପଞ୍ଚ୍ ଭାରତରେ ପ୍ରଥମେ ୨୦୨୧ ମସିହାରେ ଲଞ୍ଚ ହୋଇଥିଲା। ଏହା ପରେ ଅଗଷ୍ଟ ୨୦୨୩ ମସିହାରେ ଟ୍ୱିନ ସିଲିଣ୍ଡର ଟେକ୍ନୋଲୋଜୀ ସହିତ ସିଏନ୍ଜି ଭର୍ସନ ଲଞ୍ଚ କରିଥିଲା କମ୍ପାନୀ। ଏହାପରେ ପୁଣି ଜାନୁଆରୀ ୨୦୨୪ରେ ଅପଡେଟେଡ୍ ଲୁକ୍ ସାଂଗକୁ ନୂଆ ଫିଚର୍ସ ସହ ଏହାର ଇଲେକ୍ଟ୍ରିକ ସଂସ୍କରଣ ବି ଲଞ୍ଚ କରାଯାଇଥିଲା। ନୂଆ ଫେସଲିଫ୍ଟ ଭର୍ସନରେ ଟର୍ବୋ ପେଟ୍ରୋଲ୍ ଅପସନ ଦିଆଯାଇଛି। ପୂର୍ବରୁ ଏହା ସାଧାରଣ ପେଟ୍ରୋଲ ଇଞ୍ଜିନ ସହ ଆସୁଥିଲା। ଟାଟା ପଞ୍ଚ ଏବେ ସିଏନ୍ଜି ସହିତ ଏଏମ୍ଟି (ଅଟୋମେଟିକ୍) ଗିଅରବକ୍ସ ଦେଉଥିବା ପ୍ରଥମ ଏସୟୁଭି ହୋଇଛି, ଯାହା ଏହାକୁ ସିଟି ଡ୍ରାଇଭିଂ ପାଇଁ ହୁଣ୍ଡାଇ ଏକ୍ସେଣ୍ଟ ସିଏନ୍ଜି ଅପେକ୍ଷା ଏକ ବିକଳ୍ପ କରୁଛି। ଟାଟା ପଞ୍ଚ ଫେସଲିଫ୍ଟରେ ଏକ ବଡ଼ ୧୦.୨୫ ଇଞ୍ଚ ସ୍କ୍ରିନ୍, ୩୬୦ ଡିଗ୍ରୀ କ୍ୟାମେରା ଏବଂ ଭେଣ୍ଟିଲେଟେଡ୍ ସିଟ୍ ଭଳି ଫିଚର୍ସ ରହିଛି। ଟାଟା ପଞ୍ଚ ସୁରକ୍ଷା ଦିଗରୁ ଖୁବ୍ ପରିଚିତ। ଏହାକୁ ଭାରତ ଏନ୍ସିଏପି ରେଟିଂରେ ୫-ଷ୍ଟାର ମିଳିଛି। ଏହାର ପ୍ଲାଟଫର୍ମ (ଆଲଫା-ଏଆରସି) ବହୁତ ଦୃଢ଼ ବୋଲି ବିବେଚନା କରାଯାଏ।



### ପୋଷ୍ଟ ଅଫିସର ଜବରଦସ୍ତ ସ୍କିମ୍

# ୨୦୦ ଟଙ୍କା ସଞ୍ଚୟ କରିଦେବ ଲକ୍ଷପତି

**ନୂଆଦିଲ୍ଲୀ,୧୫।୧:** ପୋଷ୍ଟ ଅଫିସର ଜବରଦସ୍ତ ସ୍କିମ୍। ସୁରକ୍ଷିତ ନିବେଶ, ଢାସୁ ରିଟର୍ଣ୍ଣ। ଟଙ୍କା ବୁଡ଼ିବନି କି ସୁଧ କମିବନି। ଟୋଟାଲ୍ ରିସ୍କ ଫ୍ରି। ଦିନକୁ ମାତ୍ର ୨୦୦ ଟଙ୍କା ସଞ୍ଚୟ କରିଦେବ ଲକ୍ଷପତି। ଯୁବକ ହୁଅନ୍ତୁ କି ବୃଦ୍ଧ ଅବା ମହିଳା ସମସ୍ତଙ୍କ ପାଇଁ ଏହି ସ୍କିମ୍। ଗ୍ୟାରେଣ୍ଟି ଦେବେ ଖୋଦ ସରକାର। ଆଖିବୁଜି କରିପାରିବେ ନିବେଶ। ଏମିତି ସ୍କିମ୍ ସନ୍ଧାନରେ ଅଛନ୍ତି କି ? ତାହେଲେ ଦେଖନ୍ତୁ ଏହି ଖବର... ଆପଣଙ୍କୁ ଲକ୍ଷପତି କରିଦେବ ଭାରତୀୟ ଡାକ।

ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ସ୍କିମ୍... ଏହି ସ୍କିମ୍ରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ମାତ୍ର ୧୦୦ ଟଙ୍କା ଦେଇ ଆକାଉଣ୍ଟ ଖୋଲି ପାରିବେ। ଦିନକୁ ମାତ୍ର ୨୦୦ ଟଙ୍କା ଥୋଇବାକୁ ପଡ଼ିବ। ଏହାର ମାଚ୍ୟୁରିଟି ପିରିୟଡ୍ ୫ ବର୍ଷ। ଚାହିଁଲେ ଆହୁରି ୫ ବର୍ଷ ଯାଏଁ ବଢ଼ାଇପାରିବେ। ଏହି ସ୍କିମ୍ ରେ ନିବେଶକ ଋଣ ବି ନେଇପାରିବେ। ଏଥିପାଇଁ କିଛି ନିୟମ ରହିଛି। ବର୍ଷେ ଯାଏଁ ଆକାଉଣ୍ଟ ଚାଲୁ ରହିବା ଦରକାର। ଏହାପରେ ଯାଇ ଜମା ରାଶିର ୫୦ ପ୍ରତିଶତ ଋଣ ନେଇପାରିବେ। ଏହା ଉପରେ ମାତ୍ର




୨ ପ୍ରତିଶତ ସୁଧ ଲାଗିବ। ରିକରିଂ ଡିପୋଜିଟ୍ ସ୍କିମ୍ ରେ ନିବେଶକଙ୍କୁ ପ୍ରି-ମାଚ୍ୟୁଓର କ୍ଲୋଜର ସୁବିଧା ବି ମିଳିବ। ଅର୍ଥାତ୍ ମାଚ୍ୟୁରିଟି ପିରିୟଡ୍ ପୂର୍ବରୁ ଚାହିଁଲେ ଟଙ୍କା ଉଠାଇ ପାରିବେ। ନିବେଶ କରିବାର ୩ ବର୍ଷ ପରେ ଟଙ୍କା ଉଠାଇ ହେବ। ଯଦି ନିବେଶକଙ୍କ ମୃତ୍ୟୁ ହୁଏ, ତାହେଲେ ନୋମିନି ଟଙ୍କା କ୍ଲେମ୍ କରିପାରିବେ କିମ୍ବା ନିବେଶ ଜାରି ରଖିପାରିବେ। ତେବେ ଜାଣନ୍ତୁ ୨୦୦ ଟଙ୍କାରେ ୧୦ ଲକ୍ଷ ଟଙ୍କାର ହିସାବ।

ନିବେଶକ ଦିନକୁ ୨୦୦ ଟଙ୍କା ସଞ୍ଚୟ କଲେ ମାସକୁ ୬୦୦୦ ଟଙ୍କା ସେଭିଂ କରିବେ। ଏହିପରି ଭାବେ ୫ ବର୍ଷରେ ୩ ଲକ୍ଷ ୬୦ ହଜାର ଟଙ୍କା ଜମା କରିବେ। ସରକାର ଏଥିରେ ୬୮ ହଜାର ୧୯୭ ଟଙ୍କା ସୁଧ ଦେବେ। ଆପଣଙ୍କର ଫଣ୍ଡ ୪ ଲକ୍ଷ ୨୮ ହଜାର ୧୯୭ ଟଙ୍କା ହେବ। ଏହାପରେ ଇନଭେଷ୍ଟର୍ସ ଆସନ୍ତା ୫ ବର୍ଷ ଯାଏଁ ଏହାକୁ ବଢ଼ାଇବେ। ୧୦ ବର୍ଷ ପରେ ମୋଟ ଜମା ରାଶି ୭.୨୦ ଲକ୍ଷ ହେବ। ଆପଣଙ୍କୁ କେବଳ ସୁଧ ୨ ଲକ୍ଷ ୫ ହଜାର ୧୩୧ ଟଙ୍କା ମିଳିବ। ସବୁ ମିଶାଇଲେ ୧୦ ବର୍ଷରେ ୧୦ ଲକ୍ଷ ୨୫ ହଜାର ୧୩୧ ଟଙ୍କା ମିଳିବ।

# ଚଳିତବର୍ଷ ହେବ ବମ୍ପର ଗହମ ଉତ୍ପାଦନ



## ବର୍ଷରେ ଚାଷୀ ୩.୨ କୋଟି ହେକ୍ଟରରୁ ଅଧିକ ଜମିରେ ଗହମ ଚାଷ କରିଛନ୍ତି ଓ ଫସଲର ସ୍ଥିତି ଏପର୍ଯ୍ୟନ୍ତ ଭଲ ଅଛି

**ନୂଆଦିଲ୍ଲୀ,୧୫।୧:** ଚଳିତବର୍ଷ ଦେଶରେ ରେକର୍ଡ ୧୧.୭୯ କୋଟି ଟନ ଗହମ ଉତ୍ପାଦନର ଆକାଳନ କରାଯାଉଛି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ବୁଧବାର ଏହି ଆକଳନ କରିଛନ୍ତି। ଚୌହାନ କହିଛନ୍ତି ଯେ ଯଦି ସବୁକିଛି ଠିକଠାକ୍ ରହେ ତେବେ ଗତବର୍ଷର ଉତ୍ପାଦନ ରେକର୍ଡ ଭାଙ୍ଗିବ। ଗତବର୍ଷ ଅପେକ୍ଷା ଚାଷୀ ଏ ବର୍ଷ ଅଧିକ ଜମିରେ ଗହମ କରିଥିବା ବେଳେ ଫସଲ ପରିସ୍ଥିତି ମଧ୍ୟ ଏ ପର୍ଯ୍ୟନ୍ତ ଅନୁକୂଳ ରହିଛି। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ର ଏକ କାର୍ଯ୍ୟକ୍ରମ ଅବସରରେ ଚୌହାନ ଏହି ଆକଳନ କରିଛଛନ୍ତି। ଆଇସିଏଆର ମହାନିର୍ଦ୍ଦେଶକ ଏମ.ଏଲ. ଜାଟ କହିଛନ୍ତି ଯେ ଏ ବର୍ଷ ଚାଷୀ ୩.୨ କୋଟି ହେକ୍ଟରରୁ ଅଧିକ ଜମିରେ ଗହମ ଚାଷ କରିଛନ୍ତି ଓ ଫସଲର ସ୍ଥିତି ଏପର୍ଯ୍ୟନ୍ତ ଭଲ ଅଛି। ପାଣିପାଗ ଅନୁକୂଳ ଥିବାରୁ ଚାଷ ମଧ୍ୟ ଭଲ ସ୍ଥିତିରେ ଅଛି। ଯଦି ସବୁକିଛି ଠିକଠାକ ଚାଲେ ତେବେ ଏ ବର୍ଷ ଆମେ ୧୨ କୋଟି ଟନ ଗହମ ଉତ୍ପାଦନର ଲକ୍ଷ୍ୟ ହାସଲ କରିବା ନିଶ୍ଚିତ ବୋଲି କହିଛନ୍ତି। ଆଇସିଏଆର ମହାନିର୍ଦ୍ଦେଶକ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ଫସଲର ସ୍ଥିତି ବେଶ୍ ଅନୁକୂଳ ଅଛି। ଯଦି ଏପରି ପାଣିପାଗ ଜାରି ରହିଲା ତେବେ ଆମେ ୧୨୦ ମିଲିୟନ ଟନ ଉତ୍ପାଦନ ପର୍ଯ୍ୟନ୍ତ ପହଞ୍ଚି ଯାଇ ପାରିବା। ତେବେ ଏଥି ପାଇଁ ଜାଟ୍ ସବୁ ଶ୍ରେୟ ଚାଷୀଙ୍କୁ ଦେଇଛନ୍ତି। ସେମାନଙ୍କ ପୂର୍ବାନୁମାନ ଓ ଶୀଘ୍ର ବୁଣା, ରୁଆ ଶେଷ କରିବା ଯୋଗୁ ଆମକୁ ଏ ବର୍ଷ ଏହି କୃଷି ଫଳାଫଳ ମିଳିବାକୁ ଯାଉଥିବା ସେ କହିଛନ୍ତି। କୃଷିମନ୍ତ୍ରାଳୟ ସୂଚନା ଅନୁସାରେ ୨୦୨୫-୨୬ ରବି ଋତୁରେ ଜାନୁୟାରୀ ୨ ତାରିଖ ସୁଦ୍ଧା ୩୩.୪୧ ମିଲିୟନ ହେକ୍ଟରର ରେକର୍ଡ ଏରିୟାରେ ଗହମ ଚାଷ ହୋଇଛି। ତେବେ ଗତବର୍ଷ ଏହି ସମୟରେ ଗହମ ଚାଷର କ୍ଷେତ୍ରଫଳ ୩୨.୮୦ ମିଲିୟନ ହେକ୍ଟର ଥିଲା। ତଥ୍ୟରୁ ଜଣାପଡେ ଯେ ବୁଣା ହୋଇଥିବା ମୋଟ ରକବାରୁ ୭୩%ରୁ ଅଧିକ ଭାଗରେ ପାଣିପାଗ ପରିବର୍ତ୍ତନର ସମ୍ମୁଖୀନ ହୋଇ ପାରୁଥିବା ଓ ବାୟୋ ଫୋର୍ଟିଫାଏଡ ବିହନର ଉପଯୋଗ କରାଯାଇଛି। ସାଧାରଣତଃ ଗହମ ରବି ଓ ଶୀତ ଦିନିଆ ଫସଲ। ଚାଷୀ ବୁଣାବୁଣି ସାରିଥିବା ବେଳେ ମାର୍ଚ୍ଚରେ ଫସଲ ଅମଳ କରିବାକୁ ଅପେକ୍ଷା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଚୀନ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ଗହମ ଉତ୍ପାଦକ ଦେଶ।

## ଜାତୀୟ ସିନିୟର ଖୋଖୋ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳର ସଫଳତା



**ସୁନ୍ଦରଗଡ଼,୧୫।୧ (ସଂଚାର ବ୍ୟୁରୋ):** ତେଲେଙ୍ଗାନାର କାଜିପେଟ୍ଟାରେ ଆୟୋଜିତ ୫୮ତମ ଜାତୀୟ ସିନିୟର ଖୋଖୋ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ରୌପ୍ୟ ଓ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି । ରାଜ୍ୟ ପୁରୁଷ ଦଳରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଲ ଓରାମ ଉଚ୍ଚକଟି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି।ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ ଅଟନ୍ତି । ସେ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ର। ରାଜ୍ୟସ୍ତରୀୟ ଖୋଖୋ ରେଫରି ତଥା ପ୍ରଶିକ୍ଷକ ଅନିଲ ସାହୁଙ୍କ ନେତୃତ୍ୱରେ କ୍ରୀଡା ଅଭ୍ୟାସ ଜାରି ରଖିଛନ୍ତି ଓ ଗତ ବର୍ଷରୁ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ପୁରୀରେ ରହି ଖେଳ ଅଭ୍ୟାସ କରୁଛନ୍ତି। ନିଜ ପ୍ରତିଭା ବଳରେ ବିଶାଳ ବର୍ତ୍ତମାନ ପର୍ଯ୍ୟନ୍ତ ୧୨ ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ ,ଚାରିଟି ରୌପ୍ୟ ଓ ଚାରିଟି କାଂସ୍ୟ ପଦକ ହାସଲ କରିଛନ୍ତି। ବିଶାଲଙ୍କ ଏହି ସଫଳତା ପାଇଁ ଜିଲ୍ଲାର କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

## ବରାଦୋ ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି,୧୫।୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବରାଦୋ ମଣ୍ଡଳରେ ହିନ୍ଦୁମାନଙ୍କୁ ସଂଗଠିତ କରିବା ପାଇଁ ଏକ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୁ ସଂଗଠକ ତଥା ବରିଷ୍ଠ ଆଇନଜୀବୀ ସ୍ମୃତିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଶ୍ୱେତବଟ ଯୋଗାଶ୍ରମର ମହାତ୍ମା ଜ୍ଞାନାନନ୍ଦ, ଶ୍ୱେତବଟ ନିଶ୍ଚିକୋଇଲି ନିତ୍ୟାନନ୍ଦ ଦାସ ମହାରାଜ, ମହାରାଜ ନିର୍ମଳ ମିଶ୍ର, ବଳଦେବଜୀଉ ମନ୍ଦିର ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପର୍ଯ୍ୟବେକ୍ଷକ ବଳରାମ ଦାସ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା କାର୍ଯ୍ୟବାହକ ଲଳିତମୋହନ ପ୍ରଧାନ ଯୋଗ ଦେଇ ପ୍ରାରମ୍ଭରେ ଭାରତମାତା ଓ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ



ପୁଷ୍ପମାଲ୍ୟ ଅର୍ପଣ କରିବା ପୂର୍ବକ ହିନ୍ଦୁମାନଙ୍କୁ ସଂଗଠିତ କରି ତାଙ୍କ ମଧ୍ୟରେ ସ୍ୱାଭିମାନକୁ ଜାଗ୍ରତ କରିବା ଯାହାଦ୍ୱାରା ଆଜି ହିନ୍ଦୁ ମାନେ ଶୃଙ୍ଖଳିତ ସତ କିନ୍ତୁ ଅତ୍ୟାଚାରିତ ତେଣୁ ଏହି ହିନ୍ଦୁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମେ ହିନ୍ଦୁମାନେ ସଂଗଠିତ ହୋଇ କାର୍ଯ୍ୟ କରି ଆମ ହିନ୍ଦୁମାନଙ୍କ ସୁରକ୍ଷାକୁ ମଜବୁତ୍ କରିବା ସମ୍ଭବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସ୍ୱୟଂ ସେବକ ମୀନକେତନ ଦାସ, କମଳାକ୍ଷ ପ୍ରସାଦ ଦାସ, ରଞ୍ଜନ ଦାସ, ଗିରିଶ କୁମାର ନାୟକ, ଅଶୋକ ମହାପାତ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ହିମାଂଶୁ ସ୍ୱାଇଁ, ପ୍ରଶାନ୍ତ ଦାସ, ମଳୟ ଘଡ଼େଇ, କୁଳମଣୀ ରାଉତଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବରାଦୋ, ଜିଗ୍ନିପୁର ଏବଂ ଜୟରାମପୁର ଗ୍ରାମର ସ୍ୱୟଂ ସେବକମାନେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

● ଶକ୍ତି ଦେଖାଇଲା ବିଏସପି

## ‘ଏଥର ପରିବର୍ତ୍ତନ, ବହୁଜନ ଶାସନ ଆଉ ଶାସକ ବହୁଜନ’ ନାରାରେ କମ୍ପିଲା ରାୟଗଡା



**ରାୟଗଡା,୧୫।୧ (ସଂଚାର ବ୍ୟୁରୋ):** ଆଜି ରାୟଗଡା ସହର ଠାରେ ବହୁଜନ ସମାଜ ପାର୍ଟି ପକ୍ଷରୁ ଏକ ଭବ୍ୟ ଶକ୍ତି ପ୍ରଦର୍ଶନ କରାଯାଇଛି। ବହୁଜନ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷା ତଥା ପୂର୍ବତନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭଉଣୀ କୁମାରୀ ମାୟାବତୀଙ୍କ ୭୦ତମ ଜନ୍ମଦିନ ଅବସରରେ ରାୟଗଡା ସଦର ସ୍ଥିତ ତେଜସ୍ୱୀ ପଡିଆ ଠାରେ ଜନକଲ୍ୟାଣକାରୀ ଦିବସ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା, ରାଜ୍ୟ ସଭାପତି ସରୋଜ ନାୟକ, ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ଟାକ୍ରୀ ଓ ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ବାବା ସାହେବ ଭୀମରାଓ ଆମ୍ବେଦକର ସହିତ ମାନ୍ୟବର କାଂଶିରାମ ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂଯୋଜକ ଡା. ଲାଲଜୀ ମେଧା ଯୋଗଦେଇ ଦଳିତ, ଆଦିବାସୀ, ପଛୁଆବର୍ଗ, ଅଳ୍ପସଂଖ୍ୟକ, ଗରିବ ଓ ଶୋଷିତ ବର୍ଗଙ୍କ ଅଧିକାର ପାଇଁ ମାୟାବତୀଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବହୁଜନଙ୍କ ଭୋଟ ଯଦି ବହୁଜନଙ୍କର, ତେବେ ଶାସନ ମଧ ବହୁଜନଙ୍କର ହେବା ଉଚିତ ବୋଲି ନେତାମାନେ ମତ ପ୍ରକାଶ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲାଙ୍କ ଭାଷଣ ଲୋକମାନଙ୍କ ମଧ୍ୟରେ ବେଶ ଉତ୍ସାହ ସୃଷ୍ଟି କରିଥିଲା। ପ୍ରାୟ ସାତ ହଜାରରୁ ଅଧିକ ଲୋକ ଯୋଗଦେଇଥିବା ଏହି ସମାବେଶରେ ବିଭିନ୍ନ ଦଳ ଛାଡ଼ି ଶତାଧିକ କର୍ମୀ ବିଏସପିରେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ନାମଲେଖା ତାଲିମ ଶିବିର



**ସୋନପୁର,୧୫।୧ (ସଂଚାର ବ୍ୟୁରୋ):** ପି.ଏମ.ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ପାଇଁ ମେଗା ନାମଲେଖା ତଥା ମେଗା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର,ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ଶ୍ରୀଯୁକ୍ତ ଗୋରେଖନାଥ ସାହୁ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଲିତା ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା, ସମସ୍ତ ସିଆରସିସି ଆମ ବିଦ୍ୟାଳୟ ର ସୁଶ୍ରୀ ମିଶ୍ର, ଶୁଭଶ୍ରୀ ପ୍ରଧାନ, ଶିବାଶିଷ ମିଶ୍ର, ଜଗମୋହନ ସେନାପତି, ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏହି ଶିବିରରେ ଉଭୟ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇଥିଲେ। ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସ ଯୋଜନା ସାତସପନ
## ଭଙ୍ଗା-ଦଦରା ଘରେ ବିତୁଛି ଜୀବନ



**କନ୍ଧମାଳ,୧୫।୧ (ସଂଚାର ବ୍ୟୁରୋ):** ଗୃହହୀନ ଓ ଚାଳଛପର ଘରେ ଜୀବନ ବିତାଉଥିବା ଗରିବ ପରିବାର ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା ଠିକ୍‌ଠାକରେ ପରିଚାଳିତ ହେଉନଥିବା ଦୃଷ୍ଟି ଗୋଚର ହେଉଛି। ଯେଉଁମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବା ଉଚିତ, ସେମାନେ ଅବହେଳିତ ଅଛନ୍ତି। ଥିଲା ବାଲାକୁ ମିଳୁଛି ସରକାରୀ ଯୋଜନା। ନଥିଲାବାଲା ଭାଗ୍ୟକୁ ଆଦରି ଭଙ୍ଗା ଦଦରା ଘରେ ଜୀବନ କାଟିବାକୁ ପଡୁଛି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ବନେଗାଁ ଗ୍ରାମରେ।

ସ୍ତ୍ରୀ ବନାଦେଇ ପ୍ରଧାନ ଏବଂ ସ୍ୱାମୀ ଲାଇବନ ପ୍ରଧାନ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ ରହୁଥିବା ଦୃଶ୍ୟ ଦେଖିଲେ ସରକାରୀ ଯୋଜନା ବାଟବଣା ହେଲାଭଳି ମନେ ହେଉଛି। ଦିନ ମଜୁରୀ କରି ଯାହା ଆଦାୟ ହେଉଛି ସେଥିରେ ଦୁଇ ପ୍ରାଣୀ ନିଜ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଘରର ଅବସ୍ଥା ଦିନକୁ ଦିନ ଦୟାନୀୟ ହେବାରେ ଲାଗିଲାଣି। ଭଙ୍ଗାଦଦରା ଘରକୁ ସଜାଡ଼ିବାକୁ ମଧ ସମ୍ବଳ ଅଭାବ। ଯେତିକି ମିଳୁଛି ସେତିକି ପରିବାର ଚଳିବା କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି।

ଦୀର୍ଘ ବର୍ଷରୁ ଭଙ୍ଗା ଦଦରା ଘରେ ଦୁଇ ବୁଢ଼ାବୁଢ଼ୀଙ୍କ ବିତୁଛି ଜୀବନ। ଏହି ଦୃଶ୍ୟ ଦେଖିବା ପରେ ସରକାରୀ ଯୋଜନା ଫେଲ୍ ମାରିଛି ବୋଲି ଗରିବ ଲୋକ ମତବ୍ୟକ୍ତ କରିଛନ୍ତି। ଦୁହିଁଙ୍କ ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାନ୍ଥ ସବୁ ଫାଟି ଆଁ କରିଛି ଏପରି ବିପଦ ସଙ୍କୁଳ ଘରେ ବୃଦ୍ଧ ବୃଦ୍ଧା ରାତ୍ରିଯାପନ କରୁଛନ୍ତି। ଘର ମରାମତି କରିବା ପାଇଁ ହାତରେ ସମ୍ବଳ ନାହିଁ। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି ସେମାନେ କହିଛନ୍ତି।

## କାର ସହିତ ସ୍କୁଟି ଧକ୍କା ; ଜଣେ ମୃତ, ଜଣେ ଆହତ

**ନିଶ୍ଚିନ୍ତକୋଇଲି,୧୫।୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟକ ଚାନ୍ଦବାଲି ରାସ୍ତାର କଟରପଡ଼ା ଠାରେ ଏକ ସ୍କୁଟିକୁ କାର ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍କୁଟିରେ ଥିବା ଅନ୍ୟ ଜଣେ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଓଡ଼ି୦୫ଏଜି୫୭୯୨ ସ୍କୁଟିକୁ ଓଡ଼ି୦୫ବିଏଲ୧୩୮ ନଂ କାରଟି ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି। ସ୍କୁଟି ଚାଳକ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ରାୟଚାନ୍ଦପୁର ଗ୍ରାମର ନକୁଳି ଓଝାଙ୍କ ପୁତ୍ର ପ୍ରସନ୍ନ କୁମାର ଓଝା(୭୫) ମୃତ୍ୟୁବରଣ କରିଥିଲା ବେଳେ ତାଙ୍କ ସହ ସ୍କୁଟିରେ ଥିବା ବିଷ୍ଣୁପ୍ରିୟା ବେହେରା ଆହତ ଅବସ୍ଥାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## କୁମୁଡ଼ି ଡଙ୍ଗରରେ ମକରମେଳା ମହୋତ୍ସବ



**ନର୍ଲା,୧୫।୧ (ସଂଚାର ବ୍ୟୁରୋ):** ଗୋକୁଲେଶ୍ୱର ଓ କେରୋକୁଡା ମଧ୍ୟସ୍ଥ କୁମୁଡି ଡଙ୍ଗର ଠାରେ ଚାଲିଛି ମକରମେଳା ମହୋତ୍ସବ। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋକୁଲେଶ୍ୱର କେରୋକୁଡା କୁମୁଡି ଡଙ୍ଗର ମକର ମେଳା ମହୋତ୍ସବ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଓ ସାଂସ୍କୃତିକ ସଭା ଅନୁଷ୍ଠିତ ହେଉଛି। ୧୬ ପ୍ରହର ନାମଯଜ୍ଞ, ମିନାବଜାର, ମକର ମେଳା ଓ ମହୋତ୍ସବ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି। ମକର ମେଳା ମହୋତ୍ସବ କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ତାରିଣୀ ପ୍ରସାଦ ସିଂହ, ସମ୍ପାଦକ ତେଜରାଜ ଶବରଙ୍କ ତତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ ଚାଲିଛି ସମସ୍ତ କାର୍ଯ୍ୟକ୍ରମ। ବିଭିନ୍ନ ସନ୍ଧ୍ୟାର ସାଂସ୍କୃତିକ ସଭାରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, କଳାହାଣ୍ଡି ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ ଲଳିତା ନାଏକ, ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କେସିଙ୍ଗା ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ସୁନୀତା ଶବର, ଗୋକୁଲେଶ୍ୱର ସରପଞ୍ଚ କେସୁଲାଲ ତାଣ୍ଡି, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ଗାଇଗାଁ ସମିତି ସଭ୍ୟ ଭୁବନେ ଶବରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଏଲଏକ୍ସ ମ୍ୟୁଜିକ ଓ ସଙ୍ଗୀତ ସରଗମ ଦର୍ଶକଙ୍କ ମନ ମୋହିଥିଲା। ତେବେ ଅଞ୍ଚଳର ୧୪ ଖଣ୍ଡ ଗ୍ରାମବାସୀଙ୍କୁ ଏକତ୍ରିତ କରି ଏପରି ବିଶାଳ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବାରୁ ମକରମେଳା ମହୋତ୍ସବ କମିଟିର ସଭାପତି ମନୋଜ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ବୟସ ୮୨ ଟପିଲାଣି ; ତଥାପି ମିଳୁନି ବର୍ଦ୍ଧିତ ଭତ୍ତା



**କନ୍ଧମାଳ,୧୫।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ପଦାସାହିର ପୁରାଲି ପ୍ରଧାନ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳିପାରିନି। ସରକାର ବର୍ଦ୍ଧିତ ଭତ୍ତା ପାଇଁ ଧାର୍ଯ୍ୟ ବୟସ ସୀମା ୮୦ କରିଥିବା ବେଳେ କ.ନୂଆଗାଁ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ ଏଯାଏ ସେମାନଙ୍କୁ ଭତ୍ତା ମିଳିପାରି ନାହିଁ ।

କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ପଦାସାହିର ପୁରାଲି ପ୍ରଧାନ ୯ ମାସ ହେବ ଭତ୍ତା ପାଇଁ ଦରଖାସ୍ତ କରିଥିଲେ ମଧ ଅଦ୍ୟାବଧି ସେ ହିତାଧିକାରୀ ସୂଚୀରେ ସାମିଲ ହୋଇନାହାନ୍ତି। ଭତ୍ତା ଟଙ୍କା ପାଇବା ସକାଶେ ସେ ବାରମ୍ବାର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ ଏଥିରେ ତାଙ୍କୁ ଏଯାଏ ସଫଳତା ମିଳିପାରି ନାହିଁ। ୯ ମାସ ତଳୁ ହିତାଧିକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ କେଉଁ କାରଣ ପାଇଁ ପୁରାଲି ପ୍ରଧାନଙ୍କୁ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ଏବେ ପ୍ରଶ୍ନବାଚୀ। ତାହା ବୁଝା ପଡୁନାହିଁ ଯେ କାହିଁକି ସେ ପଞ୍ଚାୟତ ତଥା ପଞ୍ଚାୟତ ସମିତିରେ ବହୁବାର ଦରଖାସ୍ତ କରିଥିଲେ ମଧ ନିରାଶ ହୋଇ ପଡ଼ିଛନ୍ତି।

## କଳିଙ୍ଗର ଗୌରବ ‘ଦନ୍ତପୁର’କୁ ନେଇ ସଚେତନତା କାର୍ଯ୍ୟକ୍ରମ



**ଛତ୍ରପୁର,୧୫।୧ (ସଂଚାର ବ୍ୟୁରୋ):** ପ୍ରାଚୀନ କଳିଙ୍ଗର ଗୌରବମୟ ବନ୍ଦର ଦନ୍ତପୁର ଆଜି ଇତିହାସ ଓ ଭୂଗୋଳର ପୃଷ୍ଠାରୁ ପ୍ରାୟ ହଜିଯାଇଛି। ପ୍ରାଚୀନ ଓଡ଼ିଶାର ତୃତୀୟ ବୃହତମ ବନ୍ଦର ଭାବେ ପରିଚିତ ଦନ୍ତପୁର ସମଗ୍ର ଦକ୍ଷିଣ ଭାରତରେ ଏକ ସମୟରେ ଅପାର ବାଣିଜ୍ୟିକ, ସାଂସ୍କୃତିକ ଓ ଧାର୍ମିକ ଗୌରବ ଅର୍ଜନ କରିଥିଲା। ପୌରାଣିକ ସାହିତ୍ୟ, ବୌଦ୍ଧିକ ଚେତନା ଓ ବୌଦ୍ଧ ଧର୍ମର ପରମ୍ପରା ସହ ଦନ୍ତପୁରର ଗଭୀର ସମ୍ପର୍କ ରହିଛି। ବହୁ ଐତିହାସିକ ଓ ପ୍ରାମାଣିକ ତଥ୍ୟ ଆଧାରରେ ଏହି ଦନ୍ତପୁରକୁ ଗଞ୍ଜାମ ଜିଲ୍ଲାର ପାଲୁର ସହିତ ଚିହ୍ନଟ କରାଯାଇଛି। କିନ୍ତୁ ଆଜିର ସମୟରେ ଏହି ଐତିହାସିକ ପରିଚୟ ଅବହେଳିତ ଅବସ୍ଥାରେ ରହିଛି। ଦନ୍ତପୁରର ହଜିଯାଇଥିବା ଗୌରବକୁ ପୁନଃଜୀବିତ କରିବା ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଞ୍ଜାମ ବ୍ଲକ ଅଳେଶ୍ୱର ମନ୍ଦିର ସମୁଦ୍ରକୂଳରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ ବରିଷ୍ଠ ସ୍ତମ୍ଭକାର ସୁଦର୍ଶନ ଛୋଟରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଧାପକ ଓ ଗବେଷକ ଯୋଗଦେଇଥିଲେ। ବକ୍ତାମାନେ ଦନ୍ତପୁରର ଐତିହାସିକ ଗୁରୁତ୍ୱ, ବୌଦ୍ଧ ପରମ୍ପରା ସହ ଏହାର ସମ୍ପର୍କ ଓ ପୁରାତତ୍ତ୍ୱିକ ଗବେଷଣାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ଜାନୁଆରୀ ୩୦ରୁ ଫେବୃଆରୀ ୧ ଯାଏ ଜୁନାଗଡ଼ ମହୋତ୍ସବ



**କଳାହାଣ୍ଡି,୧୫।୧ (ସଂଚାର ବ୍ୟୁରୋ):** ଜୁନାଗଡ଼ ହାଇସ୍କୁଲ ଖେଳ ପଡ଼ିଆରେ ଜୁନାଗଡ଼ ମହୋତ୍ସବ କୋର କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଉପସ୍ଥିତ କୋର କମିଟି ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ପରେ ଆସନ୍ତା ଜୁନାଗଡ଼ ମହୋତ୍ସବର ତାରିଖ ନିର୍ଦ୍ଧାରଣ କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଜୁନାଗଡ଼ ମହୋତ୍ସବ ଆସନ୍ତା ଜାନୁଆରୀ ୩୦ ଓ ୩୧ ତାରିଖ ଓ ଫେବୃଆରୀ ୧ ତାରିଖରେ ଜୁନାଗଡ଼ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ହେବ। ବୈଠକର ଶେଷରେ କମିଟିର ସମ୍ପାଦକ ହିମାଂଶୁ ଶେଖର ବରାଡ଼ ଉପସ୍ଥିତ ସମସ୍ତ କୋର କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

## ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢ଼ାଉ



**ବଲାଙ୍ଗିର,୧୫।୧ (ସଂଚାର ବ୍ୟୁରୋ):** ଉପଜିଲ୍ଲାପାଳ ବଲାଙ୍ଗିର ଆଲୋକ କୁମାର ପଟେଲଙ୍କ ନିର୍ଦ୍ଦେଶକ୍ରମେ ଆଜି ଆଗଲପୁର ବ୍ଲକରେ ହେଉଥିବା ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢଉ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଦ୍ୱାରା ମିଳିତ ଭାବେ ରଫାଖୋଲ ଗ୍ରାମ ନିକଟ ଅଙ୍ଗ ନଦୀ ଠାରେ ଏହି ଚଢଉ କରାଯାଇଥିଲା । ବାଲି ମଫିଆମାନେ ନଦୀବନ୍ଧରେ ଥିବା ବନ୍ୟା ପ୍ରତିରୋଧକ କାନ୍ଥକୁ କାଟି ନଦୀ ମଧକୁ ରାସ୍ତା କରିଛନ୍ତି। ବାଲି ଚୋରା ଚାଲାଣରେ ସମ୍ପୃକ୍ତ ତିନୋଟି ହାଇୱା ଜବତ କରାଯାଇ ସାଲେଭଟା ଥାନାକୁ ହସ୍ତାନ୍ତର କରାଯାଇଛି । ସେଠାରେ ଏକ ଚେନ୍ ମାଉଣ୍ଟ ଏକ୍ସଭେଟରକୁ ମଧ ଜବତ କରାଯାଇଛି । ଏହାର ମାଲିକଙ୍କୁ ଠାବ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନିଷ୍ଠ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ, ଦୋଷୀ ବିରୁଦ୍ଧରେ ଏଫଆଇଆର ଦାଖଲ କରିବା ସହ ବନ୍ୟା ପ୍ରତିରୋଧକ କାନ୍ଥକୁ ଯଥାଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ କରାଯାଇଛି । ଏହି ଚଢଉରେ ଡେପୁଟି କଲେକ୍ଟର ସତ୍ୟଜିତ ବାରିକ, ତହସିଲଦାର ଆଗଲପୁର ନବୀନ କିଶୋର ପାଢ଼ୀ, କନିଷ୍ଠ ଖଣି ଅଧିକାରୀ ଦେବାଶିଷ ଦେହୁରି, ଶୁଭମ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଜୟକୃଷ୍ଣ ପାଣିଗ୍ରାହୀ, ସାଲେଭଟା ଆରଆଇ ଏବଂ ପୋଲିସ ସାମିଲ ଥିଲେ ।

## କଳିଙ୍ଗନଗରରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ



**ଯାଜପୁର ରୋଡ଼, ୧୫।୧ (ସଂଚାର ବ୍ୟୁରୋ):** ୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ, ସୁରକ୍ଷିତ ଏବଂ ଦାୟିତ୍ୱସମ୍ପନ୍ନ ସଡ଼କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ୍ କଳିଙ୍ଗନଗରର (ଟିଏସକେ) ସୁରକ୍ଷା ବିଭାଗ, କଳିଙ୍ଗନଗର ପୋଲିସ ସହଯୋଗରେ କଳିଙ୍ଗନଗରଠାରେ ଏକ ଦୁଇ ଦିନିଆ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା।ଏହି ଅବସରରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସଞ୍ଜୟ,ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ହେଲେମେଂଟ ପନ୍ଧିବା, ଗତି ସୀମା ମାନିବା, ସିଟ୍ ବେଲ୍ଟ (ଆଗ ଏବଂ ପଛ) ବ୍ୟବହାର, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର ନକରିବା, ଗାଡ଼ି ମଧରେ ସୁରକ୍ଷିତ ଦୂରତା ବଜାୟ ରଖିବା, ଲେନ୍ ଶୃଙ୍ଖଳା ଅନୁସରଣ କରିବା, ଗାଡ଼ିର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଜରୁରୀକାଳୀନ ଯାନକୁ ବାଟ ଛାଡ଼ିବା ଭଳି

## ଶେଷ ନିଦ୍ରାରେ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର



**କାକଟପୁର/ଅସ୍ତରଙ୍ଗ,୧୫।୧ (ସଂଚାର ବ୍ୟୁରୋ):** ଜୀବନ ଯୁଦ୍ଧରେ ହାରିଗଲେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବେଳେ ଭୁବନେଶ୍ୱର ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଜପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ୧୦୧ବର୍ଷୀୟ ସୋମନାଥ ପାତ୍ର କିଛି ଦିନ ହେବ ବାଦ୍ଧକ୍ୟ ଜନିତ ଅସୁସ୍ଥ ରହିଥିଲେ। ସେ ଜଣେ ଲେଖକ, କବି ଭାବରେ ବେଶ ପରିଚିତ। ବିଭିନ୍ନ ପ୍ରତିଭାବାନ କାର୍ଯ୍ୟ ପାଇଁ ସେ ବିଭିନ୍ନ ସ୍ତରରୁ ପୁରସ୍କୃତ ହୋଇଛନ୍ତି। ଲବଣ ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ସୋମନାଥ ପାତ୍ରଙ୍କ ଅବଦାନ ଅତୁଳନୀୟ। ସେ ଜଣେ ଅଣବନ୍ଦୀ ନେତା ସହ ବାନର ସେନାରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରୁଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷ ଦର୍ଶନ ସମୟରେ ବିଧାୟକ ତୁଷାର କାନ୍ତି ବେହେରା, ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ, ବରିଷ୍ଠ ନେତା ଅମୀୟ ପଟ୍ଟନାୟକ, ଆଶିଷ କାନୁନଗୋ, ଦିବାକର ଛାଟୋଇଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସୋମନାଥଙ୍କ ପୁଅ ଗଗନ ବିହାରୀ ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ରାଜନଗର ଗାଁର ଶରତ କୁମାର ଦାସଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ତଳେ ସ୍ୱର୍ଗତ ଦାସ କ୍ୟାନ୍ସରରେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଭୋର ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ସାରା ରାଜନଗରରେ ଶୋକରଛାୟା ଖେଳାଇ ଦେଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଭାବେ ଦୀର୍ଘ ୪୦ ବର୍ଷ ଧରି ରୋଗୀଙ୍କ ସେବା କରି ଆସୁଥିଲେ। ତାଙ୍କର ମୃତୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କର ଶେଷ ସମୟରେ ତାଙ୍କର ପୁଅ ବିକାଶ ଦାସ, ଝିଅ କାନ୍ତିପ୍ରଭା ଦାସ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ରାଜନଗର ଶ୍ମସାନରେ ଶେଷକୃତ ସମ୍ପନ୍ନ ହୋଇଛି।

## କାଠପାଳ ପ୍ରିମିୟର ଲିଗ ସିଜିନି-୩ ଉଦ୍‌ଯାପିତ
## ମାରୁତି ଇଲେଭେନକୁ ହରାଇ ମହାବୀର ଇଲେଭେନ ଚାମ୍ପିୟନ




**ନୀଳଗିରି,୧୫।୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧିନସ୍ଥ ମଛୁଆ ପଞ୍ଚାୟତର କାଠପାଳ ଗ୍ରାମର ଥିବା କାଠ ପାଳ ଇଲେଭେନ କ୍ଲବ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ କାଠପାଳ ପ୍ରିମିୟର ଲିଗ ସିଜିନି-୩ ଗତ ଜାନୁଆରୀ ୫ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମହାବୀର ଇଲେଭେନ କ୍ଲବ ଏବଂ ମାରୁତି ଇଲେଭେନ ମଧ୍ୟରେ ୩ଟି ମ୍ୟାଚ ହୋଇଥିଲା। ୨ଟି ମ୍ୟାଚରେ ମହାବୀର ଇଲେଭେନ ଟିମ ମାରୁତି ଇଲେଭେନକୁ ୨-୧ ହରାଇ ଥିବାରୁ କାଠପାଳ ପ୍ରିମିୟମ ଲିଗ ସିଜିନି-୩ର ଚଳିତ ବର୍ଷ ମହାବୀର ଇଲେଭେନ ଚାମ୍ପିୟନ ହୋଇଛି।

ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ମୁଖ୍ୟବକ୍ତା ଆଇନଜୀବୀ ତଥା ସମାଜସେବୀ ସୁଶାନ୍ତ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଚନ୍ଦ୍ରବିନ୍ଦୁ ଦାସ ଆଜିର କାର୍ଯ୍ୟକ୍ରମରେ ଖେଳାଳୀ, ଆୟୋଜକ ମାନଙ୍କୁ ଉତ୍ସାହିତ କରିବା ସହିତ ଖେଳ ଏବଂ ଜୀବନ ସହିତ ଥିବା ସାମଞ୍ଜସ୍ୟକୁ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ।

ଫାଇନାଲ ଖେଳ ଦେଖି ବାକୁ କାଠପାଳ ଏବଂ ଆଖପାଖ ଅଂଚଳର ଶତାଧିକ ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ।

## ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା

**ବାରିପଦା, ୧୫।୧ (ସଂଚାର ବ୍ୟୁରୋ):** ଓଡ଼ିଶାରୁ ଅଯୋଧାର ଶ୍ରୀରାମ ଜନ୍ମଭୂମି ମନ୍ଦିରକୁ ପ୍ରେରିତ ହେବାକୁ ଥିବା "ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ" ବାରିପଦାରେ ପହଞ୍ଚିବାରେ ତାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଉରକେଲାରୁ ବାହାରି ପୁରୀ ପର୍ଯ୍ୟନ୍ତ ଯିବାକୁ ଥିବା ଏହି "ଶ୍ରୀରାମ ଧନୁ" ବହନକାରୀ ସୁସଜ୍ଜିତ ରଥକୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମୁର୍ଗାବାଡିଠାରେ ସ୍ୱାଗତ କରାଯିବା ପରେ ଏହାକୁ ସହର ପରିକ୍ରମା କରାଯାଇଥିଲା। ସାମାଜିକ ଗଣ ମାଧମରେ ହିନ୍ଦୁତ୍ୱବାଦୀ ନେତା ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରକାଶ ନାୟକ ରଥ ସହ ଆସିଥିବା ବେଳେ ଏହାକୁ କବିବିଷ୍ଣୁ ଶତପଥୀ, ପ୍ରଶାନ୍ତ ଆଚାର୍ଯ୍ୟ, ଲକ୍ଷ୍ମୀଧର ହାବଡା, ସୌମ୍ୟ ରଞ୍ଜନ ମିଶ୍ର, ଅମିତ ନାୟକ, ବିଶ୍ୱଜିତ ରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ବଡ଼ ଧରଣର ବାଇକ ଶୋଭାଯାତ୍ରାରେ ପାଛୋଟି ନିଆଯାଇ ବାରିପଦା ନଗର ସାରା ପରିକ୍ରମା କରାଯାଇଥିଲା। "ଶ୍ରୀରାମ ସ୍ୱର୍ଣ୍ଣ ଧନୁ ରଥ ଯାତ୍ରା" ବାରିପଦାରେ ଶୀତ ସନ୍ଧ୍ୟାରେ ବିଳମ୍ବରେ ପହଂଚିବା ସତ୍ତ୍ୱେ ବି ବହୁସଂଖ୍ୟକ ମହିଳା ଧୈର୍ଯ୍ୟର ସହ ଅପେକ୍ଷା କରି ଉପସ୍ଥିତ ରହି ଏହାକୁ ସ୍ୱାଗତ କରିବା ଘଟଣା ବେଶ ଲକ୍ଷଣୀୟ ହୋଇଥିଲା।

# ଏଥର ରଜରେ... ‘ଦ ମିଲେଟ୍ ଡାଏରୀ’





ଚାଷରୁ ଲାଗୁଛି ଏଥର ମାଣ୍ଡିଆ ଭଲ ହେଇଛି । କିନ୍ତୁ ଅମଳ ପରେ ଜଣାପଡ଼ିବ । ଜମି ମାଲିକ ବି କହିସାରିଲେଣି କେବେ ଫସଲ କାଟିବେ ।
ତେଣୁ ଲାଗୁଛି ଏଥର ଅମଳ ପ୍ରବଳ ହେବ । କାହିଁକି ନା ଇନ୍‌ଫାଇସନ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ବହୁ ପ୍ରତିକ୍ଷିତ ଓଡ଼ିଆ ସିନେମା ‘ଦ ମିଲେଟ୍ ଡାଏରୀ’ ଆସନ୍ତା ରଜ ଉପଲକ୍ଷେ ଜୁନ୍ ୧୨ରେ ବଡ଼ ପରଦାରେ ମୁକ୍ତିଲାଭ କରୁଛି ।
ଟିଜର ସୋସିଆଲ୍ ମିଡିଆରେ ଦର୍ଶକଙ୍କ ମହଲରେ ଉତ୍ସାହ ସୃଷ୍ଟି ସହ ପ୍ରଶଂସା ସାଉଁଟି ଚାଲିଥିଲା ବେଳେ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ଦାବି, ମାଣ୍ଡିଆ ପରି ‘ମିଲେଟ୍ ଡାଏରୀ’ ସ୍ୱାସ୍ଥ୍ୟକର ଓ ରୁଚିକର ହେବ । ପରଦାରେ ଦର୍ଶକଙ୍କ ମନ ଜିଣିବ।
ଏହା କେବଳ ଏକ ସିନେମା ନୁହେଁ, ଏଥିରେ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ରହିଛି । କବିରାଜ, ମାଣ୍ଡିଆ ପଛର ଇତିହାସ ଏବଂ ତା’ ଭିତରେ ଏକ ସୁନ୍ଦର ପ୍ରେମ କାହାଣୀ। ଯାହା ଚିରାଚରିତ ଧାରାଠୁ ଭିନ୍ନ ସ୍ୱାଦ ଦେବ ଠିକ୍ ମାଣ୍ଡିଆ ଭଳି । ଅତୀତର ସେହି ସମୟକୁ ନେଇଯିବ ଯେଉଁଠି ମାଣ୍ଡିଆ ଶସ୍ୟ ନଥିଲା, ବରଂ ଥିଲା ସଭ୍ୟତାର ପରିଚୟ ।
ଅନନ୍ୟ ପ୍ରେମ କାହାଣୀଃ ସଂଗ୍ରାମ ଭିତରେ ସମସାମୟିକ କାଳଚକ୍ରର ଏକ ଶାଶ୍ୱତ ପ୍ରେମର ସୁନ୍ଦର ଝଲକ ଏବଂ ଜଣାଶୁଣା ଓ ଦକ୍ଷ କଳାକାର ଅଭିନୟ ଚଳଚ୍ଚିତ୍ରକୁ ଅଧିକ ଭାବପୂର୍ଣ୍ଣ କରିବ । ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ ରାଜେଶ, ଶ୍ରୀତମ ଦାସ, କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସନ୍ତୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଏବଂ ଶ୍ରେୟା ପ୍ରମୁଖଙ୍କୁ ଦେଖିବାକୁ ପାଇବେ । ପରଦା ପଛର ସାରଥୀ ଭାବେ ଏହି ଭିନ୍ନଧର୍ମୀ ସିନେମାକୁ ସୁନ୍ଦର ଏବଂ ବଳିଷ୍ଠ କରିଛନ୍ତି ଓଡ଼ିଶାର ଦକ୍ଷ ଓ ବୈଷୟିକ ଟିମ୍ । ଯେଉଁମାନଙ୍କ ମଧ୍ୟରେ ପ୍ରଯୋଜନା ଓ କାହାଣୀରେ ଜେଆର୍‌ଏମ୍, ନିର୍ଦ୍ଦେଶନାରେ ରାଜେନ୍ଦ୍ର ମହାନ୍ତ, ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଷୋୟୀ ଏବଂ ଉତ୍ତମ କୁମାର, ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍ ଆନନ୍ଦ, ସିନେମାଟୋଗ୍ରାଫି ବିଶ୍ୱଜିତ୍ କୁଲ୍ଡି ଏବଂ ଈଶ୍ୱର ବାରିକ, ସମ୍ପାଦନା ରାଜେଶ ଦାଶ ଓ ପୋଷ୍ଟ ପ୍ରଡକ୍ସନ୍ ବିଶ୍ୱଜିତ୍ ପାଇଟଲ୍ କରିଛନ୍ତି । କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ବିଶ୍ୱଜିତ, ଦିପ୍ତୀରେଖା ପାଢ଼ୀ, ଶଶାଙ୍କ ଶେଖର, ଆଶୁତୋଷ ଏବଂ ଦେବଜେ । ସିନେମା ପ୍ରେମୀଙ୍କ ପାଇଁ ନିଶ୍ଚିତ ଖୁସି ଖବର, ଚଳିତ ରଜରେ ମାଟିର ଇତିହାସ ଏବଂ ହୃଦୟସ୍ପର୍ଶୀ କାହାଣୀ ସହ ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ଫିଲ୍ମର ଟିଜର୍ ରିଲିଜ୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।



## ‘ମର୍ଦ୍ଦାନୀ ୩’ରେ ଅମ୍ମା କିଏ ?



ବହୁ ପ୍ରତୀକ୍ଷିତ ଫିଲ୍ମ "ମର୍ଦାନୀ ୩"ର ଟ୍ରେଲର ରିଲିଜ ହୋଇଯାଇଛି । ଅଭିନେତ୍ରୀ ରାନୀ ମୁଖାର୍ଜୀ ଶିବାନୀ ଶିବାଜୀ ରୟ ଭାବେ ନଜର ଆସିଛନ୍ତି। ଫିଲ୍ମରେ ସେ ଯୁବତୀମାନଙ୍କୁ ଅପହରଣ କରୁଥିବା ଏକ ମାନବ ଚାଲାଣକାରୀ ଦଳକୁ ଧରିବାକୁ ପ୍ରସ୍ତୁତ । ତେବେ ଟ୍ରେଲରରେ ରାନୀଙ୍କ ସହିତ ଫିଲ୍ମର ଖଳନାୟକ ଅମ୍ମା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯାହାକୁ ଅଭିନୟ କରିଛନ୍ତି ଅଭିନେତ୍ରୀ ମଲ୍ଲିକା ପ୍ରସାଦ। ତେବେ ମଲ୍ଲିକା ପ୍ରସାଦ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ଜଣେ ପୂର୍ବତନ ଛାତ୍ର ଏବଂ ବହୁମୁଖୀ କାହାଣୀ କହିବାରେ ବିଶେଷଜ୍ଞ। ସେ ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିବା ବେଳେ ଚିନ୍ତାଶୀଳ ଭାବରେ ତାଙ୍କର କ୍ୟାରିଅର ଗଢ଼ିଛନ୍ତି । ସେ ଜଣେ ଅଭିନେତ୍ରୀ, ନିର୍ଦ୍ଦେଶକ, ଶିକ୍ଷୟିତ୍ରୀ ଏବଂ ମଞ୍ଚ ପ୍ରଦର୍ଶକ। ସିନେମାରେ ପରିଚିତି ପାଇବାର ବହୁ ପୂର୍ବରୁ, ସେ ଆଞ୍ଚଳିକ ସିନେମା ଏବଂ ରଙ୍ଗମଞ୍ଚରେ ନିଜର ଛାପ ଛାଡ଼ି ସାରିଥିଲେ । ୧୯୯୯ ମସିହାରେ "କାନୁରୁ ହେଗାଡିଥି" ଚଳଚ୍ଚିତ୍ର ମାଧ୍ୟମରେ ଡେବ୍ୟୁ କରିଥିଲେ ଏବଂ ୨୦୦୧ ମସିହାରେ "ଗୁପ୍ତଗାମିନି" ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ବିଭିନ୍ନ ଇଣ୍ଡଷ୍ଟ୍ରିରେ କାମ କରିବା ସହ ସେ କୋଙ୍କଣା ସେନ ଶର୍ମା ଏବଂ ମନୋଜ ବାଜପେୟୀ ଅଭିନୀତ ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ଧାରାବାହିକ "କିଲର୍ ସୁପ୍" ରେ ଅଭିନୟ କରିଥିଲେ । ସେ ଅନୁରାଗ କଶ୍ୟପଙ୍କ ଫିଲ୍ମ "ଅଲମୋଷ୍ଟ ପ୍ୟାର୍" ରେ ମଧ କାମ କରିଥିଲେ। ମଲ୍ଲିକା ଏହି ଭୂମିକାକୁ ତାଙ୍କ କ୍ୟାରିଅରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛନ୍ତି। ଆମ୍ମା ଚରିତ୍ର ନେଇ ସେ ଲେଖିଛନ୍ତି, ଏହି ଭୂମିକା ପାଇଁ ସଙ୍କୋଚତା ଏବଂ ଭାବପ୍ରବଣ ସାହସ ଆବଶ୍ୟକ ।

## ‘ଓ’ ରୋମିଓ’ର ଟିଜର୍‌କୁ ନେଇ ବିବାଦ

### ନିର୍ମାତାଙ୍କୁ ୨ କୋଟିର ନୋଟିସ୍

ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ, ସାଜିଦ ନାଦିଆଡୱାଲାଙ୍କ ପ୍ରଯୋଜିତ ‘ଓ’ ରୋମିଓ’ର ଟିଜର୍‌କୁ ନେଇ ବିବାଦ ଉପୁଜିଛି। ମୁମ୍ବାଇର କୁଖ୍ୟାତ ଗ୍ୟାଙ୍ଗ୍‌ଷ୍ଟାର ହୁସେନ ଶେଖ୍ ଓରଫ ଉସ୍ତରାଙ୍କ ଝିଅ ସନୋବର ଶେଖ୍ ଫିଲ୍ମର ନିର୍ମାତାଙ୍କୁ ନୋଟିସ୍ ପଠାଇଛନ୍ତି । ତାଙ୍କର ଅଭିଯୋଗ, ତାଙ୍କ ପରିବାର ଅନୁମତି ବିନା ଫିଲ୍ମରେ ଶାହିଦ କପୁରଙ୍କ ଚରିତ୍ର ଜରିଆରେ ତାଙ୍କ ବାପାଙ୍କ ଛବିକୁ ଭୁଲ ଢଙ୍ଗରେ ପ୍ରଦର୍ଶନ କରାଯାଇଛି । ଏହା ଦ୍ୱାରା ତାଙ୍କ ପରିବାରର ସମ୍ମାନ ଉପରେ ଆଞ୍ଚ୍ ଆସିଛି । ଏଥିପାଇଁ ସେ ନିର୍ମାତାଙ୍କଠୁ ୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି । ନିର୍ମାତାଙ୍କୁ ୭ ଦିନ ସମୟ ଦେଇଛନ୍ତି । ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଫିଲ୍ମ ରିଲିଜ୍ ନ କରିବାକୁ ସେ ନୋଟିସ୍‌ରେ ସ୍ପଷ୍ଟ କରିଛନ୍ତି ।
ଫିଲ୍ମର ଟିଜର୍ ରିଲିଜ୍ ପରଠୁ ଅନେକ ରିପୋର୍ଟରେ ଦାବି ହେଉଛି, ଶାହିଦଙ୍କ ଚରିତ୍ର ଗ୍ୟାଙ୍ଗଷ୍ଟର୍ ଉସ୍ତରା ଦ୍ୱାରା ପ୍ରେରିତ। କିନ୍ତୁ ନିର୍ମାତାଙ୍କ ତରଫରୁ ଏ ନେଇ କୌଣସି ସୂଚନା ମିଳିନାହିଁ । ‘ଓ ରୋମିଓ’ ଆସନ୍ତା ଫେବ୍ରୁଆରୀ ୧୩ରେ ମୁକ୍ତିଲାଭ କରିବ । ଫିଲ୍ମରେ ଶାହିଦଙ୍କ ସହ ତୃପ୍ତି ଡିମ୍ରୀ ପ୍ରଥମ ଥର ସ୍କ୍ରିନ୍ ଶେୟାର କରିବେ । ନାନା ପାଟେକର, ଅବିନାଶ ତିୱାରୀ, ବିକ୍ରାନ୍ତ ମେସୀ, ଦିଶା ପଟାନି ଓ ତମନ୍ନା ଭାଟିଆ ଏଥିରେ ଅଭିନୟ କରିଛନ୍ତି ।

## ଜିନ୍ଦା ହୈ ରେହମାନ !

ବକ୍ସ ଅଫିସରେ ଐତିହାସିକ ସଫଳତା ପାଇଥିବା ଚଳଚ୍ଚିତ୍ର ‘ଧୁରନ୍ଧର’ର ସିକ୍ୱେଲକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦର୍ଶକଙ୍କ ପ୍ରବଳ ଦାବି ଏବଂ ‘ରେହମାନ ଡେକୋଏତ୍’ ଚରିତ୍ରର ଲୋକପ୍ରିୟତାକୁ ଦେଖି ନିର୍ଦ୍ଦେଶକ ଆଦିତ୍ୟ ଧର ‘ଧୁରନ୍ଧର-୨’ର କାହାଣୀରେ ପରିବର୍ତ୍ତନ କରିବା ସହ ଅକ୍ଷୟ ଖାନ୍ନାଙ୍କୁ ପୁଣି ଥରେ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଭାଗରେ ଅକ୍ଷୟ ଖାନ୍ନାଙ୍କ ଖଳନାୟକ ଚରିତ୍ରକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ବିଶେଷ କରି ଫ୍ଲିପରରାଚିଙ୍କ ‘ଫାସଲା’ ଗୀତରେ ତାଙ୍କର ସ୍ୱତନ୍ତ୍ର ଡ୍ୟାନ୍ସ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ତାଙ୍କୁ ସିକ୍ୱେଲରେ ଦେଖିବା ପାଇଁ ଫ୍ୟାନ୍ସମାନେ ସୋସିଆଲ ମିଡିଆ ଦାବି କରିଥିଲେ। ହେଲେ ଏବେ ‘ଧୁରନ୍ଧର-୨’ର ସୁଟିଂ ଶେଷ ହୋଇସାରିଛି, କିନ୍ତୁ ଅକ୍ଷୟଙ୍କ ଚରିତ୍ରକୁ ସ୍ଥାନ ଦେବା ପାଇଁ ଚଳିତ ମାସ ଶେଷ ଆଡ଼କୁ କିଛି ଦୃଶ୍ୟର ପୁନଃ ସୁଟିଂ କରାଯିବ। ତେବେ ପ୍ରଥମ ଭାଗରେ ‘ରେହମାନ ଡାକାଇତ୍’ର ମୃତ୍ୟୁ ଘଟିସାରିଛି।
ତେଣୁ ସିକ୍ୱେଲରେ ତାଙ୍କୁ ଜୀବିତ ଦେଖାଇବା ପରିବର୍ତ୍ତେ ‘ଫ୍ଲାସବ୍ୟାକ୍’ ଜରିଆରେ ତାଙ୍କର ପୁରୁଣା କାହାଣୀ, ତାଙ୍କର ଉତ୍ଥାନ ଏବଂ ସେ ସମ୍ପର୍କିତ ଅଜଣା ତଥ୍ୟକୁ ପରଦାକୁ ଅଣାଯିବ। ଏହା ଦ୍ୱାରା ଚଳଚ୍ଚିତ୍ରର ମୂଳ କାହାଣୀ ପ୍ରଭାବିତ ନହୋଇ ମଧ ଅକ୍ଷୟଙ୍କୁ ଅଧିକ ସ୍କ୍ରିନ୍ ଟାଇମ୍ ମିଳିପାରିବ। ରଣବୀର ସିଂ ଏବଂ ଅକ୍ଷୟ ଖାନ୍ନାଙ୍କ ଅଭିନୀତ ଏହି ବହୁ ପ୍ରତୀକ୍ଷିତ ସ୍ପାଏ-ଥ୍ରୀଲର ୧୯ ମାର୍ଚ୍ଚ ୨୦୨୬ ରେ ପ୍ରେକ୍ଷାଳୟକୁ ଆସିବ। ‘ଧୁରନ୍ଧର’ ବିଶ୍ୱସ୍ତରରେ ୧୨୦୦ କୋଟିରୁ ଅଧିକ ବ୍ୟବସାୟ କରିସାରିଛି ଏବଂ ଏହାର ସିକ୍ୱେଲ ପାଇଁ ଦର୍ଶକଙ୍କ ମଧ୍ୟରେ ଏବେଠାରୁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।



## ଖୁବ୍ ଶୀଘ୍ର ସିନେମା ଘରକୁ ଆସିବ ଓଡ଼ିଆ ଫିଲ୍ମ ‘ଚକ୍ରାନ୍ତ’

୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଚକ୍ରାନ୍ତ’ । ଏ ଫିଲ୍ମରେ ପ୍ରଥମ ଥର ପାଇଁ ମୁଖ୍ୟ ନାୟକ-ନାୟିକା ଭାବେ ନଜର ଆସିବେ ଶୁଭାଶିଷ ଓ ଭୂମିକା । ଫିଲ୍ମର କାହାଣୀ ଆଜିକାଲି ସମାଜର ଘଟଣାବଳୀ ଉପରେ ଆଧାରିତ । ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି, କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ ଆଉ କିଏ ଚାକିରି କରିବା ଉଦ୍ଦେଶ୍ୟରେ। ମାତ୍ର ଅନେକ ସମୟରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଯୁବତୀ ଜୀବନର ପ୍ରକୃତ ଲକ୍ଷ୍ୟକୁ ଭୁଲି ସମୟ, ପରିସ୍ଥିତିର ଦାସ ପାଲଟିଯାଆନ୍ତି । ଚକ୍ରାନ୍ତର ଜାଲରେ ଫସି ଯାଆନ୍ତି। ହେଲେ ବୁଝିବା ବେଳକୁ ସେମାନେ ସମାଜ ଆଗରେ ଦୋଷୀ ପାଲଟି ଯାଇଥାନ୍ତି । ତା’ପରେ କ’ଣ ହୁଏ? କେମିତି ମୁକୁଳନ୍ତି ଏ ଚକ୍ରାନ୍ତରୁ? ଏ ପ୍ରଶ୍ନର ଉତ୍ତର ମିଳିବ ‘ଚକ୍ରାନ୍ତ’ ରିଲିଜ ପରେ । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। କାହାଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛନ୍ତି। ଲକ୍ଷେଶ୍ୱର ପ୍ରଡ଼କସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ‘ଚକ୍ରାନ୍ତ’ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ପିନୁ ନାୟକ । କାହାଣୀ ଦିଶା ପାଢ଼ୀ ଓ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୋମ୍ୟା ସୁମନ ମହାନ୍ତି, ନିରୁଆ, ଈଶ୍ୱର ପ୍ରସାଦ ପାଢ଼ୀ ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି ।



# କୋମାରେ ଓଜନ ମାପ ବିଭାଗ, ଅସହାୟ ଗ୍ରାହକ

**ସୁବର୍ଣ୍ଣପୁର, ୧୫।୧ (ସଂଚାର ବ୍ୟୁରୋ):** ସୋନପୁରରେ ଏମିତି କିଛି ସମସ୍ୟା ଅଛି ଯାହାର କୌଣସି ସମାଧାନ ନାହିଁ। ଏଠି ଓଜନ ମାପ ର ହିସାବ ଯାଞ୍ଚ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ସମ୍ପର୍କିତ ବିଭାଗ କୋମା ପରିସ୍ଥିତିରେ ସୁବର୍ଣ୍ଣପୁରରେ ଦିନ ଦ୍ୱିପହରରେ ଓଜନ ମାପରେ ବ୍ୟାପକ ଠକେଇ ହେଉଥିବା ଦେଖାଯାଇଛି। ଏହାକୁ ନିୟନ୍ତ୍ରଣ ପାଇଁ ଏଠାରେ ସରକାରଙ୍କ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ସମ୍ପର୍କିତ ବିଭାଗ କୋମା ପରିସ୍ଥିତିରେ ଥିବାରୁ ସ୍ଥାନୀୟ ଜନସାଧାରଣ ଅସହାୟ ହୋଇ ପଡ଼ିଛନ୍ତି। ଏପରିକି ଏନେଇ କାହାକୁ ଅଭିଯୋଗ କରିବେ ଜାଣି ପାରୁନଥିବାରୁ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାରୁ ପ୍ରକାଶ ଯେ, ବିଭିନ୍ନ ଦୋକାନରେ ବ୍ୟବହୃତ ହେଉଥିବା ଓଜନ ମାପ ଯନ୍ତ୍ର ଗୁଡିକର ନବୀକରଣ ସହ ନିୟମିତ ବ୍ୟବଧାନରେ ତନଖି କରିବା ପାଇଁ ଜିଲ୍ଲା ସଦର ମହକୁମାରେ ଏକ ଓଜନ ମାପ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଦୋକାନୀ ବ୍ୟବହାର କରୁଥିବା ତରାଜୁ ଓ ବଟକରା ଗୁଡିକ ସଠିକ ଓଜନ ମାପ କରି ସେମାନଙ୍କୁ ଏହି ବିଭାଗ ପ୍ରମାଣପତ୍ର ଦେବାର କ୍ଷମତା ପ୍ରଦାନ କରାଯାଇଛି। ଏହାର ଖିଲାପ କରୁଥିବା ଦୋକାନୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ମଧ୍ୟ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଥିବା ଏହି କାର୍ଯ୍ୟାଳୟ କୋମା ଅବସ୍ଥାରେ ରହିଥିବାରୁ ଦୋକାନୀ ଗ୍ରାହକ ମାନଙ୍କୁ ଦିନ ଦ୍ୱିପହରରେ ଠକୁଛନ୍ତି। ବିଶେଷ କରି ଦୈନିକ ବଜାର ବସୁଥିବା ମଙ୍ଗଳବାର ବଜାର ଖମ୍ବେଶ୍ୱରୀ ମନ୍ଦିର ଆଦି ବଜାରରେ ଅନେକ ଦୋକାନୀ ୫୦/ ୧ ୦ ୦ଗ୍ରାମ ବଦଳରେ କିଛି ସାଇକେଲ ଯନ୍ତ୍ରାଂଶକୁ ବଟକରା ଭାବେରେ ବ୍ୟବହାର କରୁଛନ୍ତି। ସାପ୍ତାହିକ ମଙ୍ଗଳବାର ବଜାରରେ କିଛି ଦୋକାନୀ ପଥର ଖଣ୍ଡକୁ ମଧ ବଟକରା ଭାବରେ ବ୍ୟବହାର କରୁଥିବା ଦେଖାଯାଇଛି ଅନେକ ଦୋକାନୀ ତରାଜୁରେ ରଶି ଲଗାଇ ଓଜନ ମାପରେ ବ୍ୟବହାର କରୁଥିବା ଦେଖାଯାଇଛି। ଦୋକାନୀ ତରାଜୁ ଓ ବଟକରାକୁ ବର୍ଷ ବର୍ଷ ଧରି ନବୀକରଣ ନକରି ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ କମ୍ପ୍ୟୁଟରାଇଜ ଓଜନ ମାପ ଯନ୍ତ୍ରରେ ମଧ ଦୋକାନୀ ଠକେଇ କରୁଥିବା ଅଭିଯୋଗ ହେଉଛି। ସହରର ଜନସଂଖ୍ୟା ଅନୁପାତରେ ଏଠାକୁ ଆସୁଥିବା ସତେଜ ପନିପରିବା ନିଅଣ୍ଟ ହେଉଥିବାରୁ ଗ୍ରାହକ ପ୍ରତିବାଦ ନକରି ମୁଣ୍ଡ ଟୁଙ୍ଗାରି ହଁ ମାରି କିଣୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ସରକାରୀ କର୍ମଚାରୀ ମଧ ଏହାର ପ୍ରତିବାଦ ବଦଳରେ ଖୁସିରେ ଜିନିଷ କ୍ରୟ କରୁଥିବା ଦେଖାଯାଇଛି। ଯଦିବି ଏହାର କିଏ ପ୍ରତିବାଦ କରେ ତେବେ ତାଙ୍କ ଠାରେ ଜିନିଷ ବିକ୍ରି ନକରିବାକୁ ଦୋକାନୀ ଧମକ ଦେଉଛନ୍ତି। ଗୋଟିଏ ପଟେ ଲଗାମଛଡା ଦରବୃଦ୍ଧି ସାଙ୍ଗକୁ ଓଜନ ମାପରେ ଠକେଇ ଗ୍ରାହକ ମାନଙ୍କୁ ଅସହାୟ କରିଦେଇଛି। ସୁବର୍ଣ୍ଣପୁର ସମେତ ଜିଲ୍ଲାର ବହୁ ଅଞ୍ଚଳରେ ବସୁଥିବା ଦୈନିକ ବଜାର ସାଙ୍ଗକୁ ସାପ୍ତାହିକ ବଜାରରେ ଏଭଳି ପରିସ୍ଥିତି ଦୀର୍ଘ ବର୍ଷ ହେଲା ଲାଗି ରହିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଅବ୍ୟବସ୍ଥା ଘେରରେ ପ୍ରାଥମିକ ବିଦ୍ୟାଳୟ

# ଅସ୍ଥାୟୀ ଘରେ ଅସୁରକ୍ଷିତ ଭବିଷ୍ୟତ



**ଗଜପତି, ୧୫।୧ (ସଂଚାର ବ୍ୟୁରୋ):** ନାହିଁ ନାହିଁରେ ଚାଲିଛି ବିଦ୍ୟାଳୟ। ଗୋଟିଏ କୋଠରିରେ ବସୁଛନ୍ତି ୫ଟି ଶ୍ରେଣୀର ପାଠପଢ଼ା। କାରଣ ଶ୍ରେଣୀଗୃହ ପୁନଃ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇପଡ଼ିରହିଛି। ଠିକାଦାରଙ୍କ ମନମାନି ପାଇଁ ସମସ୍ୟା ଭୋଗୁଛନ୍ତି ଛାତ୍ର ଛାତ୍ରୀ। ଛାତରୁ ପ୍ଲାଷ୍ଟର ଛାଡ଼ିଗଲାଣି। ରଡ୍ ଦେଖାଯାଉଛି । ଏମିତି ଭଙ୍ଗା ଦଦରା କୋଠରୀରେ ଗୋଟିଏ ନୁହେଁ, ୫ଟି ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଖାଲି ପାଠ କାହିଁକି, ଗୋଦାମ ଘର, ରୋଷେଇ ସାମଗ୍ରୀ, ଆସବାପତ୍ର ସବୁ କିଛି ଏଇଠି। ଏହା ବି ନିଜସ୍ୱ ଗୃହ ନୁହେଁ, ଅସ୍ଥାୟୀ ଭାବେ ଏଠାରେ ବିଦ୍ୟାଳୟ ଚାଲିଛି। ବିଦ୍ୟାଳୟର ପୁନଃନିର୍ମାଣ ପାଇଁ କୋଠାକୁ ଭାଙ୍ଗି ଦିଆଯାଇଥିଲା। ୨ ବର୍ଷ ପରେ ବି ଖାଲି ପିଲର୍ ଉଠାଇ ଛାଡ଼ିଦେଇଛି ଠିକାଦାର! ଫଳରେ କୌଣସି ବ୍ୟବସ୍ଥା ନଥାଇ ଅନ୍ୟ ଗାଁର ଏକ କୋଠ ଘରେ ଚାଲିଛି ପାଠପଢ଼ା। ଏଠି ନା ପାନୀୟଜଳ ବ୍ୟବସ୍ଥା ଅଛି, ନା ଶୌଚାଳୟ। ରୋଷେଇ ଘର, ଖେଳପଡ଼ିଆ ନାହିଁ। ଆଲୋକୀକରଣ ବ୍ୟବସ୍ଥା ବି ନାହିଁ। ୩ଟି ବିଦ୍ୟାଳୟକୁ ମିଶାଇ ଗଠନ ହୋଇଥିଲା ଗଜପତି ଜିଲ୍ଲା ଗୋସାଣି ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ପିଲାଙ୍କ ଭବିଷ୍ୟତ ଏଠାରେ ଉପହାସ ପାଲଟିଯାଇଛି। ବାରମ୍ବାର ଏନେଇ ବ୍ଲକ ଉନ୍ନୟନ ଅଧିକାରୀ ଓ ଶିକ୍ଷା ବିଭାଗକୁ ଅବଗତ ପରେ ବି କୌଣସି ସୁଫଳ ମିଳୁନଥିବା ଅଭିଯୋଗ ଆସିଛି। ଅନ୍ୟପଟେ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟ ଗସ୍ତ କରି ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବାରେ ବିଫଳ ଶିକ୍ଷା ବିଭାଗ! ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ସପ୍ନ ଦେଖୁଛି। ଏବେ ବିଇଓଙ୍କ ପ୍ରତିଶ୍ରୁତି ସତରେ ପୂରଣ ହେବ ନା ସିଏ ବି ପାଣିର ଗାର ଭଳି ମିଳେଇଯିବ ତାକୁ ଅପେକ୍ଷା।

## ପୂର୍ବତନ ସୈନିକ ସଂଘ ପକ୍ଷରୁ ସ୍ଥଳସେନା ଦିବସ ପାଳିତ



**ବୈଶିଙ୍ଗା, ୧୫।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ର ପୂର୍ବତନ ସୈନିକ ନରହରି ବିଶ୍ୱାଳ ଙ୍କ ଆହ୍ୱାନ କ୍ରମେ ପୂର୍ବତନ ସୈନିକ ସଂଘ ପକ୍ଷରୁ ୭୮ ତମ ସ୍ଥଳସେନା ଦିବସ ଆଜି ଏମ ପି ସି ହାଇସ୍କୁଲ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ସଂଘର ସଭାପତି ଦୈତାରୀ ଚରଣ ପରିଡା ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଂଯୋଜକ ରାଜା ରାମ ସିଂ ଯୋଗଦେଇ ସ୍ଥଳ ସେନା ର ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନରହରି ବିଶ୍ୱାଳ ସଂଘର ଭବିଷ୍ୟତ ପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପସ୍ଥିତ ସଦସ୍ୟ / ସଦସ୍ୟା ମାନେ ସ୍ଥଳ ସେନା ସମ୍ବନ୍ଧରେ ସମ୍ୟକ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଶେଷରେ ନରହରି ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇକିଆ ଉପର ସୁନ୍ଦର ଭିତର ଫମ୍ପା | ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ତେଜୁଛି ବିବାଦ




**କନ୍ଧମାଳ, ୧୫।୧ (ସଂଚାର ବ୍ୟୁରୋ):** ଜିଲ୍ଲା ରାଇକିଆ ବ୍ଲକ୍ ସ୍ଥିତ ସୁଗଡ଼ବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷୟିତ୍ରୀ ଓ ମେଟ୍ରୋନ ହରଡ଼ ଘଣାରେ। ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ବିରୋଧରେ ଅଭିଯୋଗ ହେବା ପରେ ବାଲିଗୁଡ଼ା ଉପ ଜିଲ୍ଲାପାଳ ମହୋଦୟା ଏହାର ତଦନ୍ତ କରି ରିପୋର୍ଟ ଦେବାପାଇଁ ରାଇକିଆ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀଙ୍କୁ ମାଗିଥିଲେ। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ରାଇକିଆ ବିଇଓ, ଏବିଇଓ, ସିଆରସିସି ଏବଂ ଡବ୍ଲ୍ୟୁଓ ଙ୍କ ସହିତ ମିଶି ନିଜ ଦୋଷକୁ ଲୁଚେଇବା ପ୍ରୟାସ କରିଥିବା ସାମ୍ନାକୁ ଆସିଛି। ବିନା କୌଣସି ମିଟିଂରେ ଏସ୍ ଏମ୍ ସି କମିଟି ସଦସ୍ୟ ଏବଂ ସଭାପତି ଙ୍କୁ ମୋହରା ବନାଇ ସେମାନ ଙ୍କ ଘରକୁ ଯାଇ ବିଭିନ୍ନ ଆଳରେ ସେମାନଙ୍କଠାରୁ ନିଜର ବ୍ୟକ୍ତିଗତ ସାର୍ଟିଫିକେଟ୍ ହାସଲ କରି ରିପୋର୍ଟ ଦେଇଛନ୍ତି। ଯାହାକୁ ନେଇ ଏବେ ଉକ୍ତ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଦୁଇ ଶିକ୍ଷୟିତ୍ରୀ ପ୍ରାୟ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସୁଗଡ଼ବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରହିଛନ୍ତି। ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହି ବିଭିନ୍ନ କେଳେଙ୍କାରୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି ଶିକ୍ଷୟିତ୍ରୀ ଯାହାକି ତାଙ୍କ ନାମରେ ଅନେକ ଥର ଅଭିଯୋଗ ମଧ ହେଇଥିବା ସୂଚନା ମିଳିଛି। ଆଦିବାସୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆସୁଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହେଇଥିଲେ। ଏପରିକି ଚାଉଳ ବିକ୍ରି ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ବହୁ ପାଟି ତୁଣ୍ଡ ହୋଇଥିବା ମଧ ଜଣାପଡ଼ିଛି। ଖାଲି ସେତିକି ନୁହେଁ ବିଦ୍ୟାଳୟ ଚାଲିଥିବା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଶିକ୍ଷୟିତ୍ରୀମାନେ ପିଲାଙ୍କୁ ପାଠ ପଢାଇବା ଛାଡ଼ି ସ୍କୁଲ ଭିତରେ କେକ୍ କାଟି ନିଜର ଜନ୍ମଦିନ ପାଳନ କରୁଥିବା ନେଇ ମଧ ଖବର ପ୍ରସାରଣ ହେଇଥିଲା।

## ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ ଉଦ୍‌ଘାଟିତ



**ବାରିପଦା, ୧୫।୧ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ଯ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ୬ ଦିନିଆ ମକର ମହୋତ୍ସବ - ୨୦୨୬ ଉଦଘାଟିତ ହୋଇଯାଇଛି । ଅନୁଷ୍ଠିତ ଉଦଘାଟନୀ ଦିବସରେ ଅତିଥି ଭାବେ କ୍ରୀଡା ସଂଗଠକ ତଥା ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ସମାଜସେବୀ କାଶୀନାଥ ରଣା, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ପ୍ରଣବ ମହାନ୍ତ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ, ବରିଷ୍ଠ ସଦସ୍ୟ ସରୋଜ କୁମାର ମହାପାତ୍ର (ଲିଟନ), ନବ କିଶୋର ଗିରି, ମଳୟ ଦତ୍ତ, ଶିବଶଙ୍କର ବାଗ, ଶଶାଙ୍କ ତେଲେଙ୍ଗା, କାହ୍ନୁ ବାଗ, ଉମେଶ ମହାରଣା, ଶେକ ଅଜିଜ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ଗ୍ରାମଦେବୀ ଲାଲପାଟ ସାଲପାଟ ମନ୍ଦିର ନିକଟରୁ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହି ମହୋତ୍ସବରେ ୧୫ ରୁ ୧୭ ତାରିଖ ମଧ୍ୟରେ ଖେଳାକୁଦ, ବ୍ୟାଡ଼ମିଣ୍ଟନ, କ୍ୟାରମ, ଭଲିବଲ ଓ କବାଡି ପ୍ରତିଯୋଗିତା ଏବଂ ୧୮ ରୁ ୨୦ ତାରିଖ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପୁରସ୍କାର ବିତରଣ କରାଯାଇଥାଏ ବୋଲି ସଭାପତି ଆଲୋକ କୁମାର ମହାନ୍ତି ଜଣାଇଛନ୍ତି । ଦୀର୍ଘ ବର୍ଷଧରି ନିଆରା ଢଙ୍ଗରେ ଏହି ମହୋତ୍ସବ ବାରିପଦା ସହରରେ ଅନୁଷ୍ଠିତ ହୋଇଆସୁଅଛି ।

# ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



**ସୁନ୍ଦରଗଡ଼, ୧୫।୧ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗୁରୁବାର ସ୍ଥାନୀୟ ସଦଭାବନା ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୧, ୨୨ ଏବଂ ୨୪ ତାରିଖ ଦିନ ସକାଳ ୭:୩୦ ଟା ସମୟରେ ପ୍ୟାରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚମାଧମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଗୁଡ଼ିକ ଆୟୋଜିତ ହେବ। ଏହି ପବିତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିଭଳି ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସଂପୃକ୍ତ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ସେହିଭଳି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ୮:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମ୍ମିଳିତ ପ୍ୟାରେଡ ଅନୁଷ୍ଠିତ ହେବ।

## ପାଣି ପାଇଁ ଘଷିପୁରା ବିଡିଓଙ୍କୁ ଘେରିଲେ ମହିଳା



**ଆନନ୍ଦପୁର, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଗୋହିରା ପଞ୍ଚାୟତ ଭୋଳନୁଆଗାଁ ହରିଜନ ସାହିରେ ମାଘ ମାସରେ ଜଳ ସଙ୍କଟ ଦେଖାଦେଇଛି। ପାଣି ମୁନ୍ଦେ ପାଇଁ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ୍ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଗୁହାରୀ କରି ନିରାଶ ହୋଇଥିଲେ। ଏ ନେଇ ଗୁରୁବାର ବହୁ ସଂଖ୍ୟାରେ ମହିଳା ଘଷିପୁରା ବିଡିଓଙ୍କୁ ଘେରି ପିଇବା ପାଣି ପାଇଁ ଦାବି କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଥିବା ନଳକୂପ ଖରାପ ହୋଇଛି। ଗ୍ରାମକୁ ସରକାରୀ ଯୋଜନାରେ ଜଳ ଯୋଗାଣ ହେଉନି। ଅନ୍ୟ କୌଣସି ଜଳ ଉତ୍ସ ନ ଥିବାରୁ ଲୋକେ ଚୁଆ ପାଣି ବ୍ୟବହାର କରୁଛନ୍ତି। ଫଳରେ ସାହିର ଲୋକେ ବହୁ ସମୟରେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ସାହିବାସିନ୍ଦା ବାରମ୍ବାର ପାଣି ପାଇଁ ଦାବି, ଧାରଣା କରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ମହିଳା ବିଡିଓଙ୍କୁ ଭେଟି ଜଳ ଯୋଗାଣ ନିମନ୍ତେ ଦାବି କରିଥିଲେ। ଘଷିପୁରା ବିଡିଓ ବିନିତା ବିଜୟିନୀ କହିଛନ୍ତି, ଜଳ ଯୋଗଣା ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ।

## ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ ହେବ



**ଲାଞ୍ଜିଗଡ଼, ୧୫।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତଠାରେ ଅନୁଷ୍ଠିତ ବୈଠକରେ ମା' ହୀରାନୀଳା ନାମରେ ପଞ୍ଚାୟତସ୍ତରୀୟ କୃଷକ ବନ୍ଧୁ ସଙ୍ଗଠନ ଗଠନ କରାଯାଇଛି। ଚାଷୀଙ୍କ ଅଧିକାର ପାଇଁ ଏହି ସଙ୍ଗଠନ ଲଢେଇ କରିବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଚନ୍ଦ୍ରମଣି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋପୀନାଥପୁର ଗାଁ ଗୌନ୍ତିଆ କନ୍ଦର୍ପ ନାଗ, ବରିଷ୍ଠ ଚାଷୀ ନିଳାଞ୍ଚଳ ପ୍ରଧାନ, ପୋଖରୀବନ୍ଧ ଗୌନ୍ତିଆ କୁଳମଣି ବାଣୁଆ, କର୍ଲାକୁପା ଗୌନ୍ତିଆ ତୀର୍ଥ ବେହେରା, ଚାଷୀ ସଂକୀର୍ତ୍ତନ ବେହେରା, ମଧୁସୂଦନ ଗୌଡ, ଭୀମ ଶବର ପ୍ରମୁଖ ଯୋଗଦେଇଥିଲେ। ଚାଷୀ ସମସ୍ୟା ଉପରେ ଆଲୋଚନା କରାଯାଇ ବ୍ଲକସ୍ତରୀୟ ପ୍ରତନିଧି ଦଳ ଚୟନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ୨୬ଗୋଟି ପଞ୍ଚାୟତରେ ଏହି ସଙ୍ଗଠନ ଗଠନ କରାଯିବା ନେଇ ଆଲୋଚନା ହୋଇଥିଲା।

# ମୁକୁଳା ପଡ଼ିଛି ବିଦ୍ୟୁତ ତାର

## ଜୀବନପ୍ରତି ବିପଦ ଅଭିଯୋଗ



**ପିପିଲି, ୧୫।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ପୁରୀ ଜାତୀୟରାଜପଥ ର ପୋଟଳ ଛକ ସହିତ ବିଭିନ୍ନ ସ୍ଥାନରେ ଖୋଲା ମୁକୁଳା ପଡ଼ିଛି ଷ୍ଟିଟ ଲାଇଟ ବିଦ୍ୟୁତ ତାର ଜୋଡେଇ ସ୍ଥାନ। ଏନେଇ ଜାତୀୟରାଜପଥ ଅଧିକାରୀ ହେଉକି ବିଦ୍ୟୁତ ବିଭାଗ କୁ ବାରମ୍ବାର ଅଭିଯୋଗ କଲେ ବି ସୁଧା ସେଥିପ୍ରତି ସେମାନେ କୌଣସି ପ୍ରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ସୁଚନା ଥାଉକି ପ୍ରଭୁ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ପୁରୀ କୁ ପ୍ରତ୍ୟକ ଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଛି। ଜାତୀୟରାଜପଥ ର ଉଭୟ ପାର୍ଶ୍ୱରେ ଆଲୋକୀକରଣ ପାଇଁ ସରକାରଙ୍କ ପକ୍ଷରୁ ଷ୍ଟିଟ ଲାଇଟ ର ବ୍ୟବସ୍ଥା କରାଯାଇଛି। କିନ୍ତୁ ସେହି ଷ୍ଟିଟ ଲାଇଟ ଜଳିବା ପାଇଁ ବ୍ୟବହୃତ ବିଦ୍ୟୁତ ତାର ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ପଡ଼ିଥିବାରୁ ଏବେ ଜନସାଧାରଣଙ୍କ ସହିତ ଗାଇଗୋରୁଙ୍କ ପାଇଁ ବିପଦ ସାଜିଛି। ଏହି ଚଳା ରାସ୍ତା ଦେଇ ସ୍କୁଲ ପିଲା ଯାଉଥିବା ବେଳେ କେତେବେଳେ ଯେ ବିଦ୍ୟୁତ ସଂସ୍ପର୍ଶ ରେ ନଆସିବେ କହିବା ମୁସ୍କିଲ ହୋଇପଡ଼ିଛି। ଏହି ବିପଦପୂର୍ଣ୍ଣ ତାରକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ବାରମ୍ବାର ଅଭିଯୋଗ କଲେ ସୁଧା ବିଭାଗିୟ ଅଧିକାରୀ କର୍ଣ୍ଣପାତ ନକରି ଚୁପ ବସି ରହିଛନ୍ତି। ଏହି ଭଳି ଘଟଣା ପାଇଁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ କଳାପକୁ ଚାରିଆଡୁ ଦୃଢ ନିନ୍ଦା କରିଛନ୍ତି।ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହି ଘଟଣା ପ୍ରତି ଯତ୍ନବାନ ହେବା ସହ ବିଦ୍ୟୁତ ତାର କୁ ସୁରକ୍ଷିତ ସ୍ଥାନକୁ ନେବାକୁ ବ୍ୟବସ୍ଥା କରିବା ସହ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ନିୟମ ମାନ, ନହେଲେ ଫେବୃୟାରୀରୁ କଡ଼ା କାର୍ଯ୍ୟାନୁଷ୍ଠାନ

**ଭଞ୍ଜନଗର, ୧୫।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଓ ୨ ସମେତ ବିପଦର ବନ୍ଧୁ, ଅଟୋ ସଂଘର କର୍ମକର୍ତ୍ତା ମାନେ ମିଳିତ ଭାବେ ଗୁରୁବାର ସନ୍ଧ୍ୟାରେ କଲେଜ ରୋଡ଼ରେ ସଡକ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ରାସ୍ତାରେ ଯେଉଁ ବାଇକ୍ ଚାଳକ ହେଲମେଟ୍ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଯେଉଁ ମାନେ ହେଲମେଟ୍ ପିନ୍ଧି ନ ଥିଲେ ସେମାନଙ୍କୁ ଥାନା ପକ୍ଷରୁ ନୂଆ ହେଲମେଟ୍ ପ୍ରଦାନ କରାଯାଇଥିଲା। ବଡ ଗାଡ଼ି ଚାଳକଙ୍କୁ ସିଟ୍ ବେଲ୍ଟ ପିନ୍ଧିବା, ନିଶାଦ୍ରବ୍ୟ ସେବନ ନ କରିବା ପ୍ରମୁଖ ବିଷୟରେ ସଚେତନ କରାଯାଇଥିଲା । ପ୍ରଶାସନର ଏହିଭଳି ଅଭିନବ ପ୍ରୟାସ ପାଇଁ ସାଧାରଣରେ ଲୋକେ ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟ ଆସନ୍ତା ଫେବୃୟାରୀ ପହିଲା ରୁ ସଡ଼କ ପରିବହନ ନିୟମ କଡାକଡି ଭାବେ ପାଳନ ହେବ। ତେଣୁ ଲୋକେ ନିୟମକୁ କଡାକଡି ଭାବେ ପାଳନ କରନ୍ତୁ।

## ସିଦ୍ଧି ବିନାୟକ ଯୁବକ ସଂଘର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ



**ବୈଶିଙ୍ଗା, ୧୫।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡ଼ଦେଉଳିଆ ପଞ୍ଚାୟତର ପଦ୍ମନାଭପୁର ଗ୍ରାମରେ ଥିବା ସିଦ୍ଧିବିନାୟକ ଯୁବକ ସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ କ୍ରୀଡା ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ମୂଖ୍ୟ ଅତିଥି ଭାବେ ଅଞ୍ଚଳର ବରିଷ୍ଠ ନାଗରିକ ତଥା ସମାଜସେବୀ ଶ୍ରୀଯୁକ୍ତ ଇନ୍ଦ୍ରମଣି ମହାପାତ୍ର ଓ ମୂଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀମଣି ସାହୁ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଏହି କ୍ରୀଡା ଉତ୍ସବ ଦୁଇଦିନ ହେବ। ମଙ୍ଗଳବାର ଅପରାହ୍ଣ ରେ ଲାୟନ୍ସ କ୍ଲବ, ବାଲେଶ୍ୱର ପକ୍ଷରୁ ପଦ୍ମନାଭପୁର ଗ୍ରାମରେ ବସବାସ କରୁଥିବା ଶତାଧିକ ଅସହାୟ ତଥା ନିତ୍ୟାନ୍ତ ଗରିବ ଶ୍ରେଣୀର ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ରାଜ୍ୟରେ ପ୍ରବଳ ଶୀତଲହରୀ ସାଙ୍ଗକୁ ପ୍ରବଳ ଜାଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସମାଜର ନିତ୍ୟାନ୍ତ ଅସହାୟ ଲୋକମାନେ ଶୀତବସ୍ତ୍ର ନପାଇ ଛଟପଟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଅସହାୟଙ୍କୁ ଚିହ୍ନଟ କରି ଶୀତବସ୍ତ୍ର ବଣ୍ଟନ କରାଯାଇଥିବାରୁ ସିଦ୍ଧିବିନାୟକ ଯୁବକ ସଂଘ, ପଦ୍ମନାଭପୁର ଓ ଲାୟନ୍ସ କ୍ଲବ, ବାଲେଶ୍ୱରର ସଦସ୍ୟ ସଦସ୍ୟା ମାନଙ୍କୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି। ଯୁବକ ସଂଘର ସଭାପତି ଶମ୍ଭୁନାଥ ସିଂ, ସେକ୍ରେଟାରୀ ସୁନ୍ଦାର ସିଂ, ସଂଘର ସଦସ୍ୟ-ଗୋପାଳଚନ୍ଦ୍ର ସିଂ, ସମରେନ୍ଦ୍ର ହେମ୍ବ୍ରମ, ଦେବରଞ୍ଜନ ସିଂ, ଫକୀରମୋହନ ସିଂ, ଶଂଙ୍କର ସିଂ, କାଳିଆ ମହାନ୍ତ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଭଣ୍ଡାରଘରଣୀଙ୍କ କଳସ ଯାତ୍ରା



**କଳାହାଣ୍ଡି, ୧୫।୧ (ସଂଚାର ବ୍ୟୁରୋ):** ଆଜି ୧୫ ତାରିଖ ଠାରୁ ୧୭ ତାରିଖ ଯାଏଁ ଧର୍ମଗଡ଼ ଠାରେ ଜିଲ୍ଲା ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ମହାଆଡମ୍ବରରେ ଆରମ୍ଭ ହୋଇଛି। ଏନେଇ ଆଜି ଧର୍ମଗଡ଼ ର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ଦେବୀଙ୍କ ବିଶାଳ କଳସ ଯାତ୍ରା ମା ଙ୍କ ମନ୍ଦିରରୁ ପ୍ରବଳ ଜନସମାଗମ ମଧ୍ୟରେ ଉତ୍ସବ ମଞ୍ଚ କୁ ଆସିଥିଲେ। ପୂଜାର୍ଚ୍ଚନା ପରେ ମା ଙ୍କ ସଦୃଶ କଳସ କୁ ମଞ୍ଚ ରେ ସ୍ଥାପନା କରାଯାଇଛି। ଉତ୍ସବ ତିନି ଦିନ ମା ମଞ୍ଚ ଉପରେ ପୂଜା ପାଇବେ। କଳସ ଯାତ୍ରା କମିଟି ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା' ଙ୍କ ଶୋଭାଯାତ୍ରା ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥଲା। ଆଜି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆସାମ ର ବିହୁ, କଟକର ସିଂହମ୍ ନୃତ୍ୟ, ଗଞ୍ଜାମ ର ବିଚିତ୍ର ବର୍ଣ୍ଣାଳୀ, କଳାହାଣ୍ଡି ଜିଲ୍ଲାର ମୃଣ୍ମୟୀ ସାଂସ୍କୃତିକ ଅନୁଷ୍ଠାନ, ଲଗନ୍ ସାଂସ୍କୃତିକ ଅନୁଷ୍ଠାନ, ଆସାମ ର ବିହୁ, ସର୍ବେଶ୍ୱର ଭୋଇ ଏବଂ ସାଥୀଙ୍କ ଦ୍ୱାରା ଷ୍ଟାର ନାଇଟ ସଙ୍ଗୀତ କାର୍ଯ୍ୟକ୍ରମ ସହ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ସାଜସଜ୍ଜା କୁ ନେଇ ଧର୍ମଗଡ଼ ଉତ୍ସବ ସବୁବେଳେ ଚର୍ଚ୍ଚାରେ ରହିଛି। ଏଥିରେ ଜିଲ୍ଲାର ଐତିହାସିକ/ ପୌରାଣିକ ତଥା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ମଞ୍ଚର ରୂପ ଦିଆଯାଇ ଆସୁଅଛି। ଚଳିତ ବର୍ଷ କଳାହାଣ୍ଡିର କନ୍ଦାଗଡ଼ ର ପଥର ଶିଳ୍ପକୁ ମଞ୍ଚରୂପ ଦିଆଯାଇଛି। ଚଳିତ ଉତ୍ସବରେ ସ୍ୱାଭାବିକ ଠାରୁ ଅଧିକ ଭିଡ଼ ହେବ ବୋଲି ଆଶା କରାଯାଉ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତରଫରୁ ସର୍ବସାଧାରଣଙ୍କ ଗାଡ଼ି ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ତିନିଛକ ଏବଂ ଚାରିଛକ ରେ ପୋଲିସ ଚେକିଂ ବ୍ୟବସ୍ଥା ରହିଛି। ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଆୟୋଜକ କମିଟି ତରଫରୁ ବିଭିନ୍ନ ଷ୍ଟଲ ସହ ମିନା ବଜାର ବ୍ୟବସ୍ଥା କରାଯାଇଛି।ଏଥିପାଇଁ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଉତ୍ସବ କମିଟିର ଅଧକ୍ଷ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଆଇଏଏସ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଡିଏସପି ଡୋଳାମଣି ଭୋଇ, ଥାନା ଅଧିକାରୀ ସୁଦର୍ଶନ ନାୟକ, ସହ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ସମେତ ଧର୍ମଗଡ଼ ଉତ୍ସବ ସବ କମିଟି ର ସଦସ୍ୟ ଙ୍କ ବଳିଷ୍ଠ ନେତୃତ୍ୱରେ ଏଥର ଉତ୍ସବ କୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ପ୍ରୟାସ ଜାରି ରହିଛି।

## ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଦାବି ତେଜିଲା

**କୁନ୍ଦୁରା, ୧୫।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ଶତାଧିକ ଲୋକେ ଗୁରୁବାର କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ହାତରେ ଦାବିପତ୍ର ଧରି ବ୍ଲକ ପ୍ରଶାସନ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। ଆସନା ପଞ୍ଚାୟତରେ ଆସନା ଗ୍ରାମ ରହିଛି। ଉକ୍ତ ଗ୍ରାମକୁ ଭିତ୍ତି କରି ଆସନା ପଞ୍ଚାୟତ ନାମିତ ହୋଇଛି। ହେଲେ ପରୀତାପର ବିଷୟ ଦୀର୍ଘ ବର୍ଷ ହେବ ଆସନା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଆସନା ପଞ୍ଚାୟତ ଦର୍ଶାଇ ଉଦଲଗୁଡା ଗ୍ରାମରେ କାର୍ଯ୍ୟକ୍ଷମ ହେଉଛି। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆସନା ପଞ୍ଚାୟତ ପାଇଁ ଏକ ନୂତନ ପଞ୍ଚାୟତ ଭବନ ନିର୍ମାଣ ହେବାର ଅଛି। ଏନେଇ ଆସନା ଗ୍ରାମରେ ନୂତନ ପଞ୍ଚାୟତ ଭବନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଯୋଗ୍ୟ, ଆସନା ଗ୍ରାମରେ ନୂତନ ପଞ୍ଚାୟତ ଭବନ ନିର୍ମାଣ ପାଇଁ ଆସନା ପଞ୍ଚାୟତବାସୀ ଗତ ଡିସେମ୍ବର ୨ ତାରିଖରେ କୁନ୍ଦୁରା ବିଡ଼ିଓ, ତହସିଲଦାରଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ।

## ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରାୟଗଡ଼ା/ଟିକିରି, ୧୫।୧ (ସଂଚାର ବ୍ୟୁରୋ):** ବକ୍ସାଇଟ ଖଣି ଗନ୍ତାଘର ଭାବେ ବିଶ୍ୱ ପରିଚିତ କାଶୀପୁର ବ୍ଲକର ଜଣେ ୨୫ବର୍ଷୀୟ ଯୁବକ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି । ମୃତକ ଜଣକ ହେଲେ କୁଚେଇପଦର ଗ୍ରାମର ଲିଙ୍ଗରାଜ ମାଝିଙ୍କ ପୁଅ ଗୁରୁନାଥ ମାଝି । ସୂଚନା ମୁତାବକ ଗୁରୁନାଥ ତାମିଲନାଡୁ ରାଜ୍ୟର ଏକ ସୂତା କଳରେ ଶ୍ରମିକ ଭାବେ କାମ କରୁଥିଲେ । କମ୍ପାନୀରେ କାମ ସାରିବା ପରେ କୌଣସି କାର୍ଯ୍ୟ ପାଇଁ ବଜାରକୁ ଯାଇଥିବା ବେଳେ ଦୁର୍ଘଟଣା ହୋଇଥିଲା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।